# 2021 ର ଓଡିଶା ଅଧିନିୟମ 22

# ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଅଧିନିୟମ, 2021

ଓଡ଼ିଶା ରାଜ୍ୟରେ ଏକ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ନିଗମନ ପାଇଁ ବ୍ୟବସ୍ଥା କରିବା ଏବଂ ତତ୍ସଂପୃକ୍ତ ଓ ତତ୍ ଆନୁଷଙ୍ଗୀକ ବିଷୟ ଗୁଡିକ ନିମନ୍ତେ ବ୍ୟବସ୍ଥା କରିବା ସକାଶେ

ଯେହେତୁ, ଓଡ଼ିଶା ରାଜ୍ୟରେ ଅନନ୍ୟଭାବେ ଆଧୁନିକ ବୈଜ୍ଞାନିକ ଔଷଧ, ହୋମିଓପାଥି, ଆୟୁର୍ବେଦ, ଦନ୍ତ ଚିକିତ୍ସା ଶିକ୍ଷା, ମାନସିକ ସ୍ୱାସ୍ଥ୍ୟ, ଫାର୍ମାସୀ ଶିକ୍ଷା, ନର୍ସିଂ ଶିକ୍ଷା, ଲାବୋରାଟୋରି ଓ ରେଡିଏସନ୍ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ ଶିକ୍ଷା, ଫିଜିଓଥେରାପି ଓ ଅନ୍ୟ କୌଣସି ଡାକ୍ତରୀ ବା ପାରାମେଡିକାଲ ପାଠ୍ୟକ୍ରମରେ ଶିକ୍ଷାଦାନ କରୁଥିବା ଅନୁଷ୍ଠାନ ଗୁଡିକର ସହବନ୍ଧନ, ଉଚିତ ଓ ସୁଶୃଙ୍ଖଳ ଶିକ୍ଷାଦାନ, ପ୍ରଶିକ୍ଷଣ ଓ ଗବେଷଣାକୁ ସୁନିଶ୍ଚିତ କରିବା ଏବଂ ଭେଷଜବିଦ୍ୟା ଓ ସେ ସମ୍ବନ୍ଧୀୟ ବିଷୟ ଗୁଡିକରେ ବିଭିନ୍ନ ଶିକ୍ଷାଗତ କାର୍ଯ୍ୟକ୍ରମ ଗୁଡିକରେ ସମରୂପତା ରକ୍ଷା କରାଯିବା ଉଦ୍ଦେଶ୍ୟରେ ଏକ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱାବିଦ୍ୟାଳୟ ପ୍ରତିଷ୍ଠା ଓ ନିଗମିତ କରିବା ଏବଂ ତତ୍ ସଂପର୍କିତ ଓ ତତ୍ ଆନୁଷଙ୍ଗୀକ ବିଷୟ ଗୁଡିକ ନିମନ୍ତେ ବ୍ୟବସ୍ଥା କରିବା ସମୀଚୀନ ଅଟେ ;

ଭାରତ ଗଣରାଜ୍ୟର ବାସ୍ତରିତମ ବର୍ଷରେ ଓଡିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା:-

# ଅଧ୍ୟାୟ I

## ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ । 1. (କ) ଏହି ଅଧିନିୟମଟି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ଅଧିନିୟମ, ୨୦୨୧ଭାବରେ ଅଭିହିତ ହେଲା:-

(ଖ) ଏହା ସମଗ୍ର ଓଡ଼ିଶା ରାଜ୍ୟରେ ବିସ୍ତାରିତ ।

(ଗ) ରାଜ୍ୟ ସରକାର ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ, ଏହା ସେହି ତାରିଖରେ ବଳବତ୍ତର ହେବ ।

ସଂଜ୍ଞା । 2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନ ଥିଲେ ଏହି ଅଧିନିୟମରେ : -

(କ) "ସହବଦ୍ଧ ଅନୁଷ୍ଠାନ" ଅର୍ଥ ସ୍ୱାସ୍ଥ୍ୟ ବିଜ୍ଞାନ ଓ ସେ ସମ୍ବନ୍ଧୀୟ ବିଜ୍ଞାନରେ ଶିକ୍ଷା ଦାନ କରୁଥିବା ଏବଂ ଏହି ଅଧିନିୟମ ଓ କାନୁନ୍ ର ବ୍ୟବସ୍ଥା ଅନୁସାରେ ବିଶ୍ୱବିଦ୍ୟାଳୟ ସହିତ ସହବଦ୍ଧ ହୋଇଥିବା ଏକ ମହାବିଦ୍ୟାଳୟ ବା ଏକ ଅନୁଷ୍ଠାନ ଏବଂ ଏଥିରେ ଏହି ଅଧିନିୟମ ଅନୁଯାୟୀ ଏକ ସହବଦ୍ଧ ମହାବିଦ୍ୟାଳୟ ବା ଅନୁଷ୍ଠାନ ରୂପେ ବିବେଚିତ ହେଉଥିବା ଏକ ମହାବିଦ୍ୟାଳୟ ବା ଏକ ଅନୁଷ୍ଠାନ ଅନ୍ତର୍ଭୁକ୍ତ ଅଟେ ;

(ଖ) "ନିୟତ ତାରିଖ" ଅର୍ଥ ଧାରା 3 ର ଉପଧାରା (1) ଅନୁଯାୟୀ ନିୟତ ହୋଇଥିବା ତାରିଖ ;

(ଗ) "ଅନୁମୋଦିତ ଅନୁଷ୍ଠାନ" ଅର୍ଥ ଚିକିତ୍ସାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ସହବଦ୍ଧ ଅନୁଷ୍ଠାନ ବା ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଦ୍ୱାରା ଆବଶ୍ୟକ ହେବା ପ୍ରକାରେ କୌଣସି ଡିଗ୍ରୀ, ଡିପ୍ଲୋମା ବା ଅନ୍ୟ ଶିକ୍ଷାଗତ ଡିଷ୍ଟିଂସନ ଅର୍ପଣ କରିବା ପୂର୍ବରୁ ଜଣେ ବ୍ୟକ୍ତି ଯେଉଁ ତାଲିମ ନେବା ଦରକାର ହୋଇପାରେ, ତାହା ଯେଉଁ ଅନୁଷ୍ଠାନରେ ନେଇପାରିବେ, ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସେପରି ଅନ୍ୟ ଅନୁଷ୍ଠାନମାନ ;

(ଘ) "ପ୍ରାଧିକାରୀ" ଅର୍ଥ ଧାରା 16 ରେ ବିନିର୍ଦ୍ଦିଷ୍ଟ ହୋଇଥିବା ମତେ ବିଶ୍ୱବିଦ୍ୟାଳୟର ପ୍ରାଧିକାରୀ ;

(ଙ) "ସ୍ୱୟଂଶାସିତ ଅନୁଷ୍ଠାନ" ଅର୍ଥ ଯଥାସ୍ଥିତି, ଏକ ମହାବିଦ୍ୟାଳୟ ବା ଅନୁଷ୍ଠାନ, ଯାହାକୁ ସ୍ୱୟଂଶାସନ ମର୍ଯ୍ୟାଦା ମଞ୍ଜୁର କରାଯାଇଥିବ ଏବଂ କାନୁନ୍ ଦ୍ୱାରା ସେପରି ପଦନାମିତ ହୋଇଥିବ ;

(ଚ) "ବୋର୍ଡ" ଅର୍ଥ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ବୋର୍ଡ ;

(ଛ) "ମହାବିଦ୍ୟାଳୟ" ଅର୍ଥ ସ୍ୱାସ୍ଥ୍ୟ ବିଜ୍ଞାନରେ ଶିକ୍ଷାଦାନ କରୁଥିବା ଓ ବିଶ୍ୱବିଦ୍ୟାଳୟ ସହିତ ସହବଦ୍ଧ ହୋଇଥିବା ଏକ ଅନୁଷ୍ଠାନ ;

(ଜ) "ଶିକ୍ଷା ସଂସ୍ଥା" ଅର୍ଥ ଜଣେ ବ୍ୟକ୍ତି ବା ନିଗମିତ ହୋଇଥାଉ କି ହୋଇନଥାଉ ବ୍ୟକ୍ତି ମାନଙ୍କର ଏକ ନିକାୟ, ଯେ କି ବା ଯାହାକି ସ୍ୱାସ୍ଥ୍ୟ ବିଜ୍ଞାନ ସଂପର୍କିତ ସମସ୍ତ ବା ଯେ

କୌଣସି ବିଷୟରେ ଶିକ୍ଷାଦାନ ବା ଗବେଷଣା ବ୍ୟବସ୍ଥା ଥିବା ଏକ ବା ଏକାଧିକ ଘରୋଇ ମହାବିଦ୍ୟାଳୟ ପ୍ରତିଷ୍ଠା କରନ୍ତି ବା ଅନୁରକ୍ଷଣ କରନ୍ତି ବା ପରିଚାଳନା କରନ୍ତି ;

(ଝ) "ସରକାରୀ ମହାବିଦ୍ୟାଳୟ" ଅର୍ଥ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ତଥା ବିଶ୍ୱବିଦ୍ୟାଳୟ ସହିତ ସହବଦ୍ଧ ଏକ ମହାବିଦ୍ୟାଳୟ ;

(ଞ) "ହଷ୍ଟେଲ" ଅର୍ଥ ଏହି ଅଧିନିୟମ ବା କାନୁନ୍ ର ବ୍ୟବସ୍ଥା ଅନୁଯାୟୀ ବିଶ୍ୱବିଦ୍ୟାଳୟ ସହିତ ସହବଦ୍ଧ ଏକ ଅନୁଷ୍ଠାନର ବିଦ୍ୟାର୍ଥୀମାନଙ୍କ ସକାଶେ ଏକ ନିବାସ ସ୍ଥାନ;

(ଟ) "ସ୍ୱାସ୍ଥ୍ୟ ବିଜ୍ଞାନ"ଅର୍ଥ ମନୁଷ୍ୟମାନଙ୍କ ରୋଗନିବାରକ, ପରିବର୍ଦ୍ଧକ, ଆରୋଗ୍ୟକାରୀ ଓ ଥଇଥାନକାରୀ ସ୍ୱାସ୍ଥ୍ୟ ସଂପର୍କିତ ସମସ୍ତ ଶାଖାର ଆଧୁନିକ ବୈଜ୍ଞାନିକ ଔଷଧ ଏବଂ ଏଥିରେ ଦନ୍ତଚିକିତ୍ସା ବିଜ୍ଞାନ, ମାନସିକ ସ୍ୱାସ୍ଥ୍ୟ, ଆୟୁର୍ବେଦ, ହୋମିଓପାଥି ଓ ସମ୍ବନ୍ଧୀୟ ବିଜ୍ଞାନ ତଥା ପାରା ମେଡିକାଲ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ;

(ଠ) "ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ" ଅର୍ଥ "ଉତ୍କଳ ବିଶ୍ୱବିଦ୍ୟାଳୟ", "ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ", "ସମ୍ବଲପୁର ବିଶ୍ୱବିଦ୍ୟାଳୟ", ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, 1989 ଅନୁଯାୟୀ ପ୍ରତିଷ୍ଠିତ ହୋଇଛି ବୋଲି ବିବେଚିତ ହେଉଥିବା "ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ"ଏବଂ ଉକ୍ତ ଅଧିନିୟମ ଅନୁଯାୟୀ ପ୍ରତିଷ୍ଠିତ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟମାନ ;

(ଡ) "ପାରାମେଡିକାଲ ପାଠ୍ୟକ୍ରମ" ଅର୍ଥ ନର୍ସିଂ, ଫାର୍ମାସି, ଫିଜିଓଥେରାପି, ଅପ୍ଟୋମେଟ୍ରି, ରେଡିଓଲୋଜି, ଅଡିଓଲୋଜି, ସିଚ୍ ପାଥୋଲୋଜି, ମେଡିକାଲ ଆନାଟୋମି, ମେଡିକାଲ ବାୟୋକେମିଷ୍ଟ୍ରି, ମେଡିକାଲ ମାଇକ୍ରୋବାୟୋଲୋଜି, ଫିଜିଓଲୋଜି, ମେଡିକାଲ ଲାବୋରାଟୋରି ଟେକ୍ନୋଲୋଜି, ମେଡିକାଲ ରେଡିଏସନ ଟେକ୍ନୋଲୋଜି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚନା ଜରିଆରେ ଘୋଷଣା କରାଯିବା ପ୍ରକାରେ ସେପରି ଅନ୍ୟାନ୍ୟ ପାଠ୍ୟକ୍ରମରେ ଶିକ୍ଷା, ଗବେଷଣା ଓ ତାଲିମ ସଂକ୍ରାନ୍ତରେ କାର୍ଯ୍ୟକ୍ରମ ;

(ଢ) "ବିହିତ" ଅର୍ଥ କାନୁନ୍, ଅଧ୍ୟାଦେଶ ଓ ବିନିୟମ ଦ୍ୱାରା ବିହିତ ;

(ଣ) "ଘରୋଇ ମହାବିଦ୍ୟାଳୟ" ଅର୍ଥରାଜ୍ୟ ସରକାର ବା କେନ୍ଦ୍ର ସରକାର ବା ସ୍ଥାନୀୟ ପ୍ରାଧିକାରୀଙ୍କ ଦ୍ୱାରା ପ୍ରତିଷ୍ଠା ଓ ଅନୁରକ୍ଷଣ ହେଉନଥିବା ଏକ ମହାବିଦ୍ୟାଳୟ ;

(ତ) "ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ" ଅର୍ଥ ଏକ ସହବଦ୍ଧ ଅନୁଷ୍ଠାନ ଭିନ୍ନ, ଉଚ୍ଚତର ବିଦ୍ୟାଶିକ୍ଷା, ଗବେଷଣା ବା ବିଶେଷ ଅଧ୍ୟୟନ ନିମନ୍ତେ ଉଦ୍ଦିଷ୍ଟ ଓ ବିଶ୍ୱବିଦ୍ୟାଳୟ ଦ୍ୱାରା ସେଭାବେ ସ୍ୱୀକୃତିପ୍ରାପ୍ତ ଏକ ଅନୁଷ୍ଠାନ ;

(ଥ) "ବିନିୟାମକ ନିକାୟ" ଅର୍ଥ ଭାରତୀୟ ଡାକ୍ତରୀ ପରିଷଦ ଅଧିନିୟମ, 1956 ର ଧାରା 3 ଅନୁଯାୟୀ ଗଠିତ ଭାରତୀୟ ଡାକ୍ତରୀ ପରିଷଦ, ଭାରତୀୟ ଭେଷଜ କେନ୍ଦ୍ରୀୟ ପରିଷଦ, 1970 ର ଧାରା 3 ଅନୁଯାୟୀ ଗଠିତ ଭାରତୀୟ ଭେଷଜ କେନ୍ଦ୍ରୀୟ ପରିଷଦ, ହୋମିଓପାଥି କେନ୍ଦ୍ରୀୟ ପରିଷଦ, 1973 ଅନୁଯାୟୀ ଗଠିତ ହୋମିଓପାଥି କେନ୍ଦ୍ରୀୟ ପରିଷଦ, ଦନ୍ତ ଚିକିତ୍ସକ ଅଧିନିୟମ, 1948 ର ଧାରା 3 ଅନୁଯାୟୀ ଗଠିତ ଭାରତୀୟ ଦନ୍ତ ଚିକିତ୍ସା ପରିଷଦ, ଭାରତୀୟ ନର୍ସିଂ ପରିଷଦ ଅଧିନିୟମ, 1947 ର ଧାରା 3 ଅନୁଯାୟୀ ଗଠିତ ଭାରତୀୟ ନର୍ସିଂ ପରିଷଦ, ଫାର୍ମାସୀ ଅଧିନିୟମ, 1948 ର ଧାରା 3 ଅନୁଯାୟୀ ଭାରତୀୟ ଫାର୍ମାସୀ ପରିଷଦ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମ, 1956 ର ଧାରା 4 ଅନୁଯାୟୀ ଗଠିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ଏବଂ ଆଧୁନିକ ବୈଜ୍ଞାନିକ ଔଷଧ, ଆୟୁର୍ବେଦ, ହୋମିଓପାଥି, ଦନ୍ତ ଚିକିତ୍ସା, ମାନସିକ ସ୍ୱାସ୍ଥ୍ୟର ସମସ୍ତ ଶାଖା ତଥା ପାରାମେଡିକାଲ ବିଷୟରେ ଶିକ୍ଷାର ମାନ ସୁନିଶ୍ଚିତ କରିବା ପାଇଁ ନୀତିନିୟମ ଓ ସର୍ତ୍ତାବଳୀ ପ୍ରଣୟନ କରିବା ନିମନ୍ତେ ରାଜ୍ୟ ସରକାର ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ସେପରି ଅନ୍ୟାନ୍ୟ ନିକାୟମାନ ଏହାର ଅନ୍ତର୍ଗତ ଅଟେ ;

(ଦ) "କାନୁନ୍", "ଅଧ୍ୟାଦେଶ" ଓ "ବିନିୟମ" ଅର୍ଥ ଯଥାକ୍ରମେ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ବିଶ୍ୱବିଦ୍ୟାଳୟର "କାନୁନ୍", "ଅଧ୍ୟାଦେଶ" ଓ "ବିନିୟମ";

(ଧ) "ବିଦ୍ୟାର୍ଥୀ" ଅର୍ଥ କୌଣସି ସହବଦ୍ଧ ମହାବିଦ୍ୟାଳୟ ବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ପାଠ୍ୟକ୍ରମରେ ନାମ ଲେଖାଇଥିବା ବା ହାଉସମେନସିପ୍ ବା ଇଣ୍ଟର୍ଣ୍ଣସିପବା ରେସିଡେନସି କାର୍ଯ୍ୟକ୍ରମ କରୁଥିବା ବା ଗବେଷଣା କରୁଥିବା ଜଣେ ଅଂଶକାଳୀନ ବା ପୂରାକାଳୀନ ବିଦ୍ୟାର୍ଥୀ ;

(ନ) "ବିଶ୍ୱବିଦ୍ୟାଳୟ" ଅର୍ଥ ଧାରା 3 ଅନୁଯାୟୀ ପ୍ରତିଷ୍ଠା କରାଯାଇଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ।

## ଅଧ୍ୟାୟ II

# ବିଶ୍ୱବିଦ୍ୟାଳୟ

ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଓ ନିଗମନ ।

3. (1)ରାଜ୍ୟ ସରକାର ଏତଦୁପଲକ୍ଷେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ, ସେହିତାରିଖ ଠାରୁ ଓଡିଶା ରାଜ୍ୟରେ "ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ" ନାମକ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ।

(2)ଶାଶ୍ୱତ **ଉତ୍ତରାଧିକାର** ଓ ଏକ ସାଧାରଣ ମୋହର ଥାଇ ବିଶ୍ୱବିଦ୍ୟାଳୟଟି ଏକ ନିଗମ ନିକାୟ ହେବ ଏବଂ ଏହି ଅଧିନିୟମର ବ୍ୟବସ୍ଥାଗୁଡିକ ପ୍ରତି ସାପେକ୍ଷ ହୋଇ ତାହାର ଉଭୟ ଅସ୍ଥାବର ଓ ସ୍ଥାବର **ସଂପତ୍ତି** ଅର୍ଜନ କରିବା, ଧାରଣ କରିବା ଓ ହସ୍ତାନ୍ତର କରିବା ଏବଂ ଚୁକ୍ତି କରିବା କ୍ଷମତା ରହିବ ଏବଂ ଉକ୍ତ ନାମରେ ଏହା ମକଦ୍ଦମା କରିପାରିବ ଓ ଏହା ବିରୁଦ୍ଧରେ ମକଦ୍ଦମା କରାଯାଇପାରିବ ।

(3) ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ରହିବ ।

(4) ବିଶ୍ୱବିଦ୍ୟାଳୟଟି ଏକ ସହବନ୍ଧନକାରୀ ବିଶ୍ୱବିଦ୍ୟାଳୟ ହେବ ।

ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ।

4. ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଗୁଡିକ ନିମ୍ନରେ ଉଲ୍ଲେଖ କରାଗଲା ; -

(କ) ସହବଦ୍ଧ ଅନୁଷ୍ଠାନଗୁଡିକର ଶୈକ୍ଷିକ ମାନ ବିନିୟମିତ କରିବା ;

(ଖ) ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଅଦ୍ୟତନ ନୂତନ ପାଠ୍ୟକ୍ରମ ଓ ପାଠ୍ୟସୂଚୀ ପ୍ରସ୍ତୁତ କରିବା ;

(ଗ) ଚିକିତ୍ସା ସଂବଂଧୀୟ ଗବେଷଣାକୁ ବିକଶିତ ଓ ପ୍ରୋତ୍ସାହିତ କରି ସ୍ୱାସ୍ଥ୍ୟ ବିଜ୍ଞାନ ଓ ସେ ସଂପର୍କିତ ଅନ୍ୟାନ୍ୟ କ୍ଷେତ୍ରରେ ବିଦ୍ୟାଶିକ୍ଷା ଓ ଜ୍ଞାନର ପ୍ରସାର କରିବା ;

(ଘ) ଅନ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଅନୁଷ୍ଠାନଗୁଡିକ ସହ ସଂପର୍କ ସ୍ଥାପନ ନିମନ୍ତେ ନୋଡାଲ ସଂସ୍ଥା ରୂପେ କାର୍ଯ୍ୟ କରିବା ;

(ଙ) ବିଭିନ୍ନ ପଦ୍ଧତିର ଔଷଧ ବିଷୟରେ ଆଲୋଚନା ନିମନ୍ତେ ଏକ ମଂଚ ସୃଷ୍ଟି କରିବା ;

(ଚ) ସହବଦ୍ଧ ଅନୁଷ୍ଠାନଗୁଡିକ ମଧ୍ୟରେ ମିଳିତ ଗବେଷଣା କାର୍ଯ୍ୟକ୍ରମ ଓ ବିଭିନ୍ନ ପଦ୍ଧତିର ଔଷଧ ମଧ୍ୟରେ ସଂହତି ରକ୍ଷାର ସମ୍ଭାବନା ସଂପର୍କରେ ଅନ୍ୱେଷଣ କରିବା ;

(ଛ) ଏକ ଦ୍ରୁତ ବିକାଶଶୀଳ ଓ **ପରିବର୍ତ୍ତନଶୀଳ** ସମାଜରେ ଜ୍ଞାନ ଆହରଣକୁ ଉତ୍ସାହିତ କରିବା ଏବଂ ଆଧୁନିକ ଯୋଗାଯୋଗ, ଗଣମାଧ୍ୟମ ଓ ପ୍ରଯୁକ୍ତି ବିଜ୍ଞାନର ଉପଯୋଗ କରି ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ନୂତନ ଭାବର ପ୍ରବର୍ତ୍ତନ, ଗବେଷଣା ଓ ଆବିଷ୍କାର ନିମନ୍ତେ ଜ୍ଞାନର ବିକାଶ ଏବଂ ପ୍ରଶିକ୍ଷଣ ଓ ଦକ୍ଷତାର ବିକାଶ ନିମନ୍ତେ ସୁଯୋଗ ସୃଷ୍ଟି କରିବା ;

(ଜ) ଉପରୋକ୍ତ ଲକ୍ଷ୍ୟ ଗୁଡିକ ହାସଲ କରିବା ପାଇଁ ଆବଶ୍ୟକ ହେବା ମତେ ସେପରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନେବା ।

ବିଶ୍ୱବିଦ୍ୟାଳୟର କ୍ଷମତା ଓ କୃତ୍ୟମାନ ।

5. ବିଶ୍ୱବିଦ୍ୟାଳୟ ନିମ୍ନଲିଖିତ କ୍ଷମତାମାନ ପ୍ରୟୋଗ କରିବ ଓ କୃତ୍ୟମାନ ସଂପାଦନ କରିବ;-

(କ) କୌଣସି ସହବନ୍ଧ ବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ଅନୁମୋଦିତ ପାଠ୍ୟକ୍ରମରେ ଅଧ୍ୟୟନ କରିଥିବା ବ୍ୟକ୍ତିମାନେ ଯଦି ବିହିତ ରୀତିରେ କୌଣସି ପରୀକ୍ଷା ଦେବାରୁ ଛାଡ ପାଇ ନ ଥାନ୍ତି ଓ ବିଶ୍ୱବିଦ୍ୟାଳୟର ବିହିତ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇଥାନ୍ତି ସେମାନଙ୍କ ପାଇଁ ବା ବିହିତ ହେବା ମତେ ସେପରି ସର୍ତ୍ତାବଳୀ ଅନୁଯାୟୀ ସନ୍ତୋଷଜନକ ଭାବେ ଗବେଷଣା କରିଥାନ୍ତି, ଯାହାକି, ଯଥାବିଧି ମୂଲ୍ୟାୟନ ହୋଇଥାଏ, ସେମାନଙ୍କ ପାଇଁ ପରୀକ୍ଷା କରିବା ବା ଡିଗ୍ରୀ ବା ଅନ୍ୟ ଶିକ୍ଷାଗତ ଡିଷ୍ଟିଂସନ ଅର୍ପଣ କରିବା ;

(ଖ) ଡିଗ୍ରୀ, ଡିପ୍ଲୋମା, ପ୍ରମାଣପତ୍ର ଓ ସେପରି ଅନ୍ୟାନ୍ୟ ଶିକ୍ଷାଗତ ଡିଷ୍ଟିଂସନମାନ ପ୍ରଦାନ ପାଇଁ ବ୍ୟବସ୍ଥା କରିବା ଓ ଅର୍ପଣ କରିବା ;

(ଗ) ସ୍ୱାସ୍ଥ୍ୟ ଓ ସେ ସମ୍ବନ୍ଧୀୟ ବିଜ୍ଞାନରେ ଗବେଷଣା ଓ ଜ୍ଞାନର ଅଭିବୃଦ୍ଧି ଓ ବିସ୍ତାର ନିମନ୍ତେ ବ୍ୟବସ୍ଥା କରିବା ;

(ଘ) ଯେପରି ବିହିତ ହୋଇପାରେ ସେପରି ସର୍ତ୍ତାବଳୀ ଅନୁସାରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନଜନକ ଉପାଧି ବା ଅନ୍ୟ ଡିଷ୍ଟିଂସନ ଅର୍ପଣ କରିବା ;

(ଙ) କେଉଁ ପରିସ୍ଥିତିରେ କୌଣସି ଡିଗ୍ରୀ, ଉପାଧି, ଡିପ୍ଲୋମା ପ୍ରମାଣପତ୍ର ଓ ଅନ୍ୟ ଶିକ୍ଷାଗତ ଡିଷ୍ଟିଂସନର ଅର୍ପଣକୁ ସ୍ଥଗିତ ରଖାଯାଇ ପାରିବ, ତାହା ବିହିତ କରିବା ;

(ଚ) କାନୁନ୍ ଦ୍ୱାରା ବିହିତ ହେବା ମତେ ସେପରି ପରିସ୍ଥିତିରେ, ପ୍ରଭାବିତ ହେଉଥିବା ବ୍ୟକ୍ତିଙ୍କୁ ନିଜର ପକ୍ଷ ଉପସ୍ଥାପନ କରିବା ପାଇଁ ଏକ ଯୁକ୍ତିଯୁକ୍ତ ସୁଯୋଗ ଦେବା ପରେ ଡିଗ୍ରୀ, ଉପାଧି, ଡିପ୍ଲୋମା, ପ୍ରମାଣପତ୍ର ବା ଅନ୍ୟ ଶିକ୍ଷାଗତ ଡିଷ୍ଟିଂସନ ପ୍ରତ୍ୟାହାର ବା ରଦ୍ଦ କରିବା ;

(ଛ) ବିଶ୍ୱବିଦ୍ୟାଳୟର ଗବେଷଣା ଓ ଅନ୍ୟ କାର୍ଯ୍ୟକ୍ରମମାନ ସଂଚାଳନ କରିବା ନିମନ୍ତେ ଅନୁଷ୍ଠାନ ଗୁଡିକୁ ସ୍ୱୀକୃତି ଦେବା ପାଇଁ ସର୍ତ୍ତାବଳୀ ବିହିତ କରିବା ଏବଂ ଉକ୍ତ ସର୍ତ୍ତାବଳୀ ପୂରଣ କରୁଥିବା ଅନୁଷ୍ଠାନଗୁଡିକୁ ସ୍ୱୀକୃତି ମଞ୍ଜୁର କରିବା ଓ ସେପରି ସ୍ୱୀକୃତି ପ୍ରତ୍ୟାହାର କରିବା ;

(ଜ) ଯେଉଁଠାରେ ସମ୍ଭବ ବିଦ୍ୟାର୍ଥୀମାନଙ୍କ ପାଠ୍ୟକ୍ରମର ଏକ ଅଂଶ ବିଶେଷ ସ୍ୱରୂପ ସେମାନଙ୍କ ସହଯୋଗରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଅନୁଯାୟୀ ଉନ୍ନୟନମୂଳକ ପରିଯୋଜନାଗୁଡିକର ମାନନିର୍ଦ୍ଧାରଣ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡିକ ସମ୍ବନ୍ଧରେ ପରିସଂଖ୍ୟାନ, ତଥ୍ୟ ଓ ଅନ୍ୟାନ୍ୟ ବିବରଣୀର ସର୍ବେକ୍ଷଣ ଓ ସଂଗ୍ରହ ନିମନ୍ତେ ସହବନ୍ଧ ଅନୁଷ୍ଠାନ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନମାନଙ୍କରେ ବ୍ୟବସ୍ଥା କରିବା ;

(ଝ) ସହବନ୍ଧନ ଓ ସାମୟିକ ସ୍ୱୀକୃତି ଅବ୍ୟାହତ ରଖିବା ପାଇଁ ମଞ୍ଜୁରି ନିମନ୍ତେ ସହବନ୍ଧ ଅନୁଷ୍ଠାନ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକର ଶିକ୍ଷା ବିଷୟକ କାର୍ଯ୍ୟ ସଂପାଦନ ଅନୁଧ୍ୟାନ

କରିବା ଓ ମାନନିର୍ଦ୍ଧାରଣ କରିବା ଏବଂ ଯଦି ତାହା ଅଧିନିୟମ, କାନୁନ୍, ବିନିୟମ,ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଣୟନ କରାଯାଇଥିବା ଅଧାଦେଶର କୌଣସି ବ୍ୟବସ୍ଥା ଉଲ୍ଲଂଘନ କରେ ବା କୌଣସି ବିନିୟାମକ ନିକାୟ ଦ୍ୱାରା ଜାରି କରାଯାଇଥିବା କୌଣସି ନିୟମ, ବିନିୟମ, ଅନୁଦେଶ ଓ ମାର୍ଗଦର୍ଶନର କୌଣସି ବ୍ୟବସ୍ଥାର ଉଲ୍ଲଂଘନ କରେ ତେବେ ତାହାର ସହବନ୍ଧନ ରଦ୍ଦ କରିବା ;

(ଞ) ସହବଦ୍ଧ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକୁ ନିରୀକ୍ଷଣ କରିବା ଉଦ୍ଦେଶ୍ୟରେ ସ୍ଥାପିତ ନିକାୟ ଜରିଆରେ ଆବଶ୍ୟକସ୍ଥଳେ ସେଗୁଡିକୁ ନିରୀକ୍ଷଣ କରିବା ଏବଂ ସେଗୁଡିକ ଦ୍ୱାରା ଯେପରି ଉଚିତ ମାନର ଶିକ୍ଷାଦାନ ଓ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଏ ତଥା ପର୍ଯ୍ୟାପ୍ତ ପାଠାଗାର, ପ୍ରୟୋଗଶାଳା, ଚିକିତ୍ସାଳୟ, ଫାକଲଟି ଓ ଅନ୍ୟ ଶିକ୍ଷା ସଂପର୍କିତ ସୁବିଧା ସୁଯୋଗ ଯୋଗାଇ ଦିଆଯାଏ ତାହା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବା ;

(ଟ) ସହବଦ୍ଧ ଅନୁଷ୍ଠାନ ବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକର ଶିକ୍ଷକ ଓ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର, **ଅଧିଛାତ୍ରବୃତ୍ତି, ଗସ୍ତଅଧିଛାତ୍ରବୃତ୍ତି,ବିଦ୍ୟାବୃତ୍ତି,ଛାତ୍ରବୃତ୍ତି**ପଦକ ଓ ଅନ୍ୟ ପ୍ରକାର ପୁରସ୍କାର ପ୍ରଦାନ ପାଇଁ ବ୍ୟବସ୍ଥା କରିବା ;

(ଠ) ସହବଦ୍ଧ ଅନୁଷ୍ଠାନଗୁଡିକରେ ଶିକ୍ଷକ ଓ ଅଣ-ଶିକ୍ଷାଦାୟୀ କର୍ମଚାରୀମାନଙ୍କ ପ୍ରଶିକ୍ଷଣ ଓ **ଗୁଣବତ୍ତା**ର ବିକାଶ ନିମନ୍ତେ ବ୍ୟବସ୍ଥା କରିବା ;

(ଡ) କାନୁନ୍ ଅନୁସାରେ ସହବଦ୍ଧ ଅନୁଷ୍ଠାନଗୁଡିକର ଶିକ୍ଷକ ଓ ଅଣଶିକ୍ଷାଦାୟୀ କର୍ମଚାରୀମାନଙ୍କ କାର୍ଯ୍ୟ ସଂପାଦନାର ସାମୟିକ ମୂଲ୍ୟାୟନ କରିବା ପାଇଁ ବ୍ୟବସ୍ଥା କରିବା ;

(ଢ) ବିହିତ ହେବା ମତେ ଶିକ୍ଷାଦାନ **ନିର୍ଘଂଟ**ସମୟ ମଧ୍ୟରେ ଓ ଶିକ୍ଷାଦାନ **ନିର୍ଘଂଟ** ସମୟ ବାହାରେ ସହବଦ୍ଧ ଅନୁଷ୍ଠାନଗୁଡିକର ପରିସର ମଧ୍ୟରେ ଶିକ୍ଷକମାନଙ୍କର ଉପସ୍ଥିତିକୁ ବିନିୟମିତ କରିବା ଏବଂ ଶିକ୍ଷକ ମାନଙ୍କ ଘରୋଇ ଟିଉସନ ବା ଘରୋଇ କୋଚିଂ କ୍ଲାସ ବା ଘରୋଇ ଚିକିତ୍ସା ସେବାକୁ ନିଷିଦ୍ଧ କରିବା ;

(ଣ) ସହବଦ୍ଧ ଅନୁଷ୍ଠାନ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକର ପରିଚାଳନା ପାଇଁ ଆଚାର ସଂହିତା ବିହିତ କରିବା ;

(ତ) ଆବଶ୍ୟକ ହେବା ସ୍ଥଳେ, -

i. ଏକ ମୁଦ୍ରଣ ଓ ପ୍ରକାଶନ ବିଭାଗ ;

ii. ସୂଚନା ବ୍ୟୁରୋ ;

କୁଳପତି ଉକ୍ତ ବୈଠକରେ କାର୍ଯ୍ୟ ବିବରଣୀ କୁଳାଧିପତିଙ୍କ ପଠନାର୍ଥେ ଉପସ୍ଥାପନ କରିବେ ।

(3)କୁଳାଧିପତି, ବିଶ୍ୱବିଦ୍ୟାଳୟର ସ୍ୱାର୍ଥ ଦୃଷ୍ଟିରୁ ଯେପରି ଉପଯୁକ୍ତ ବିବେଚନା କରିବେ ବିଶ୍ୱବିଦ୍ୟାଳୟରବ୍ୟାପାର ସଂପର୍କିତ ସେପରି ସୂଚନା ଓ ରେକର୍ଡ ମଗାଇପାରିବେ ଏବଂ ତାହା ଉପରେ ସେପରି ନିର୍ଦ୍ଦେଶମାନ ଦେଇପାରିବେ ଏବଂ ବିଶ୍ୱବିଦ୍ୟାଳୟର ପ୍ରାଧିକାରୀ ଓ ଅଧିକାରୀମାନେ ଉକ୍ତ ନିର୍ଦ୍ଦେଶମାନ ଅନୁପାଳନ କରିବେ ।

(4)କୁଳପତିଙ୍କ ଠାରୁ ଲିଖିତରିପୋର୍ଟ ପାଇବା ପରେ ଯଦି କୌଣସି ପ୍ରାଧିକାରୀ, ନିକାୟ, କମିଟି ବା ଅଧିକାରୀଙ୍କର କୌଣସି ସଂକଳ୍ପ, ଆଦେଶ ବା କାର୍ଯ୍ୟବିଧି ଏହି ଅଧିନିୟମ, କାନୁନ୍ ବା ବିନିୟମସହିତ ଅସଙ୍ଗତ ହେଉଛି ବା ବିଶ୍ୱବିଦ୍ୟାଳୟର ସ୍ୱାର୍ଥର ଅନୁକୂଳ ନୁହେଁ ବୋଲି କୁଳାଧିପତି ମତପୋଷଣ କରନ୍ତି, ତେବେ ସେ ତାହାକୁ ନିଲମ୍ବନ କରିପାରିବେ ବା ବଦଳାଇପାରିବେ ଏବଂ ବିଶ୍ୱବିଦ୍ୟାଳୟର ପ୍ରାଧିକାରୀ, ନିକାୟ, କମିଟି ଓ ଅଧିକାରୀ ତାହାକୁ ଅନୁପାଳନ କରିବେ :

ପରନ୍ତୁ ସେପରି କୌଣସି ଆଦେଶ ଦେବା ପୂର୍ବରୁ, କୁଳାଧିପତି ଉକ୍ତ ପ୍ରାଧିକାରୀ, ନିକାୟ, କମିଟି ବା ଯଥାସ୍ଥିତି, ଅଧିକାରୀଙ୍କୁ ସେପରି ଏକ ଆଦେଶ କାହିଁକି ଦିଆନଯିବ, ବିନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ତାହାର କାରଣ ଦର୍ଶାଇବାକୁ ସୁଯୋଗଦେବେ ଏବଂ ଯଦି କୌଣସି କାରଣ ଦର୍ଶାଯାଏ, ତେବେ କୁଳାଧିପତି ତାହାକୁ ବିଚାର କରିବେ ଏବଂ ଯେତେବେଳେ ସେ ଆବଶ୍ୟକ ମନେକରିବେ, ସରକାରଙ୍କ ସହିତ ପରାମର୍ଶ କରିବା ପରେ, ଉକ୍ତ ବିଷୟରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା **ନିଷ୍ପତି** କରିବେ, ଏବଂ ଉକ୍ତ **ନିଷ୍ପତି** ଚୂଡ଼ାନ୍ତ ହେବ ।

(5) ଯେତେବେଳେ କୁଳାଧିପତିଙ୍କ ମତରେ ବିଶ୍ୱବିଦ୍ୟାଳୟର ପ୍ରାଧିକାରୀ ବା ନିକାୟର କୌଣସି ମନୋନୀତ ବା ନିଯୁକ୍ତ ବା ବରିତ ସଦସ୍ୟଙ୍କ ଆଚରଣ ବିଶ୍ୱବିଦ୍ୟାଳୟ ବା କୌଣସି ପ୍ରାଧିକାରୀ ବା ନିକାୟ ବା କମିଟିର ସୂଚାରୁ କାର୍ଯ୍ୟ ସମ୍ପାଦନ ପ୍ରତି ହାନିକାରକ ଅଟେ, ସେତେବେଳେ, କୁଳାଧିପତି ଉକ୍ତ ସଦସ୍ୟଙ୍କୁ ଲିଖିତାକାରରେ ତାହାର ସ୍ପଷ୍ଟୀକରଣ ଦେବାକୁ ଏକ ସୁଯୋଗ ଦେବା ପରେ ଏବଂ ଯଦି କୌଣସି ସ୍ପଷ୍ଟୀକରଣ ଦିଆଯାଏ ତେବେ ତାହାକୁ ବିଚାର କରିବା ପରେ, ଏବଂ ଉକ୍ତ ସଦସ୍ୟଙ୍କୁ ନିଲମ୍ବନ ବା ଅଯୋଗ୍ୟ କରିବା ଆବଶ୍ୟକ ବୋଲି ତାଙ୍କର ହୃଦବୋଧ ହେଲେ, କୁଳାଧିପତି ଉପଯୁକ୍ତ ବିବେଚନା କରିବା ମତେ ଉକ୍ତ ସଦସ୍ୟଙ୍କୁ ସେପରି ଅବଧି ପାଇଁ ନିଲମ୍ବନ ବା ଅଯୋଗ୍ୟ ଘୋଷିତ କରିପାରିବେ ;

(6) କୁଳାଧିପତି, ବିଶ୍ୱବିଦ୍ୟାଳୟ ଦ୍ୱାରା ବା ତାହା ତରଫରୁ ବା କୌଣସି ସହବନ୍ଧ ଅନୁଷ୍ଠାନ ବା ତାହାର ପୃଷ୍ଠପୋଷକତା ଅଧୀନରେ ଥିବା କୌଣସି ଅନୁଷ୍ଠାନ ଦ୍ୱାରା କରାଯାଉଥିବା କୌଣସି କାର୍ଯ୍ୟ ଏବଂବିଶ୍ୱବିଦ୍ୟାଳୟର ପରୀକ୍ଷା ସଂଚାଳନ ବା ଅନ୍ୟ କୃତ୍ୟ ଗୁଡିକ ସଂପର୍କରେ, ସେ ନିର୍ଦ୍ଦେଶ ଦେବା ମତେ ସେପରି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ଦ୍ୱାରା ବା ବ୍ୟକ୍ତିମାନଙ୍କ ଏକ ନିକାୟ ଦ୍ୱାରା ନିରୀକ୍ଷଣ କରାଇବା ପାଇଁ ତଥା ସେହି ଏକା ରୀତିରେ ବିଶ୍ୱବିଦ୍ୟାଳୟ ବା କୌଣସି ସହବନ୍ଧ ଅନୁଷ୍ଠାନର ପ୍ରଶାସନିକ ବା ଅର୍ଥ ସଂପର୍କିତ ବିଷୟଗୁଡିକ ସଂକ୍ରାନ୍ତରେ ତଦନ୍ତ କରାଇବା ପାଇଁ ତାଙ୍କର ଅଧିକାର ରହିବ ;

(7)କୁଳାଧିପତି, ପ୍ରତ୍ୟେକ କ୍ଷେତ୍ରରେ ନିରୀକ୍ଷଣ ବା ତଦନ୍ତ କରାଇବା ପାଇଁ ତାଙ୍କର ଅଭିପ୍ରାୟ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟକୁ ଯଥାବିଧି ନୋଟିସ ଦେବେ ଏବଂ ବିଶ୍ୱବିଦ୍ୟାଳୟ ନିଜର ଜଣେ ପ୍ରତିନିଧି ନିଯୁକ୍ତି କରିବାକୁ ହକ୍‌ଦାର ହେବ, ଯାହାଙ୍କର ନିରୀକ୍ଷଣ ବା ତଦନ୍ତ ସମୟରେ ଉପସ୍ଥିତ ରହିବା ଓ ପକ୍ଷରଖିବା ପାଇଁ ଅଧିକାର୍ ରହିବ ;

(8) ନିରୀକ୍ଷଣ ବା ତଦନ୍ତ କରାଯିବା ପରେ ଉକ୍ତ ନିରୀକ୍ଷଣ ବା ତଦନ୍ତର ଫଳାଫଳ ସଂକ୍ରାନ୍ତରେ କୁଳାଧିପତି କୁଳପତିଙ୍କୁ ଜଣାଇବେ ଏବଂ କୁଳପତି ବୋର୍ଡକୁ କୁଳାଧିପତିଙ୍କ ମତ ଜଣାଇବେ ଓ ବୋର୍ଡ ତାହା ଉପରେ ନିଜର ମତାମତ କୁଳାଧିପତିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ମତେ ସେପରି ସମୟସୀମା ମଧ୍ୟରେ ତାଙ୍କ ଜରିଆରେ କୁଳାଧିପତିଙ୍କ ନିକଟକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେବେ ଏବଂ ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବୋର୍ଡ ନିଜର ମତାମତ ଜଣାନ୍ତି, ତେବେ ଉକ୍ତ ମତାମତକୁ ବିଚାରକୁ ନେଇ ଅଥବା ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବୋର୍ଡ ତାହାର ମତାମତ ଜଣାଇବାରେ ବିଫଳ ହୁଏ, ତେବେ କୁଳାଧିପତି କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ବୋର୍ଡକୁ ପରାମର୍ଶ ଦେବେ ଏବଂ ଉକ୍ତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଏକ ସମୟସୀମା ଧାର୍ଯ୍ୟ କରିବେ ।

(9) ସେପରି ଧାର୍ଯ୍ୟ ହୋଇଥିବା ସମୟସୀମା ମଧ୍ୟରେ ବୋର୍ଡ କୁଳାଧିପତି ଦେଇଥିବା ପରାମର୍ଶ ଅନୁସାରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବା ଗ୍ରହଣ କରିବାକୁ ପ୍ରସ୍ତାବ କରାଯାଇଅଛି, ସେ ବିଷୟରେ କୁଳପତିଙ୍କ ଜରିଆରେ ତାଙ୍କୁ ରିପୋର୍ଟ କରିବେ ;

(10) ଯେବେ ବୋର୍ଡ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୁଳାଧିପତିଙ୍କୁ ସନ୍ତୁଷ୍ଟ କରିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବ ଏବଂ ବୋର୍ଡ ଦ୍ୱାରା ଦିଆଯାଇଥିବା କୌଣସି ସ୍ପଷ୍ଟୀକରଣ ବା ନିବେଦନକୁ ବିଚାର କରିବା ପରେ, କୁଳାଧିପତି ଉପଯୁକ୍ତ ମନେ କରିବା ମତେ ସେପରି ନିର୍ଦ୍ଦେଶ ଦେଇପାରିବେ ଏବଂ ବୋର୍ଡ ବା ସଂପୃକ୍ତ ଅନ୍ୟ ପ୍ରାଧିକାରୀ ଉକ୍ତ ନିର୍ଦ୍ଦେଶକୁ ଅନୁପାଳନ କରିବେ ;

(11) **ପୂର୍ବବର୍ତ୍ତୀ** ଉପଧାରା ଗୁଡିକରେ ଯାହାକିଛି ଥିବା **ସତ୍ତେ**, ଯଦି କୁଳାଧିପତିଙ୍କ ମତରେ କୌଣସି ବିଷୟରେ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟଗୁଡିକୁ ହାସଲ କରିବା ଦିଗରେ ବା ଏହି ଅଧିନିୟମ, କାନୁନ୍ ଓ ବିନିୟମ ଅନୁସାରେ ବିଶ୍ୱବିଦ୍ୟାଳୟର ବ୍ୟାପାର ପରିଚାଳିତ ହେଉ ନାହିଁ ଅଥବା ବିଶ୍ୱବିଦ୍ୟାଳୟର ପରୀକ୍ଷା, ପ୍ରାଶାସନ ବା ଅର୍ଥ ବ୍ୟବସ୍ଥାର ମାନ ରକ୍ଷା କରିବା ଦିଗରେ ସତନ୍ତ୍ର ପଦକ୍ଷେପ ନିଆଯିବା ଆବଶ୍ୟକ, ତେବେ, କୁଳାଧିପତି ଯେଉଁ ବିଷୟରେ ସ୍ପଷ୍ଟୀକରଣ ଚାହୁଁଥିବେ ସେ ବିଷୟରେ କୁଳପତିଙ୍କ ଜରିଆରେ ବୋର୍ଡକୁ ଜଣାଇବେ ଏବଂ ସେ ନିର୍ଦ୍ଧାରିତ କରିଥିବା ସେପରି ସମୟସୀମା ମଧ୍ୟରେ ସେପରି ସ୍ପଷ୍ଟୀକରଣ ଦେବା ପାଇଁ ବୋର୍ଡକୁ ନିର୍ଦ୍ଦେଶ ଦେବେ ଏବଂ ଯଦି ବୋର୍ଡ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ସ୍ପଷ୍ଟୀକରଣ ଦେବାରେ ବିଫଳ ହୁଏ ବା ଏପରି ଏକ ସ୍ପଷ୍ଟୀକରଣ ଦିଏ, ଯାହାକି କୁଳପତିଙ୍କ ମତରେ ସନ୍ତୋଷଜନକ ନୁହେଁ, ତେବେ କୁଳାଧିପତି ଆବଶ୍ୟକ ବିବେଚନା କରିବା ମତେ ସେପରି ନିର୍ଦ୍ଦେଶ ଦେବେ ଏବଂ ବୋର୍ଡ ବା ସଂପୃକ୍ତ ଅନ୍ୟ କୌଣସି ପ୍ରାଧିକାରୀ ଉକ୍ତ ନିର୍ଦ୍ଦେଶ ଅନୁପାଳନ କରିବେ ;

(12) କୁଳାଧିପତି ସମୟକୁ ସମୟ ଆବଶ୍ୟକ କରିବା ମତେ ବୋର୍ଡ ବିଶ୍ୱବିଦ୍ୟାଳୟର ପ୍ରାଶାସନ ଓ ଅର୍ଥବ୍ୟବସ୍ଥା ସଂପର୍କିତ ଅଥବା କୌଣସି ସହବନ୍ଧ ଅନୁଷ୍ଠାନର ଶିକ୍ଷାଦାନ ବ୍ୟବସ୍ଥା, ପରୀକ୍ଷା ବା ଗବେଷଣା ସଂପର୍କିତ ସେପରି ସୂଚନା ଯୋଗାଇଦେବେ ;

(13) ଯେତେବେଳେ କୌଣସି ଜରୁରୀ ଉପସ୍ଥିତି ଉପୁଜିବ, ବିଶ୍ୱବିଦ୍ୟାଳୟର ଯେ କୌଣସି ପ୍ରାଧିକାରୀଙ୍କୁ ନିଲମ୍ବନ ବା ବରଖାସ୍ତ କରିବାକୁ ଓ ବିଶ୍ୱବିଦ୍ୟାଳୟର ଅନ୍ତରୀଣ ପ୍ରଶାସନ ପାଇଁ ପଦକ୍ଷେପ ନେବାକୁ କୁଳାଧିପତିଙ୍କ ଅଧିକାର ରହିବ ;

ପରନ୍ତୁ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ସେପରି କାର୍ଯ୍ୟାନୁଷ୍ଠାନ କାହିଁକି ନିଆ ନ ଯିବ, ତାହାର କାରଣ ଦର୍ଶାଇବା ପାଇଁ ସେ ଉକ୍ତ ପ୍ରାଧିକାରୀଙ୍କୁ ଏକ ସୁଯୋଗ ଦେବେ ;

(14) ବିଶ୍ୱବିଦ୍ୟାଳୟର ସେବାରତ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ବୋର୍ଡ ବା କୁଳପତି ଦେଇଥିବା କୌଣସି ବରଖାସ୍ତ ଆଦେଶ ବିରୁଦ୍ଧରେ କୁଳାଧିପତିଙ୍କ ନିକଟରେ ଅପିଲ କରାଯିବ ;

(15) ଉପଧାରା (14) ଅନୁଯାୟୀ ଏକ ଅପିଲ, ସଂପୃକ୍ତ ବ୍ୟକ୍ତିଙ୍କ ଉପରେ ବରଖାସ୍ତ ଆଦେଶ ଜାରି କରାଯିବା ତାରିଖଠାରୁ ତିରିଶ ଦିନ ମଧ୍ୟରେ ଆଗତ କରାଯିବ ;

(16) ଉପରୋକ୍ତ ମତେ ଆଗତ ଏକ ଅପିଲ ଉପରେ କୌଣସି ଆଦେଶ ଦେବା ପୂର୍ବରୁ କୁଳାଧିପତି ବିଷୟଟି ରାଜ୍ୟ ସରକାରଙ୍କ ନିକଟକୁ ପରାମର୍ଶ ପାଇଁ ପଠାଇବେ ;

(17) ଅର୍ଥ ତୋଷରପାତ, ଅସଦାଚରଣ, ପାଣ୍ଠିର କୁପରିଚାଳନା ବା ଅନ୍ୟ କୌଣସି **ଉତମ ଓ** ପର୍ଯ୍ୟାପ୍ତ କାରଣ ଦର୍ଶାଇ ଲିଖିତ ଆଦେଶ ଦ୍ୱାରା କୁଳପତିଙ୍କୁ ପଦରୁ ଅପସାରଣ କରିବା ପାଇଁ କୁଳାଧିପତିଙ୍କ କ୍ଷମତା ରହିବ ;

ପରନ୍ତୁ ଏହି ଉପଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ, କୁଳାଧିପତିଙ୍କ ଦ୍ୱାରା ମନୋନୀତ ଜଣେ ବ୍ୟକ୍ତିଙ୍କ ଦ୍ୱାରା ତଦନ୍ତ କରାଯାଇ ଉକ୍ତ ଦୋଷାରୋପ ଗୁଡିକ ପ୍ରମାଣିତ କରାଯିବ ।

ଅଧିକନ୍ତୁ ସେପରି ମନୋନୀତ ବ୍ୟକ୍ତି, କୁଳପତିଙ୍କ ପଦମର୍ଯ୍ୟାଦା ଠାରୁ ଉର୍ଦ୍ଧ୍ୱ ବା ସେହି ପାହ୍ୟାର ହୋଇଥିବା ଅବଶ୍ୟକ ;

ପୁନଶ୍ଚ କୁଳପତିଙ୍କ ବିରୁଦ୍ଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପ୍ରସ୍ତାବ କରାଯାଉଥିବ ତାହା ବିରୁଦ୍ଧରେ କାରଣ ଦର୍ଶାଇବା ପାଇଁ ଏକ ଯୁକ୍ତିଯୁକ୍ତ ସୁଯୋଗ ଦିଆନଯାଇ ତାଙ୍କୁ ଏହି ଉପଧାରା ଅନୁଯାୟୀ ଅପସାରଣ କରାଯିବ ନାହିଁ ।

(18) ଏହି ଅଧିନିୟମ ବା କାନୁନ୍ ଦ୍ୱାରା ବା ଅନୁଯାୟୀ କୁଳାଧିପତିଙ୍କ ଉପରେ ଅନ୍ୟ ଯେଉଁ କ୍ଷମତା ଅର୍ପଣ କରାଯାଇପାରେ ବା କର୍ତ୍ତବ୍ୟ ନ୍ୟସ୍ତ କରାଯାଇପାରେ, କୁଳାଧିପତି ସେଗୁଡିକ ପ୍ରୟୋଗକରିବେ ଓ ସଂପାଦନ କରିବେ ।

ବିଶ୍ୱବିଦ୍ୟାଳୟର ଅଧିକାରୀବୃନ୍ଦ । 8. ବିଶ୍ୱବିଦ୍ୟାଳୟର ଅଧିକାରୀ ମାନେ ହେଲେ :

(i) କୁଳପତି;

(ii) କୁଳସଚିବ ;

(iii) ପରୀକ୍ଷା ନିୟନ୍ତକ ;

(iv) ଅର୍ଥ ହିସାବ ନିୟନ୍ତ୍ରଣକାରୀ ;

(v) ପାଠ୍ୟସୂଚୀ ନିର୍ଦ୍ଦେଶକ ; ଏବଂ

(vi) କାନୁନ୍ ଦ୍ୱାରା ବିଶ୍ୱବିଦ୍ୟାଳୟର ଅଧିକାରୀ ରୂପେ ଘୋଷିତ ହେବା ମତେ ସେପରି ଅନ୍ୟ ଅଧିକାରୀମାନେ ;

କୁଳପତିଙ୍କ ନିଯୁକ୍ତି । 9. (1)ଅନ୍ୱେଷଣ କମିଟି ଦ୍ୱାରା ସୁପାରିସ କରାଯାଇଥିବା 3 ଟି ନାମ ମଧ୍ୟରୁ ( ଯେଉଁମାନେ ଉକ୍ତ କମିଟିର ସଦସ୍ୟ ନ ଥିବେ) କୁଳାଧିପତି ଜଣଙ୍କୁ କୁଳପତି ଭାବେ ବିଶ୍ୱବିଦ୍ୟାଳୟର ସର୍ବକାଳିନ ଅଧିକାରୀ ନିଯୁକ୍ତ କରିବେ ।

(2) ସୁପାରିସ ହୋଇଥିବା ବ୍ୟକ୍ତିଙ୍କ ଭେଷଜ ଶିକ୍ଷା ବିଭାଗରେ ଜଣେ ଉଚକୋଟିର ଶିକ୍ଷିତ ଏବଂ ପ୍ରଶାସନିକ ଦକ୍ଷତା, ଅଖଣ୍ଡତା, ନୈତିକତା,ଆନୁଷ୍ଠାନିକ ପ୍ରତିବଦ୍ଧତା ଏବଂ ଶିକ୍ଷାଗତ ପାରଦର୍ଶିତା ସହିତ ପ୍ରଫେସର କିମ୍ବା ଜାତୀୟ ଭେଷଜ ପରିଷଦ ଦ୍ୱାରା ଅନୁମୋଦିତ / ପ୍ରତିଷ୍ଠିତ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନ ର ଅଭିଜ୍ଞତା ଥିବା ଆବଶ୍ୟକ ।

(3) ଯଦି ସୁପାରିସ କରାଯାଇଥିବା ନାମ ତାଲିକା ମଧ୍ୟରୁ କୁଳାଧିପତି ଜଣକୁ ଅଗ୍ରାଧିକାର ଭିତ୍ତିରେ ଅନୁମୋଦନ କରନ୍ତି ଏବଂ ଉକ୍ତ ବ୍ୟକ୍ତି ନିଯୁକ୍ତି କୁ ଗ୍ରହଣ କରିବାକୁ ଇଚ୍ଛୁକ ନ ଥାନ୍ତି ତେବେ କୁଳାଧିପତି ଉପୋରୋକ୍ତ କମିଟି ଦ୍ୱାରା ସୁପାରିସ କରାଯାଇଥିବା ଅନ୍ୟ 3 ଜଣଙ୍କର ଏକ ସଦ୍ୟ ନାମ ତାଲିକା ମଗାଇପାରିବେ କିମ୍ବା

କୁଳାଧିପତି ଯଦି ସାବ୍ୟସ୍ତ କରନ୍ତି ଯେ, ଉକ୍ତ ନାମ ତାଲିକାରୁ କୌଣସି ବ୍ୟକ୍ତି କୁଳପତି ଭାବେ ନିଯୁକ୍ତି ପାଇଁ ଉପଯୁକ୍ତ ନୁହନ୍ତି, ତେବେ କୁଳାଧିପତି ଆଉ ଏକ କମିଟି ଗଠନ କରି ଅନ୍ୟ 3 ଜଣଙ୍କର ଏକ ସଦ୍ୟ ନାମ ତାଲିକା ମାଗି ସେମାନଙ୍କ ମଧ୍ୟରୁ ଜଣଙ୍କୁ କୁଳପତି ଭାବେ ନିଯୁକ୍ତି କରିପାରିବେ ।

(4) ଉପନିୟମ (୧) ଓ (୨) ଅନୁସାରେ କମିଟି ୩ ଜଣ ସଦସ୍ଯଙ୍କୁ ନେଇ ଗଠିତ ହେବେ । ସେମାନଙ୍କ ମଧ୍ୟରୁ ଜଣେ ସଦସ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ , ଜଣେ ସଦସ୍ୟ କୁଳାଧିପତିଙ୍କ ଦ୍ୱାରା ମନୋନୀତ ଏବଂ ଶେଷ ସଦସ୍ୟ ଜଣକ ବିଶ୍ୱବିଦ୍ୟାଳୟର ପରିଚାଳନା ବୋର୍ଡ ଦ୍ୱାରା ମନୋନୀତ ହେବେ । କୁଳାଧିପତି ସେମାନଙ୍କ ମଧ୍ୟରୁ ଜଣଙ୍କୁ କମିଟିର ଅଧକ୍ଷ୍ୟ ଭାବେ ନିଯୁକ୍ତି କରିବେ ।

(5)କୁଳପତି ପଦରେ ଶୂନ୍ୟସ୍ଥାନ ସୃଷ୍ଟି ହେବା ସମ୍ଭାବନା ଦେଖାଦେବାର ଅନ୍ତତଃ ତିନି ମାସ ପୂର୍ବରୁ ନାମ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହେବ ଏବଂ କୁଳାଧିପତିଙ୍କ ଦ୍ୱାରା ଧାର୍ଯ୍ୟ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରାଯିବ । ସାଧାରଣ ବା ପ୍ରଶାସନିକ କ୍ଷେତ୍ରରେ ଜରୁରୀ ଅବସ୍ଥା ଦୃଷ୍ଟିରୁ ଯଦି ଆବଶ୍ୟକ ହୁଏ ତେବେ ସେ ଉକ୍ତ ସମୟସୀମା କୁ ବୃଦ୍ଧି କରିପାରିବେ ।

(6) କୁଳପତି ରୂପେ ନିଯୁକ୍ତି ପାଇଥିବା ବ୍ୟକ୍ତି ତାଙ୍କ ସେବାର ଚୁକ୍ତି ର ନିବର୍ଦ୍ଧନ ଓ ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ, ସେ ପଦରେ ଯୋଗ ଦେବା ତାରିଖ ଠାରୁ ଚାରି ବର୍ଷ ଅବଧି ନିମନ୍ତେ କିମ୍ବା ସତୁରୀ ବର୍ଷ ବୟସ ହେବ ପର୍ଯ୍ୟନ୍ତ ଏ ଦୁଇଟି ମଧ୍ୟରୁ ଯେଉଁଟି ଆଗେ ପଡିବ, ସେ ପର୍ଯ୍ୟନ୍ତ ପଦ ଧାରଣ କରିବେ ଏବଂ ସେ ପୁନଃ ନିଯୁକ୍ତି ପାଇଁ ଯୋଗ୍ୟ ହେବେ ନାହିଁ ।

(7) ଏହି ନିୟମ ର ବହିର୍ଭୂତ ଭାବେ କୁଳାଧିପତି ଯାହାକୁ ଯୋଗ୍ୟ ବିବେଚିତ କରିବେ ତାଙ୍କୁ ବିଶ୍ୱ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ନିଯୁକ୍ତି ଦେବେ । ଏହିପରି ନିଯୁକ୍ତ ବ୍ୟକ୍ତି ଏକ ବର୍ଷରୁ ଅଧିକ ସମୟ ଧରି ପଦବୀ ଧାରଣ କରିପାରିବେ ନାହିଁ ଏବଂ କୁଳପତି ସେହି ପରିପ୍ରେକ୍ଷୀରେ ଉପଯୁକ୍ତ ଧାରା ଓ ସର୍ତ୍ତାବଳୀ ନିର୍ଧାରଣ କରିବେ ।

(8) ଯଦି ମୃତ୍ୟୁ, ଇସ୍ତଫା ବା ଅନ୍ୟ କୌଣସି କାରଣରୁ କୁଳପତି ପଦରେ କୌଣସି ଶୂନ୍ୟସ୍ଥାନ ସୃଷ୍ଟି ହୁଏ ଏବଂ ଉପଧାରା (1) ଠାରୁ (4) ପର୍ଯ୍ୟନ୍ତ ରେ ଥିବା ବ୍ୟବସ୍ଥା ଅନୁସାରେ ତାହା ସୁବିଧାରେ ଓ ତୁରନ୍ତ ପୁରଣକରାଯାଇନପରେ ଅଥବା କୌଣସି ଜରୁରୀ ଅବସ୍ଥା ଉପୁଜେ, ତେବେ କୁଳାଧିପତି ରାଜ୍ୟ ସରକାରଙ୍କ ସୁପାରିସ କ୍ରମେ ଛ ମାସରୁ ଅଧିକ ହେଉ ନ ଥିବା ସେପରି କାଳାବଧି ନିମନ୍ତେ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତ କରିପାରିବେ ।

(9) ରାଜ୍ୟ ସରକାରଙ୍କ ଦ୍ୱାରା କୁଳପତିଙ୍କର ପ୍ରାପ୍ୟ ପାରିଶ୍ରମିକ ଏବଂ ଅନ୍ୟାନ୍ୟ ଚାକିରି ସର୍ତ୍ତାବଳୀ ନିର୍ଦ୍ଧାରଣ କରାଯିବ । ଅଧିକନ୍ତୁ ପାରିଶ୍ରମିକ ଓ ଅନ୍ୟାନ୍ୟ ଚାକିରି ସର୍ତ୍ତାବଳୀ କୁଳପତିଙ୍କ ଚାକିରି ଅବଧି ସମୟ ରେ ପରିବର୍ତ୍ତନ ହେବ ନାହିଁ .

(10) କୁଳପତି, କୁଳାଧିପତିଙ୍କୁ ସମ୍ବୋଧନ କରି ନିଜ ସ୍ୱାକ୍ଷରରେ ଲିଖିତ ଭାବେ ଏକ ମାସର ନୋଟିସ ଦେବା ପରେ ଉକ୍ତ ପଦରୁ ଇସ୍ତଫା ଦେଇପାରିବେ ଏବଂ କୁଳାଧିପତିଙ୍କ ଦ୍ୱାରା ଇସ୍ତଫା ଗୃହିତ ହେଲେ ସେ ଆଉ ପଦରେ ରହିବେ ନାହିଁ ।

କୁଳପତିଙ୍କ କ୍ଷମତା

10. (1) କୁଳପତି ବିଶ୍ୱବିଦ୍ୟାଳୟର ମୁଖ୍ୟ ଶୈକ୍ଷିକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ହେବେ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟ ସମସ୍ତ ଅଧିକାରୀ, କୁଳପତିଙ୍କ ସାଧାରଣ ପର୍ଯ୍ୟବେକ୍ଷଣ ଓ ନିୟନ୍ତ୍ରଣ ଅଧୀନରେ କାର୍ଯ୍ୟ କରିବେ ।

(2) କୁଳପତି ବିଶ୍ୱବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟକ୍ରମଗୁଡିକର ବିକାଶ ନିମନ୍ତେ ଦାୟୀ ହେବେ ଏବଂ ବିଶ୍ୱବିଦ୍ୟାଳୟର ଦକ୍ଷତା ଓ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟକ୍ରମ ଗୁଡିକର ପ୍ରଶାସନ ଓ ସାଧାରଣ ପ୍ରଶାସନର **ତତ୍ତ୍ୱାବଧାନ ଓ** ତଦାରଖ କରିବେ ।

(3)କୁଳପତି ବିଶ୍ୱବିଦ୍ୟାଳୟର ଯେ କୌଣସି ପ୍ରାଧିକାରୀର ଯେ କୌଣସି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବେ,କିନ୍ତୁ ସେ ଯଦି ଉକ୍ତ ପ୍ରାଧିକାରୀର ଅଧକ୍ଷ ବା ସଦସ୍ୟ ହୋଇନଥାନ୍ତି ତେବେ ସେ ସେଠାରେ ଭୋଟ ଦେବାକୁ ହକ୍‌ଦାର ହେବେ ନାହିଁ ଏବଂ ବୋର୍ଡ, ବିଦ୍ୟା ପରିଷଦ ବା ସେ ଅଧକ୍ଷ ହୋଇଥିବା କୌଣସି ପ୍ରାଧିକାରୀର ବୈଠକରେ, ସମାନ ସମାନ ଭୋଟ ହେବ ସ୍ଥଳେ ତାଙ୍କର ଏକ ଦ୍ୱିତୀୟ ନିର୍ଣ୍ଣାୟକ ଭୋଟ ରହିବ ।

(4)କୁଳପତି ଆବଶ୍ୟକ ମନେ କଲେ ଯେ କୌଣସି ସମୟରେ ଯେ କୌଣସି ପ୍ରାଧିକାରୀ ବା କମିଟିର ବୈଠକ ଡ଼କାଇ ପାରିବେ ।

(5)କୁଳାଧିପତିଙ୍କ ଦ୍ୱାରା ଦିଆଯାଉଥିବାନିର୍ଦ୍ଦେଶମାନ ଯେପରି କଡ଼ାକଡ଼ିଭାବରେ ଅନୁପାଳନ କରାଯାଏ ବା କାର୍ଯ୍ୟକାରୀ କରାଯାଏ, ତାହା କୁଳପତି ସୁନିଶ୍ଚିତ କରିବେ ।

(6) ବିଶ୍ୱବିଦ୍ୟାଳୟର କାର୍ଯ୍ୟବିବରଣୀଗୁଡ଼ିକ ଯେପରି ଏହି ଅଧିନିୟମ, କାନୁନ୍, ଅଧାଦେଶ ଓ ବିନିୟମାବଳୀର ବ୍ୟବସ୍ଥା ଅନୁସାରେ କାର୍ଯ୍ୟକାରୀ କରାଯିବ ଏବଂ ପ୍ରାଧିକାରୀ ଓ କମିଟିଗୁଡ଼ିକର **ନିଷ୍ପତ୍ତି** ଯେପରି ଏହି ଅଧିନିୟମ, କାନୁନ୍,. ଅଧାଦେଶ ଓ ବିନିୟମର ବ୍ୟବସ୍ଥା ସହିତ ଅସଙ୍ଗତ ନ ହେବ, ତାହା ସୁନିଶ୍ଚିତ କରିବା କୁଳପତିଙ୍କର **କର୍ତବ୍ୟ ଅଟେ ।**

(7) ଯଦି କୁଳପତିଙ୍କ ମତରେ ବିଶ୍ୱବିଦ୍ୟାଳୟର କୌଣସି ପ୍ରାଧିକାରୀ ବା କମିଟି ଦ୍ୱାରା ନିଆଯାଇଥିବା **ନିଷ୍ପତ୍ତି** ବା ପାରିତ ହୋଇଥିବା କୌଣସି ସଂକଳ୍ପ ଏହି ଅଧିନିୟମ, କାନୁନ୍, ଅଧ୍ୟାଦେଶ ବା ବିନିୟମର ବ୍ୟବସ୍ଥା ସହିତ ଅସଙ୍ଗତ ହେଉଛି ବା ବିଶ୍ୱବିଦ୍ୟାଳୟ ସ୍ୱାର୍ଥର ଅନୁକୂଳ ନୁହେଁ ତେବେ ସେ ତାହାର କାର୍ଯ୍ୟକାରିତାକୁ ସ୍ଥଗିତ ରଖିପାରିବେ ଏବଂ ତାହାର କାରଣ ଉଲ୍ଲେଖ କରି ସଂପୃକ୍ତ ପ୍ରାଧିକାରୀ ବା କମିଟିକୁ ତାହାର **ପରବର୍ତ୍ତୀ** ବୈଠକରେ ପୁନର୍ବିଚାର ନିମନ୍ତେ ତୁରନ୍ତ ଫେରାଇ ଦେବେ ଏବଂ ଯଦି ମତଭେଦ ଲାଗି ରହେ ତେବେ କାରଣ ଦର୍ଶାଇ ଏକ ସପ୍ତାହ ମଧ୍ୟରେ ତା ଉପରେ **ନିଷ୍ପତ୍ତି** ନେବା ନିମନ୍ତେ କୁଳାଧିପତିଙ୍କ ନିକଟରେ ଉପସ୍ଥାପନ କରିବେ ଏବଂ ସଂପୃକ୍ତ ପ୍ରାଧିକାରୀ ବା କମିଟିର ସଦସ୍ୟମାନଙ୍କୁ ସେ ବିଷୟରେ ଜଣାଇଦେବେ ଏବଂ କୁଳାଧିପତିଙ୍କ ଠାରୁ **ନିଷ୍ପତ୍ତି** ମିଳିବା ପରେ କୁଳପତି, କୁଳାଧିପତିଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ସଂପୃକ୍ତ ପ୍ରାଧିକାରୀ ବା କମିଟି କୁ ତାହା ଜଣାଇବେ ।

(8) ଯଦି କୁଳପତିଙ୍କର ବିଶ୍ୱାସ କରିବାକୁ ଯୁକ୍ତି ଯୁକ୍ତ କାରଣ ଥାଏ ଯେ, ଏପରି ଜରୁରି ପରିସ୍ଥିତି ଉପୁଜିଛି ଯାହା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ, ତେବେ ସେ ଆବଶ୍ୟକ ବିବେଚନା କରିବା ମତେ ସେପରି କାର୍ଯ୍ୟାନୁଷ୍ଠାନ ନେଇପାରିବେ ଏବଂ ଜରୁରୀ ଅବସ୍ଥା ପାଇଁ କାରଣ ଓ ସେ ନେଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ, ସାଧାରଣ ଅବସ୍ଥାରେ ଯେଉଁ ପ୍ରାଧିକାରୀ ବା କମିଟି ତାହା କରିଥାନ୍ତେ ତାହାଙ୍କୁ ଅବିଳମ୍ବେ ଲିଖିତ ଭାବରେ ଜଣାଇବେ ଏବଂ ଯଦି କୁଳପତି ଓ ପ୍ରାଧିକାରୀଙ୍କ ମଧ୍ୟରେ ସେପରି ଜରୁରି ଅବସ୍ଥା ଦେଖାଦେବା ବା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବା ଉଭୟ ପ୍ରସଙ୍ଗରେ କୌଣସି ମତପାର୍ଥକ୍ୟ ଦେଖାଯାଏ, ତେବେ ବିଷୟଟି କୁଳାଧିପତିଙ୍କ ନିକଟକୁ ପଠାଯିବ ଓ ତାଙ୍କର **ନିଷ୍ପତ୍ତି** ଚୂଡ଼ାନ୍ତ ହେବ :

ପରନ୍ତୁ ଯଦି କୁଳପତିଙ୍କ ଦ୍ୱାରା ନିଆଯାଇଥିବା ସେପରି କୌଣସି କାର୍ଯ୍ୟାନୁଷ୍ଠାନ ବିଶ୍ୱବିଦ୍ୟାଳୟର ସେବାରତ କୌଣସି ବ୍ୟକ୍ତିଙ୍କୁ ପ୍ରଭାବିତ କରେ, ତେବେ ଉକ୍ତ ବ୍ୟକ୍ତି ସେପରି କାର୍ଯ୍ୟାନୁଷ୍ଠାନର ନୋଟିସ ପାଇବାର ତିରିଶ ଦିନ ମଧ୍ୟରେ କୁଳାଧିପତିଙ୍କ ନିକଟରେ ଅପିଲ କରିବାକୁ ହକ୍‌ଦାର ହେବେ ।

(9) ଯେଉଁସ୍ଥଳେ କୌଣସି ବିଷୟ କାନୁନ୍, ବା ଅଧ୍ୟାଦେଶ ବା ବିନିୟମାବଳୀ ଦ୍ୱାରା ବିନିୟମିତ ହେବା ଅବଶ୍ୟକ ହେଉଥିଲେ ହେଁ, ତଦୁପଲକ୍ଷେ କୌଣସି କାନୁନ୍ ବା ଅଧ୍ୟାଦେଶ ବା ବିନିୟମ ପ୍ରଣୟନ କରାଯାଇନଥାଏ, ସେହି ସ୍ଥଳେ, କୁଳପତି ସେହି ସମୟ ପାଇଁ ଆବଶ୍ୟକ ବିବେଚନା କରିବା ମତେ ସେପରି ନିର୍ଦ୍ଦେଶାବଳୀ ଜାରିକରି ଉକ୍ତ ବିଷୟଟି ବିନିୟମିତ କରିବେ ଏବଂ ତାହା ପରେ ଯଥାସମ୍ଭବ ଶୀଘ୍ର ତାହା ବୋର୍ଡ ବା ସଂପୃକ୍ତ ଅନ୍ୟ ପ୍ରାଧିକାରୀଙ୍କ ସମକ୍ଷରେ ଅନୁମୋଦନ ନିମନ୍ତେ ଉପସ୍ଥାପନ କରିବା ସଙ୍ଗେସଙ୍ଗେ

ତଦୁପଲକ୍ଷେ ପ୍ରଣୟନ କରିବା ପାଇଁ ଆବଶ୍ୟକ ହେଉଥିବା କାନୁନ୍ ବା ଅଧ୍ୟାଦେଶ ବା ବିନିୟମାବଳୀର ଚିଠା ମଧ୍ୟ ପ୍ରାଧିକାରୀଙ୍କ ସମକ୍ଷରେ ବିଚାର ନିମନ୍ତେ ଉପସ୍ଥାପନ କରିବେ ।

(10) କାନୁନ୍ ଦ୍ୱାରା ବିହିତ ହେବା ମତେ ସେପରି ରୀତିରେ ଗଠିତ ଚୟନ କମିଟିର ସୁପାରିଶକୁ ଆଧାର କରି ଏବଂ ବୋର୍ଡର ଅନୁମୋଦନ ନେଇ, ବିଶ୍ୱବିଦ୍ୟାଳୟର ଉପ-କୁଳସଚିବ ଓ ତଦୁର୍ଦ୍ଧ ପାହ୍ୟାର ସମସ୍ତ ଅଧିକାରୀଙ୍କୁ ନିଯୁକ୍ତି କରିବା ପାଇଁ କୁଳପତିଙ୍କ କ୍ଷମତା ରହିବ ।

(11) ବିଶ୍ୱବିଦ୍ୟାଳୟରପ୍ରାଧିକାରୀ ବା କମିଟି ଗୁଡିକର ଅଧ୍ୟକ୍ଷ ଭାବରେ କୁଳପତି କୌଣସି ପ୍ରାଧିକାରୀ ବା କମିଟିର ବୈଠକର କାର୍ଯ୍ୟବିଧିରେ କୌଣସି ସଦସ୍ୟ ବାଧା ଉପୁଜାଇଲେ ବା ପ୍ରତିରୋଧ କଲେ ବା ଅଶୋଭନୀୟ ଆଚରଣ କଲେ ତାହାଙ୍କୁ ବୈଠକରୁ ନିଲମ୍ବିତ କରିପାରିବେ ଓ ଉକ୍ତ ବିଷୟ କୁଳାଧିପତିଙ୍କୁ ଜଣାଇବେ ।

(12) କୁଳପତି କାନୁନ୍ ଅନୁଯାୟୀ ବ୍ୟବସ୍ଥା କରାଯାଇଥିବା ମତେ ସାମୟିକ ଭାବେ ବିଶ୍ୱବିଦ୍ୟାଳୟରକାର୍ଯ୍ୟ ସଂକ୍ରାନ୍ତ ରିପୋର୍ଟ ବୋର୍ଡ ସମକ୍ଷରେ ଉପସ୍ଥାପନ କରିବେ ।

(13) ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ବା ପ୍ରଣୟନ ହୋଇଛି ବୋଲି ବିବେଚିତ କାନୁନ୍ ବା ବିନିୟମାବଳୀର ଯାହା କିଛିଥିବା ସତ୍ତ୍ୱେ , ଯଦି କୁଳପତିଙ୍କର ହୃଦ୍‌ବୋଧ ହୁଏ ଯେ, ପରୀକ୍ଷା ସଂଚାଳନ ନିମନ୍ତେ ବୋର୍ଡ ଦ୍ୱାରା ଅନୁମୋଦିତ ପରୀକ୍ଷକମାନଙ୍କ ନାମ ତାଲିକାରେ ଥିବା ପରୀକ୍ଷକ ମାନଙ୍କ ସଂଖ୍ୟା, ପରୀକ୍ଷା ସଂଚାଳନ ନିମନ୍ତେ ଯଥେଷ୍ଟ ନୁହେଁ, ଏବଂ ବୋର୍ଡ ଦ୍ୱାରା ଅନ୍ୟ ଏକ ନାମ ତାଲିକାରେ ଅନୁମୋଦନ କରାଇବ. ଉକ୍ତ ପରୀକ୍ଷା ସଂଚାଳନରେ ବିଳମ୍ବ ଘଟାଇବ, ତେବେ ସେ ଉକ୍ତ ପରୀକ୍ଷା ସଂଚାଳନ ନିମନ୍ତେ ଆବଶ୍ୟକ ହେବା ମତେ ସେପରି ଅତିରିକ୍ତ ସଂଖ୍ୟକ ପରୀକ୍ଷକମାନଙ୍କୁ ମନୋନୀତ କରିପାରିବେ ଏବଂ ଏହି ଉପଧାରା ଅନୁଯାୟୀ ସେପରି ମନୋନୀତ ବ୍ୟକ୍ତି, ବୋର୍ଡ ଦ୍ୱାରା ଅନୁମୋଦିତ ନାମ ତାଲିକାରେ ଅନ୍ତର୍ଭୁକ୍ତ ଜଣେ ପରୀକ୍ଷକ ବୋଲି ବିବେଚିତ ହେବେ ।

(14) ପରୀକ୍ଷା ସଂଚାଳନ ନିମନ୍ତେ ବୋର୍ଡ ଦ୍ୱାରା ଅନୁମୋଦିତ ନାମ ତାଲିକାରୁ ପରୀକ୍ଷକ ଓ ପ୍ରଶ୍ନପତ୍ର ପ୍ରସ୍ତୁତକାରୀ ନିଯୁକ୍ତ କରିବା ପାଇଁ କୁଳପତିଙ୍କର କ୍ଷମତା ରହିବ ।

(15) ଯେଉଁ ସହବନ୍ଧ ଅନୁଷ୍ଠାନ ମାନଙ୍କରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ସଂଚାଳିତ ହେଉଥିବ ସେଗୁଡିକ ନିରୀକ୍ଷଣ କରିବା ପାଇଁ ଭିଜିଲାନ୍ସ ସ୍କ୍ୱାଡ ଗଠନ କରିବା ସକାଶେ କୁଳପତିଙ୍କର କ୍ଷମତା ରହିବ ।

(16) ଏହି ଅଧିନିୟମ ଓ କାନୁନ୍ ଦ୍ୱାରା ବା ଅନୁଯାୟୀ କୁଳପତିଙ୍କ ଉପରେ ଅନ୍ୟ ଯେଉଁ କ୍ଷମତା ବା ଦାୟିତ୍ୱ ଅର୍ପଣ କରାଯାଇପାରେ, କୁଳପତି ସେସବୁ ପ୍ରୟୋଗ କରିବେ ଓ ସଂପାଦନ କରିବେ ।

କୁଳସଚିବଙ୍କ ନିଯୁକ୍ତି, କ୍ଷମତା ଓ କୃତ୍ୟ।

11. (1) କୁଳସଚିବ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଅଧିକାରୀ ହେବେ ଓ ଜଣେ ପୂର୍ଣ୍ଣକାଳୀନ ଦରମାଭୋଗୀ ଅଧିକାରୀ ହେବେ ଏବଂ ସିଧାସଳଖ କୁଳପତିଙ୍କ ପର୍ଯ୍ୟବେକ୍ଷଣ, ନିର୍ଦ୍ଦେଶ ଓ ନିୟନ୍ତ୍ରଣ ଅଧୀନରେ କାର୍ଯ୍ୟ କରିବେ ।

(2)କୁଳସଚିବ କୁଳପତିଙ୍କ ଦ୍ୱାରା କାନୁନ୍ ରେ ବିହିତ ହୋଇଥିବା ରୀତିରେ ଓଡିଶା ପ୍ରାଶାସନିକ ସେବାର ଅନ୍ୟୂନ ଯୁଗ୍ମ ଶାସନ ସଚିବ ପାହ୍ୟାର ଅଧିକାରୀମାନଙ୍କ ମଧ୍ୟରୁ କୁଳପତିଙ୍କ ଦ୍ୱାରା ନିଯୁକ୍ତ ହେବେ ।

(3)ଯେତେବେଳେ କୁଳସଚିବ ପଦଟି ଖାଲି ପଡିବ ବା କୁଳସଚିବଙ୍କ ଅସୁସ୍ଥତା, ଅନୁପସ୍ଥିତ ବା ଅନ୍ୟ କୌଣସି କାରଣରୁ ସେ ତାଙ୍କ ପଦର **କର୍ତ୍ତବ୍ୟ** ଛଅ ମାସ ଧରି ସଂପାଦନ କରିବାକୁ ଅସମର୍ଥ ହେବେ, ସେତେବେଳେ ଜଣେ ନୂତନ କୁଳସଚିବ ନିଯୁକ୍ତ ହୋଇ କାର୍ଯ୍ୟଭାର ଗ୍ରହଣ କରିବା ପର୍ଯ୍ୟନ୍ତ ବା କୁଳସଚିବ କାର୍ଯ୍ୟରେ ପୁନଃଯୋଗ ଦେବା ପର୍ଯ୍ୟନ୍ତ, ଯଥାସ୍ଥିତି, କୁଳପତି କୁଳସଚିବ ରୂପେ ସ୍ଥାନାପନ୍ନ ହେବା ପାଇଁ ଅନ୍ୟ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତ କରିବେ ।

(4) କୁଳସଚିବ, ବୋର୍ଡ, ବିଦ୍ୟାପରିଷଦ ଓ କାନୁନ୍ ଦ୍ୱାରା ବ୍ୟବସ୍ଥା ହେବା ମତେ ସେପରି ଅନ୍ୟ ପ୍ରାଧିକାରୀ ଓ କମିଟି ଗୁଡିକର ସଚିବ ରୂପେ କାର୍ଯ୍ୟ କରିବେ ଏବଂ ବୋର୍ଡ ଓ ବିଦ୍ୟା ପରିଷଦର ପ୍ରତ୍ୟେକ ବୈଠକର କାର୍ଯ୍ୟବିବରଣୀର ନକଲ, ଉକ୍ତ ବୈଠକ ଅନୁଷ୍ଠିତ ହେବାର ଏକ ମାସ ମଧ୍ୟରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ ।

(5)କୁଳସଚିବ, ବିଶ୍ୱବିଦ୍ୟାଳୟର ସହାୟକ କୁଳସଚିବ ଓ ତାଠାରୁ କମ୍ ପାହ୍ୟାର କର୍ମଚାରୀମାନଙ୍କର ନିଯୁକ୍ତି ଓ ଶୃଙ୍ଖଳାଗତ ପ୍ରାଧିକାରୀ ହେବେ ।

(6)କୁଳସଚିବଙ୍କ **ନିଷ୍ପତ୍ତି** ଦ୍ୱାରା କୌଣସି ବ୍ୟକ୍ତି କ୍ଷୁବ୍ଧ ହେଲେ, ସେ ଉକ୍ତ**ନିଷ୍ପତ୍ତି** ତାଙ୍କୁ ଜଣାଇ ଦିଆଯିବାର ତିରିଶି ଦିନ ମଧ୍ୟରେ କାନୁନ୍‌ରେ ବିହିତ ହେବା ମତେ ସେପରି ରୀତିରେ କୁଳପତିଙ୍କ ନିକଟରେ ଅପିଲ ଆଗତ କରିପାରିବେ ।

(7)ବିଶ୍ୱବିଦ୍ୟାଳୟର ପ୍ରାଧିକାରୀଗୁଡିକର **ନିଷ୍ପତ୍ତି** ପ୍ରତି ସାପେକ୍ଷ ହୋଇ ବିଶ୍ୱବିଦ୍ୟାଳୟ ତରଫରୁ ରାଜିନାମା କରିବା, ଦସ୍ତାବିଜରେ ସାକ୍ଷର କରିବା ଓ ରେକର୍ଡ ଅଧିପ୍ରମାଣିତ କରିବା କ୍ଷମତା କୁଳସଚିବଙ୍କର ରହିବ ।

(8) କୁଳସଚିବ ବିଶ୍ୱବିଦ୍ୟାଳୟର ରେକର୍ଡ, ସାଧାରଣ ମୋହର ଓ ବୋର୍ଡ ତାଙ୍କୁ ନ୍ୟସ୍ତ କରିବା ମତେ ସେପରି ଅନ୍ୟ **ସମ୍ପତ୍ତି** ର ଅଭିରକ୍ଷକ ହେବେ ।

(9) କୁଳସଚିବ ସମୟକୁ ସମୟ ପ୍ରାଧିକାରୀ ବା କମିଟି ଗୁଡିକ ଦ୍ୱାରା ଅନୁମୋଦିତ ହେବା ମତେ କାନୁନ୍ ଓ ବିନିୟମାବଳୀର ସହାୟକ ପୁସ୍ତକ (ହ୍ୟାଣ୍ଡବୁକ) ପ୍ରସ୍ତୁତ କରିବେ ଓ ତାହାକୁ ଅଦ୍ୟତନ କରିବେ ଏବଂ ବିଶ୍ୱବିଦ୍ୟାଳୟର ସଂପୃକ୍ତ ପ୍ରାଧିକାରୀଗୁଡିକର ସଦସ୍ୟ ଓ ଅଧିକାରୀମାନଙ୍କୁ ଯୋଗାଇଦେବେ ।

(10) କୁଳସଚିବ ପ୍ରଶାସନିକ କ୍ଷେତ୍ରରେ ଉନ୍ନତି ସଂପର୍କିତ ଅଭିଯୋଗ ଓ ପ୍ରସ୍ତାବମାନ ଗ୍ରହଣ କରିବେ ଓ ତାହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଚାର କରିବେ ।

(11) ବିଶ୍ୱବିଦ୍ୟାଳୟ ଦ୍ୱାରା ବା ବିଶ୍ୱବିଦ୍ୟାଳୟ ବିରୁଦ୍ଧରେ ହେଉଥିବା ସମସ୍ତ ମକଦ୍ଦମା ଓ ଅନ୍ୟ ବିଧିକ କାର୍ଯ୍ୟବିଧିରେ କଥନଗୁଡିକ କୁଳସଚିବଙ୍କ ଦ୍ୱାରା ବା ତଦୁପଲକ୍ଷେ ତାଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ସାକ୍ଷରିତ ଓ ସତ୍ୟାପିତ ହେବ ଏବଂ ସେପରି କାର୍ଯ୍ୟବିଧି ଗୁଡିକରେ ନ୍ୟାୟାଳୟର ସମସ୍ତ ନିର୍ଦ୍ଦେଶନାମା କୁଳସଚିବଙ୍କ ଉପରେ ଜାରି କରାଯିବ ।

(12) କୁଳସଚିବ, ଏହି ଅଧିନିୟମ ଦ୍ୱାରା ବା ଅନୁଯାୟୀ ବା କାନୁନ୍ ଦ୍ୱାରା ବିହିତ ହେବା ମତେ ବା ସମୟକୁ ସମୟ କୁଳପତିଙ୍କ ଦ୍ୱାରା ନ୍ୟସ୍ତ କରାଯିବା ମତେ ସେପରି ଅନ୍ୟ କ୍ଷମତାମାନ ପ୍ରୟୋଗ କରିବେ ଓ **କର୍ତ୍ତବ୍ୟମାନ** ସଂପାଦନ କରିବେ ।

ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି, କ୍ଷମତା ଓ କୃତ୍ୟ ।

12. (1) ପରୀକ୍ଷା ନିୟନ୍ତ୍ରକ, କାନୁନ୍ ରେ ବିହିତ ହେବା ମତେ ଗଠିତ ଏକ ପ୍ରବରଣ କମିଟିର ସୁପାରିଶ **ଭିତିରେ** କୁଳପତିଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ବିଶ୍ୱବିଦ୍ୟାଳୟର ଜଣେ ପୁର୍ଣ୍ଣକାଳୀନ ଦରମାଭୋଗୀ ଅଧିକାରୀ ହେବେ ଏବଂ ସିଧାସଳଖ କୁଳପତିଙ୍କ ନିୟନ୍ତ୍ରଣ ଅଧୀନରେ କାର୍ଯ୍ୟ କରିବେ ।

(2) ପରୀକ୍ଷା ନିୟନ୍ତ୍ରକଙ୍କ ପ୍ରବରଣ ଉଦ୍ଦେଶ୍ୟରେ ତାଙ୍କର ଯୋଗ୍ୟତା ଓ ଅଭିଜ୍ଞତା, କାନୁନ୍ ରେ ବିହିତ ହେବା ମତେ ହେବ :

(3) ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି, **ପାଂଚ** ବର୍ଷ ଅବଧି ପାଇଁ ବା ତାଙ୍କୁ ଷାଠିଏ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଏ ଦୁଇଟି ମଧ୍ୟରୁ ଯେଉଁଟି ଆଗେ ପଡିବ, ସେ ପର୍ଯ୍ୟନ୍ତ ହେବ ।

ପରନ୍ତୁ ଜଣେ ବ୍ୟକ୍ତି ପରୀକ୍ଷା ନିୟନ୍ତ୍ରକ ଭାବେ ଦୁଇରୁ ଅଧିକ କାର୍ଯ୍ୟକାଳ ପାଇଁ ନିଯୁକ୍ତି ହେବେ ନାହିଁ ।

(4) ପରୀକ୍ଷା ନିୟନ୍ତ୍ରକ, ପରୀକ୍ଷା ସଂଚାଳନ ଓ ସେଗୁଡିକର ଫଳାଫଳ ଘୋଷଣା ସଂକ୍ରାନ୍ତରେ ମୁଖ୍ୟ ଭାରପ୍ରାପ୍ତ ଅଧିକାରୀ ହେବେ ଏବଂ ବୋର୍ଡର ଅଧୀକ୍ଷଣ, ନିର୍ଦ୍ଦେଶ ଓ ମାର୍ଗଦର୍ଶନ ଅଧୀନରେ ତାଙ୍କର କୃତ୍ୟ ନିର୍ବାହ କରିବେ ।

(5)ପରୀକ୍ଷା ନିୟନ୍ତ୍ରକ, ପ୍ରଶ୍ନପତ୍ର **ପ୍ରସ୍ତୁତକର୍ତ୍ତା**ଓ ପରୀକ୍ଷକମାନଙ୍କ ନିଯୁକ୍ତି ପାଇଁ ଗଠିତ କମିଟିଗୁଡିକ ବ୍ୟତୀତ ବୋର୍ଡ ଦ୍ୱାରା ନିଯୁକ୍ତ ଅନ୍ୟ ସମସ୍ତ କମିଟିଗୁଡିକର ସଦସ୍ୟ ସଚିବ ହେବେ ।

(6) ଉପଧାରା (4) ରେ ଥିବା ବ୍ୟବସ୍ଥାଗୁଡିକର ବ୍ୟାପକତା ପ୍ରତି ପ୍ରତିକୂଳ ପ୍ରଭାବ ନ ପକାଇ, ପରୀକ୍ଷା ନିୟନ୍ତ୍ରକ ପରୀକ୍ଷା କରାଇବା ଓ ଫଳାଫଳ ଘୋଷଣା ପାଇଁ ଆବଶ୍ୟକ ସମସ୍ତ ବନ୍ଦୋବସ୍ତ କରିବା ନିମନ୍ତେ ଦାୟୀ ହେବେ ।

(7) ପରୀକ୍ଷା ନିୟନ୍ତ୍ରକ କାନୁନ୍ ରେ ବିହିତ ହେବା ମତେ ଓ ସମୟକୁ ସମୟ ତାଙ୍କ ଉପରେ ବୋର୍ଡ ଦ୍ୱାରା ନ୍ୟସ୍ତ କରାଯିବା ମତେ ସେପରି ଅନ୍ୟ କ୍ଷମତାମାନ ପ୍ରୟୋଗ କରିବେ ଓ ସେପରି ଅନ୍ୟାନ୍ୟ କୃତ୍ୟମାନ ସଂପାଦନ କରିବେ ।

ଅର୍ଥ ହିସାବ ନିୟନ୍ତ୍ରକଙ୍କ ନିଯୁକ୍ତି, କ୍ଷମତାଓ କୃତ୍ୟ ।

13. (1) ଅର୍ଥ ହିସାବ ନିୟନ୍ତ୍ରକ, ବିଶ୍ୱବିଦ୍ୟାଳୟର ମୁଖ୍ୟ ଅର୍ଥ, ହିସାବ ଓ ସମୀକ୍ଷା ଅଧିକାରୀ ଏବଂ ଜଣେ ପୂର୍ଣ୍ଣକାଳୀନ ଦରମାଭୋଗୀ ଅଧିକାରୀ ହେବେ ଓ ସିଧାସଳଖ କୁଳପତିଙ୍କ ନିୟନ୍ତ୍ରଣ ଅଧୀନରେ କାର୍ଯ୍ୟ କରିବେ ।

(2) ଅର୍ଥ ହିସାବ ନିୟନ୍ତ୍ରକ, କୁଳପତିଙ୍କ ଦ୍ୱାରା କାନୁନ୍‌ରେ ବିହିତ ହେବା ମତେ ସେପରି ରୀତିରେ ଓଡ଼ିଶା ଅର୍ଥ ସେବାର ଅତିରିକ୍ତ ଶାସନ ସଚିବ ପାହ୍ୟାର ଅଧିକାରୀମାନଙ୍କ ମଧ୍ୟରୁ ପ୍ରତିନିଯୁକ୍ତି **ଭିତିରେ** ନିଯୁକ୍ତ ହେବେ ।

(3) ଅର୍ଥ ହିସାବ ନିୟନ୍ତ୍ରକ ଅର୍ଥ କମିଟିର ଆବାହକ ହେବେ ଏବଂ ବୋର୍ଡର କାର୍ଯ୍ୟବିଧିରେ ଉପସ୍ଥିତ ରହି ଆର୍ଥିକ ସଂକ୍ରାନ୍ତ ବିଷୟରେ ନିଜର ମତବ୍ୟକ୍ତ କରିବା ଓ ଅନ୍ୟଥା ଅଂଶଗ୍ରହଣ କରିବାକୁ ତାଙ୍କର ଅଧିକାର ରହିବ କିନ୍ତୁ ସେ ଭୋଟ ଦେବାକୁ ହକ୍‌ଦାର ହେବେ ନାହିଁ ।

(4) ଅର୍ଥ ହିସାବ ନିୟନ୍ତ୍ରକ ଅର୍ଥ କମିଟି ଏବଂ ଅର୍ଥକମିଟି ଦ୍ୱାରା ଯଦି କୌଣସି ଉପ କମିଟି ଗଠନ କରାଯାଇଥାଏ, ତେବେ ତାହାର ବୈଠକ ଗୁଡିକର କାର୍ଯ୍ୟ ବିବରଣୀ ରଖିବେ ।

(5)ଅର୍ଥ ହିସାବ ନିୟନ୍ତ୍ରକ ବାର୍ଷିକ ବଜେଟ, ହିସାବ ବିବରଣୀ ଓ ସମୀକ୍ଷା ରିପୋର୍ଟ ପ୍ରସ୍ତୁତ କରି ତାହା ଅର୍ଥ କମିଟି ଓ ବୋର୍ଡ ନିକଟରେ ଉପସ୍ଥାପନା କରିବା ସକାଶେ ଦାୟୀ ରହିବେ ।

(6) ଅର୍ଥ ହିସାବ ନିୟନ୍ତ୍ରକ କାନୁନ୍ ଦ୍ୱାରା ବିହିତ ହେବା ମତେ ସେପରି ଅନ୍ୟ କ୍ଷମତାମାନ ପ୍ରୟୋଗ କରିବେ ଓ ସେପରି ଅନ୍ୟ କୃତ୍ୟମାନ ସଂପାଦନ କରିବେ ।

ପାଠ୍ୟସୂଚୀ ନିର୍ଦ୍ଦେଶକଙ୍କ ନିଯକ୍ତି, କ୍ଷମତା ଓ କୃତ୍ୟ ।

14. (1) ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ନେଇ କୁଳପତି ପାଠ୍ୟସୂଚୀ ନିର୍ଦ୍ଦେଶକଙ୍କୁ କାନୁନ୍ ରେ ବିହିତ ହେବା ମତେ ସେପରି ଅବଧି ନିମନ୍ତେ ଓ ସେପରି ମିଆଦ ପାଇଁ ନିଯୁକ୍ତ କରିବେ ।

(2) ପାଠ୍ୟସୂଚୀ ନିର୍ଦ୍ଦେଶକ କୁଳପତିଙ୍କ ଅନୁମୋଦନ ନେଇ ଆଧୁନିକ ବୈଜ୍ଞାନିକ ଔଷଧ, ଆୟୁର୍ବେଦ ଓ ହୋମିଓପାଥି, ମାନସିକ ସ୍ୱାସ୍ଥ୍ୟ, ଦନ୍ତ ଚିକିତ୍ସା ଓ ଫାର୍ମାସୀ, ନର୍ସିଂ ଶିକ୍ଷା ପରି ବିଭିନ୍ନ ପଦ୍ଧତିର ଚିକିତ୍ସା ଓ ପାରାମେଡିକାଲ ପାଠ୍ୟକ୍ରମର ଅଧ୍ୟକ୍ଷ ଓ ବିଭାଗୀୟ ମୁଖ୍ୟମାନଙ୍କୁ ନେଇ ବିଭିନ୍ନ ଉପ-କମିଟିମାନ ଗଠନ କରିବେ ଏବଂ ଉକ୍ତ ଉପ-କମିଟି, କାନୁନ୍‌ରେ ବିହିତ ହେବା ମତେ ସେପରି କ୍ଷମତା ପ୍ରୟୋଗ କରିବେ ଓ ସେପରି କୃତ୍ୟ ସଂପାଦନ କରିବେ ।

(3) ପାଠ୍ୟସୂଚୀ ନିର୍ଦ୍ଦେଶକ, କୁଳପତିଙ୍କ ସହିତ ପରାମର୍ଶ କରି ଆବଶ୍ୟକ ହେବା ମତେ ଉପ-କମିଟିଗୁଡିକର ବୈଠକ ଡାକିବେ ଓ ସେଥିରେ ଅଧ୍ୟକ୍ଷତା କରିବେ ।

(4) ପାଠ୍ୟସୂଚୀ ନିର୍ଦ୍ଦେଶକ ନୀତି ଓ ଉନ୍ନୟନ କାର୍ଯ୍ୟକ୍ରମ ପ୍ରଣୟନ କରି ତାହାକୁ ସମୁଚିତ ପ୍ରାଧିକାରୀଙ୍କର ବିଚାର ନିମନ୍ତେ ଉପସ୍ଥାପନ କରିବେ ।

(5) ପାଠ୍ୟସୂଚୀ ନିର୍ଦ୍ଦେଶକ ବିଭିନ୍ନ ପଦ୍ଧତିର ଔଷଧର ପାଠ୍ୟକ୍ରମ ଓ **ବୃତିଗତ** ପାଠ୍ୟକ୍ରମର ବିକାଶ ପାଇଁ ଦାୟୀ ରହିବେ ଏବଂ ସଂପୃକ୍ତ ପାଠ୍ୟକ୍ରମ ସଂପର୍କରେ ସ୍ୱସ୍ୱ ବିନିୟାମକ ନିକାୟର ସହମତି ପ୍ରତି ସାପେକ୍ଷ ହୋ.ବୋର୍ଡ, ବିଦ୍ୟା ପରିଷଦ, ଓ ପାଠ୍ୟ ମଣ୍ଡଳୀର **ନିଷ୍ପତି**ଗୁଡିକର ଉଚିତ ରୂପାୟନକୁ ସୁନିଶ୍ଚିତ କରିବେ ।

(6) କୁଳପତିଙ୍କ ଅଧୀକ୍ଷଣ, ନିର୍ଦ୍ଦେଶ, ଓ ନିୟନ୍ତ୍ରଣ ଅଧୀନରେ ପାଠ୍ୟସୂଚୀ ନିର୍ଦ୍ଦେଶକ, ନାମଲେଖା, ଯୋଗ୍ୟତା, ମାଇଗ୍ରେସନ, **ବୃତି**, **ଛାତ୍ରବୃତି** ବା ଫିସ ଛାଡ, ମିଆଦ ମଞ୍ଜୁରି ଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ପାଇଁ ଅନୁମତି ସଂପର୍କରେ ବିଦ୍ୟାର୍ଥୀମାନଙ୍କର ଅଭିଯୋଗଗୁଡିକର **ନିଷ୍ପତି** କରିବେ ।

(7) ବିଦ୍ୟା ପରିଷଦ ନିର୍ଦ୍ଦେଶ ଦେଲେ, ପାଠ୍ୟସୂଚୀ ନିର୍ଦ୍ଦେଶକ, କୌଣସି ସହବନ୍ଧ ଅନୁଷ୍ଠାନ ବା କେନ୍ଦ୍ର ବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର ସଂପୃକ୍ତ ଫାକଲଟି ଅଧୀନରେ କରାଯାଉଥିବା କୌଣସି ଶୈକ୍ଷିକ କାର୍ଯ୍ୟକ୍ରମ ସଂପର୍କିତ ଅସଦାଚାରଣ ବିଷୟ ତଦନ୍ତ କରିବେ ଓ ତାହାର ଫଳାଫଳ ବିଦ୍ୟା ପରିଷଦକୁ ଜଣାଇବେ ।

(8) ପାଠ୍ୟସୂଚୀ ନିର୍ଦ୍ଦେଶକ ସଂପୃକ୍ତ ଉପ-କମିଟି ସହ ପରାମର୍ଶ କରି **ଛାତ୍ରବୃତି**, **ବୃତି** ଓ ଅନ୍ୟ ଡିଷ୍ଟିଂସନ ପ୍ରଦାନ ନିମନ୍ତେ ପ୍ରସ୍ତାବ ପ୍ରସ୍ତୁତ କରିବେ ଓ ତାହା ବିଦ୍ୟା ପରିଷଦ ନିକଟରେ ଉପସ୍ଥାପନ କରିବେ ।

ସମସ୍ତ ନିଯୁକ୍ତି ଗୁଡିକ ଅଧିସୂଚିତ ହେବ କରାଯିବା ।

15. କୁଳପତି, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ ଅର୍ଥ ହିସାବ ନିୟନ୍ତ୍ରକ, ପାଠ୍ୟସୂଚୀ ନିର୍ଦ୍ଦେଶକ ଓ ଅନ୍ୟ ଯେଉଁ ଅଧିକାରୀମାନେ ନିଯୁକ୍ତ ହେବେ, ସେମାନଙ୍କ ନିଯୁକ୍ତି ବିଶ୍ୱବିଦ୍ୟାଳୟ ଓଡିଶା ଗେଜେଟରେ ଅଧିସୂଚିତ ହେବ ।

# ଅଧ୍ୟାୟ IV

## ବିଶ୍ୱବିଦ୍ୟାଳୟର ପ୍ରାଧିକାରୀମାନ

ବିଶ୍ୱବିଦ୍ୟାଳୟ ର ପ୍ରାଧିକାରୀ ମାନ । 16. ବିଶ୍ୱବିଦ୍ୟାଳୟର ପ୍ରାଧିକାରୀ ଗୁଡିକର ନାମ ହେଲା :-

(i) କାର୍ଯ୍ୟନିର୍ବାହୀବୋର୍ଡ ;

(ii) ବିଦ୍ୟା ପରିଷଦ ;

(iii) ପାଠ୍ୟ ମଣ୍ଡଳୀ ;

(iv) ଅର୍ଥ କମିଟି ;

(v) ଗୁଣ ନିଷ୍କାୟକ ପରିଷଦ ;

(vi) କାନୁନ୍ ଦ୍ୱାରା ବିଶ୍ୱବିଦ୍ୟାଳୟର ପ୍ରାଧିକାରୀ ରୂପେ ଘୋଷିତ ହେବା ମତେ ବିଶ୍ୱବିଦ୍ୟାଳୟର ସପରି ଅନ୍ୟାନ୍ୟ ନିକାୟ ;

କାର୍ଯ୍ୟ ନିର୍ବାହୀ ମଣ୍ଡଳୀ । 17. (1) ବୋର୍ଡ, ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ବୋର୍ଡ ହେବ ଏବଂ ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା:

ପଦ ପ୍ରଯୁକ୍ତ ସଦସ୍ୟ ;

(i) କୁଳପତି, ଯେ କି ଅଧ୍ୟକ୍ଷ ହେବେ ;

(ii) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ବା ତାଙ୍କ ପ୍ରତିନିଧି ରୂପେ ଅନ୍ୟୂନ ଉପ ଶାସନ ସଚିବ ପାହ୍ୟାର ଜଣେ ଅଧିକାରୀ ;

(iii) ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ବା ତାଙ୍କ ପ୍ରତିନିଧି ରୂପେ ବା ଅନ୍ୟୂନ ଉପଶାସନ ସଚିବ ପାହ୍ୟାର ଜଣେ ଅଧିକାରୀ ;

(iv) ଅର୍ଥ ବିଭାଗର ଶାସନ ସଚିବ ବା ତାଙ୍କ ପ୍ରତିନିଧି ରୂପେ ବା ଅନ୍ୟୂନ ଉପ ଶାସନସଚିବ ପାହ୍ୟାର ଜଣେ ଅଧିକାରୀ ;

(v) ନିର୍ଦ୍ଦେଶକ, ଭେଷଜ ଶିକ୍ଷା ଓ ତାଲିମ ;

(vi) ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା ;

(vii) ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ;

(viii) ନିର୍ଦ୍ଦେଶକ, ଆୟୁଷ ;

(ix) ବିଶ୍ୱବିଦ୍ୟାଳୟର କୁଳ ସଚିବ ;

(x) ସମସ୍ତ ଭେଷଜ, ଦନ୍ତ ଚିକିତ୍ସା, ମାନସିକ ସ୍ୱାସ୍ଥ୍ୟ, ନର୍ସିଂ, ହୋମିଓପ୍ୟାଥିଓ ଆୟୁର୍ବେଦ ମହାବିଦ୍ୟାଳୟ ଗୁଡିକରୁ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବା ମତେ ଜଣେ ଅଧକ୍ଷ ;

ଅନ୍ୟାନ୍ୟ ସଦସ୍ୟ :

(xi) ଅନ୍ୟଥା ବୋର୍ଡର ସଦସ୍ୟ ହୋଇନଥିବା ବିଭିନ୍ନ ସହବଦ୍ଧ ଅନୁଷ୍ଠାନ ଗୁଡିକରୁବରିଷ୍ଠତା ଭିତ୍ତିରେ ପର୍ଯ୍ୟାୟ କ୍ରମେ କୁଳାଧିପତିଙ୍କ ଦ୍ୱାରା ମନୋନୀତ ଜଣେବିଭାଗୀୟ ମୁଖ୍ୟ ;

(xii) ଓଡିଶା ବିଧାନ ସଭାର ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ତାହାର ଦୁଇଜଣସଦସ୍ୟ ;

(xiii) କାନୁନ୍ ଦ୍ୱାରା ବିହିତ ହେବା ମତେ ସେପରି ଅନ୍ୟାନ୍ୟ ସଦସ୍ୟ ;

(2) କୁଳ ସଚିବ, ବୋର୍ଡର ପଦ-ପ୍ରଯୁକ୍ତ ସଚିବ ହେବେ କିନ୍ତୁ ତାଙ୍କର ଭୋଟଦାନ ଅଧିକାର ରହିବନାହିଁ ।

(3) ଅଧ୍ୟକ୍ଷ ବୈଠକରେ ଅଧ୍ୟକ୍ଷତା କରିବେ ଓ ତାଙ୍କ ଅନୁପସ୍ଥିରେ ସଦସ୍ୟମାନଙ୍କ ମଧ୍ୟରୁ ମନୋନୀତ ଜଣେ ସଦସ୍ୟ ବୈଠକରେ ଅଧକ୍ଷତା କରିବେ ।

(4) ବୋର୍ଡର ବୈଠକରେ କୋରମ ପାଇଁ ସମସ୍ତ ସଦସ୍ୟ ସଂଖ୍ୟାର ଏକତୃତୀୟାଂଶ ସଦସ୍ୟଙ୍କ ଉପସ୍ଥିତି ଆବଶ୍ୟକ ।

(5) ପଦ-ପ୍ରଯୁକ୍ତ ସଦସ୍ୟମାନଙ୍କ ଭିନ୍ନ ବୋର୍ଡର ଅନ୍ୟ ସଦସ୍ୟମାନଙ୍କ କାର୍ଯ୍ୟକାଳ ମନୋନୟନ ତାରିଖ ଠାରୁ ପାଂଚ ବର୍ଷ ହେବ ।

(6) ବୋର୍ଡର ବୈଠକ କୁଳପତିଙ୍କ ଦ୍ୱାରା ଧାର୍ଯ୍ୟହେବା ମତେ ସପରି ତାରିଖମାନଙ୍କରେ ବର୍ଷକୁ ଅନ୍ତତଃ ଦୁଇଥର ବସିବ ଓ ସେପରି ବୈଠକ ଗୁଡିକ ମଧ୍ୟରୁ ଗୋଟିଏ ବୈଠକକୁ ବାର୍ଷିକ ବୈଠକ ବୋଲି କୁହାଯିବଏବଂ ବୋର୍ଡର ବାର୍ଷିକ ବୈଠକରେ ପୂର୍ବ ବର୍ଷ ମଧ୍ୟରେ ହୋଇଥିବା ବିଶ୍ୱବିଦ୍ୟାଳୟର କାର୍ଯ୍ୟ ତଥା ପ୍ରାପ୍ତି ଓ ବ୍ୟୟର ବିବରଣୀ, ଆର୍ଥିକ ଅଟକଳ ଓ ଶେଷ ସମୀକ୍ଷା ରିପୋର୍ଟ ଉପସ୍ଥାପନ କରାଯିବ ।

(7) ଅଧକ୍ଷ ଯେତେବେଳେ ଉପଯୁକ୍ତ ମନେକରିବେ, ଓ ବୋର୍ଡର ଏକ ଚତୁର୍ଥାଂଶ ସଦସ୍ୟଙ୍କ ଦ୍ୱାରା ସାକ୍ଷରିତ ହୋଇ ଲିଖିତ ବରାଦ କ୍ରମେ ବୋର୍ଡର ଏକ ବିଶେଷ ବୈଠକ ଡକାଇ ପାରିବେ ।

କାର୍ଯ୍ୟ ନିର୍ବାହୀ ବୋର୍ଡର କ୍ଷମତା ଓ କୃତ୍ୟମାନ ।

18. ବୋର୍ଡର ନିମ୍ନଲିଖିତ କ୍ଷମତା ଓ କୃତ୍ୟମାନ ରହିବ, ଯଥା:-

(i) ବିଶ୍ୱବିଦ୍ୟାଳୟର ବିସ୍ତୃତ ନୀତି ଓ କାର୍ଯ୍ୟକ୍ରମ ସ୍ଥିର କରିବା ;

(ii) ବିଶ୍ୱବିଦ୍ୟାଳୟର ଉନ୍ନତି ଓ ବିକାଶ ନିମନ୍ତେ କି ପଦକ୍ଷେପ ନିଆଯିବ ତାହା ପ୍ରସ୍ତାବ ଦେବା ;

(iii) ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ, ବାର୍ଷିକ ହିସାବ, ସମୀକ୍ଷା ରିପୋର୍ଟ ଓଉନ୍ନୟନ ଯୋଜନା ପରୀକ୍ଷା କରିବା ଓ କୁଳପତିଙ୍କୁ ସୁପାରିଶ କରିବା ;

(iv) ବିଦ୍ୟା ପରିଷଦର ସୁପାରିଶ କ୍ରମେ ସମ୍ମାନସୂଚକ ଡିଗ୍ରୀ ଓ ଅନ୍ୟଶିକ୍ଷାଗତ ଡିଷ୍ଟିଂସନ ଅର୍ପଣ କରିବା ;

(v) ପ୍ରଚଳିତ ଶିକ୍ଷାସମ୍ବନ୍ଧୀୟ କାର୍ଯ୍ୟକ୍ରମ ଓ ସହଯୋଗୀ କାର୍ଯ୍ୟକ୍ରମ ଗୁଡିକରସମୀକ୍ଷା କରିବା ;

(vi) ସାମାଜିକଆବଶ୍ୟକତା ସହିତ ସଂଗତି ରକ୍ଷାକରି ଭେଷଜ ଶିକ୍ଷାକ୍ଷେତ୍ରରେ ନୂତନଶିକ୍ଷାସଂବଧୀୟ କାର୍ଯ୍ୟକ୍ରମମାନ ପ୍ରସ୍ତାବ ଦେବା ;

(vii)ନୂତନ ଡିଗ୍ରୀ, ଡିପ୍ଲୋମା, ପ୍ରମାଣପତ୍ର ଓ ଅନ୍ୟ ଶିକ୍ଷାଗତ ଡିଷ୍ଟିଂସନ ପ୍ରଦାନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରସ୍ତାବ କରିବା ;

(viii) ରାଜ୍ୟ ସରକାରଙ୍କ ଅନୁମୋଦନ ପ୍ରତି ସାପେକ୍ଷ ହୋଇ କାନୁନ୍, ଅଧ୍ୟାଦେଶ ଓ ବିନିୟମାବଳୀ ପ୍ରଣୟନ କରିବା ;

(ix) ବିଶ୍ୱବିଦ୍ୟାଳୟର ସଂପତ୍ତି ଓ ପାଣ୍ଠି ଧାରଣ, ନିୟନ୍ତ୍ରଣ ଓ ସଂଚାଳନ କରିବା ;

(x) କାନୁନ୍‌ର ବ୍ୟବସ୍ଥା ଅନୁସାରେ ବିଶ୍ୱବିଦ୍ୟାଳୟର ବଜେଟ ଓ ଆର୍ଥିକ ଅଟକଳବିଚାର କରିବା ଓ ପାରିତ କରିବା ;

(xi) ସହବନ୍ଧନ ପାଇଁ ଏହି ଅଧିନିୟମ ଓ କାନୁନ୍ ଦ୍ୱାରା ବ୍ୟବସ୍ଥା ହୋଇଥିବା ମତେସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀ ଅନୁସାରେ ଅନୁଷ୍ଠାନ ଗୁଡିକୁ ସହବନ୍ଧନ କରିବା ;

(xii) ସହବଦ୍ଧ ଅନୁଷ୍ଠାନ ଗୁଡିକରେ ନାମଲେଖାରେ ସ୍ୱଚ୍ଛତା ଓ ବିହିତ ଫିସ୍ ଢାଞ୍ଚାର ଅନୁପାଳନକୁ ତଦାରଖ କରିବା ;

(xiii) ସହବଦ୍ଧ ଅନୁଷ୍ଠାନ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଗୁଡିକରେ ଶିକ୍ଷାବ୍ୟବସ୍ଥାର ଗୁଣ ଓ ମାନକୁ ସୁନିଶ୍ଚିତ କରିବା ପାଇଁ ସେଗୁଡିକୁ ନିରୀକ୍ଷଣ କରାଇବା ;

(xiv) ବିଶ୍ୱବିଦ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କର ନିଯୁକ୍ତିକୁ ଅନୁମୋଦନ କରିବା ଓ ସେମାନଙ୍କର କର୍ତ୍ତବ୍ୟ ବିହିତ କରିବା ;

(xv) ଅନୁମୋଦିତ ଅନୁଷ୍ଠାନ ଗୁଡିକୁ ସ୍ୱୀକୃତି ଦେବା ନିମନ୍ତେ ମାନାଦର୍ଶ ବିହିତକରିବା ;

(xvi) ସହବଦ୍ଧ ଅନୁଷ୍ଠାନ ଗୁଡିକର କର୍ମଚାରୀ ଓ ବିଦ୍ୟାର୍ଥୀମାନଙ୍କ ଶୃଙ୍ଖଳା ପ୍ରତିପର୍ଯ୍ୟବେକ୍ଷଣ ଓ ନିୟନ୍ତ୍ରଣ ପ୍ରୟୋଗ କରିବା ;

(xvii) ପରୀକ୍ଷା ସଞ୍ଚାଳନ ଓ ଫଳ ପ୍ରକାଶନର ପ୍ରକ୍ରିୟା ବିହିତ କରି ପରୀକ୍ଷା ପ୍ରକରଣପୁସ୍ତକ ପ୍ରଣୟନ କରିବା ସଂଶୋଧନ କରିବା ;

(xviii) ସହବଦ୍ଧ ଅନୁଷ୍ଠାନ ଗୁଡିକ ଦ୍ୱାରା କରାଯାଉଥିବା ଆଭ୍ୟନ୍ତରୀଣ ନିରୂପଣ ଓ ଅନ୍ୟମୂଲ୍ୟାୟନ ପ୍ରକ୍ରିୟାକୁ ବିନିୟମିତ କରିବା ;

(xix) ପାଠ୍ୟ ମଣ୍ଡଳୀର ସଦସ୍ୟମାନଙ୍କୁ ସେମାନଙ୍କ ଯୋଗ୍ୟତା ଓ ଶିକ୍ଷାଗତ ମାନଆଧାରରେ ନିଯୁକ୍ତ କରିବା ;

(xx) ସହବଦ୍ଧ ଅନୁଷ୍ଠାନ ଗୁଡିକର ଶୈକ୍ଷିକ ମାନ, ସେବାର ଗୁଣ ରକ୍ଷା ନିମନ୍ତେପଦକ୍ଷେପ ନେବା ;

(xxi) ବିଶ୍ୱବିଦ୍ୟାଳୟର ଆସ୍ତି ଓ ସଂପତ୍ତି ଗୁଡିକ ଧାରଣ କରିବା, ନିୟନ୍ତ୍ରଣ କରିବା ଓସେଗୁଡିକର ପ୍ରଶାସନ ନିମନ୍ତେ ବନ୍ଦୋବସ୍ତ କରିବା;

(xxii) ବିଶ୍ୱବିଦ୍ୟାଳୟର ଏକ ସାଧାରଣ ମୋହର ପାଇଁ ଆକୃତି ଅବଧାରଣ କରିବା ଏବଂ ତାହାର ତତ୍ତ୍ୱାବଧାନ ଓ ବ୍ୟବହାର ପାଇଁ ବ୍ୟବସ୍ଥା କରିବା;

(xxiii) ବିଶ୍ୱବିଦ୍ୟାଳୟ ପାଇଁ ଅସ୍ଥାବର ଓ ସ୍ଥାବର ସଂପତ୍ତି ଅର୍ଜନ କରିବା ;

(xxiv) ବିଶ୍ୱବିଦ୍ୟାଳୟ ତରଫରୁ କୌଣସି ଅସ୍ଥାବର ସମ୍ପତ୍ତିକୁ ବିକ୍ରୟ ବା ଅନ୍ୟ ପ୍ରକାରେ ଅନ୍ତରଣ କରିବା ;

(xxv) ରାଜ୍ୟ ସରକାରଙ୍କର ନୀତି ପ୍ରତି ସାପେକ୍ଷ ହୋଇ ଏବଂ କାନୁନ୍‌ରେ ବ୍ୟବସ୍ଥା କରାଯାଇଥିବାମତେ ଅର୍ଥ କମିଟିର ସୁପାରିଶ କ୍ରମେ ବିଶ୍ୱବିଦ୍ୟାଳୟ ତରଫରୁ ପାଣ୍ଠି ଋଣ କରିବା , କରଜ ଦେବା, ବା ବିନିଯୋଗ କରିବା ;

(xxvi) ବିନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ ହେପାଜାତରେ ପାଣ୍ଠିରପରିଚାଳନା ନିମନ୍ତେନୀତି ନିର୍ଦ୍ଧାରଣ କରିବା ;

(xxvii) ବିଶ୍ୱବିଦ୍ୟାଳୟର କାର୍ଯ୍ୟ ପରିଚାଳନା ଓ କର୍ମଚାରୀମାନଙ୍କ ନିବାସ ପାଇଁ ଆବଶ୍ୟକ କୋଠା, ପରିସର, ଆସବାବପତ୍ର, ଯନ୍ତ୍ରପାତି, ସରଞ୍ଜାମ ଓ ଅନ୍ୟଜିନିଷମାନ ଯୋଗାଇ ଦେବା ;

(xxviii) ଏତଦୁପଲକ୍ଷେ ପ୍ରଣୀତ କାନୁନ୍ ଅନୁସାରେ ଫେଲୋସିପ୍, ଟ୍ରାଭେଲିଂ ଫେଲୋସିପ୍, ପୁରସ୍କାର, ପଦକ ଓ ପ୍ରାଇଜ୍ ପାଇଁ ବ୍ୟବସ୍ଥା କରିବା ;

(xxix) ପାରସ୍ପରିକ ଶୈକ୍ଷିକ କାର୍ଯ୍ୟକ୍ରମ ନିମନ୍ତେ ଅନ୍ୟ ବିଶ୍ୱବିଦ୍ୟାଳୟ ଅନୁଷ୍ଠାନ ଓ ସଂଗଠନ ଗୁଡିକ ସହିତ ସହଯୋଗ ପାଇଁ ବିନିୟମ ପ୍ରଣୟନ କରିବା ;

(xxx) ବିଶ୍ୱବିଦ୍ୟାଳୟର ନିୟମିତ ଅଧିକାରୀ ଓ ଅନ୍ୟ କର୍ମଚାରୀ ପଦ ସୃଷ୍ଟି କରିବାନିମନ୍ତେ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ସୁପାରିଶ କରିବା ;

(xxxi) ଘରୋଇ, ସହବଦ୍ଧ ଅନୁଷ୍ଠାନ ଗୁଡିକର ବ୍ୟାପାର ସଂପର୍କରେ ଅନୁସନ୍ଧାନ ପାଇଁବନ୍ଦୋବସ୍ତ କରିବା ଓ ନିର୍ଦ୍ଦେଶ ଦେବା ଏବଂ ବିଶ୍ୱବିଦ୍ୟାଳୟ ସହିତ ସହବଦ୍ଧ ସେପରି ସମସ୍ତ ଅନୁଷ୍ଠାନ ଓ ମହାବିଦ୍ୟାଳୟଗୁଡିକର ଶିକ୍ଷକ, ଅଧିକାରୀ ଓକର୍ମଚାରୀମାନଙ୍କର ନିୟୋଜନର ଯଥାର୍ଥ ସର୍ତ୍ତାବଳୀ, ସେମାନଙ୍କୁ ଯଥେଷ୍ଟ ଦରମା ପ୍ରଦାନକୁ ସୁନିଶ୍ଚିତକରିବା ନିମନ୍ତେ ଅନୁଦେଶ ଜାରି କରିବା ଏବଂ ତାହାର ଅବମାନନା କଲେ ଅନୁଷ୍ଠାନଗୁଡିକ ବିରୁଦ୍ଧରେ ସହବନ୍ଧନ ଓ ସ୍ୱୀକୃତି ପ୍ରଦାନର ସର୍ତ୍ତବଳୀକୁ ପରିବର୍ତ୍ତନ କରିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅଥବା ସେଥିପାଇଁ ଅନ୍ୟ ଯେଉଁ ପଦକ୍ଷେପ ନେବା ଉଚିତ୍ ବୋଲି ମନେ କରିବେ,ସେପରି ପଦକ୍ଷେପ ନେବା ;

(xxxii) ପ୍ରଶ୍ନପତ୍ର ପ୍ରସ୍ତୁତକର୍ତ୍ତା, ପରୀକ୍ଷକ ଓ ଅନ୍ୟାନ୍ୟ ପରୀକ୍ଷା କର୍ମଚାରୀ, ଅତିଥି ଶିକ୍ଷକମାନଙ୍କ ପାଇଁ ଏବଂ ବିଶ୍ୱବିଦ୍ୟାଳୟକୁ ଯୋଗାଉ ଦିଆଯାଉଥିବା ସେପରି ଅନ୍ୟାନ୍ୟ ସେବା ପାଇଁ ମାନଦେୟ, ପାରିଶ୍ରମିକ ଓ ଫିସ୍ ଏବଂ ଗସ୍ତ ଓ ଅନ୍ୟାନ୍ୟ ଭତ୍ତା ବିହିତ କରିବା ;

(xxxiii) କାନୁନ୍‌ରେ ବ୍ୟବସ୍ଥା କରାଯାଇଥିବା ମତେ ସାମୟିକ ଭାବେ କୁଳପତିଙ୍କ ଠାରୁ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ସଂପର୍କିତ ରିପୋର୍ଟ ଗ୍ରହଣ କରିବା ଓ ବିଚାର କରିବା ;

(xxxiv) ପୂର୍ବ ଶିକ୍ଷା ବର୍ଷ ସମାପ୍ତ ହେବା ପୂର୍ବରୁ ପ୍ରତି ଶିକ୍ଷା ବର୍ଷ ନିମନ୍ତେ କାନୁନ୍ ର ବ୍ୟବସ୍ଥା ଓ ବିଭିନ୍ନ ବିନିୟାମକ ନିକାୟ ଓ ରାଜ୍ୟ ସରକାରଙ୍କ ମାର୍ଗ ଦର୍ଶନ ଅନୁସାରେ ବିଶ୍ୱବିଦ୍ୟାଳୟର ଶିକ୍ଷା କ୍ୟାଲେଣ୍ଡର ପ୍ରସ୍ତୁତ କରିବା ;

(xxxv) ବିଶ୍ୱବିଦ୍ୟାଳୟର ଉନ୍ନତି ନିମନ୍ତେ ବିଦ୍ୟା ପରିଷଦ ଦ୍ୱାରା ପ୍ରସ୍ତୁତ ହୋଇଥିବା ସମ୍ଭାବ୍ୟ ଯୋଜନାକୁ ବିଚାର କରିବା ;

(xxxvi) ଶୈକ୍ଷିକ କାର୍ଯ୍ୟକ୍ରମ ଗୁଡିକ ସକାଶେ ବିଦ୍ୟା ପରିଷଦ ଠାରୁ ମିଳିଥିବା ପ୍ରସ୍ତାବ ଗୁଡିକର ସମ୍ଭାବନାକୁ ନିର୍ଦ୍ଧାରଣ କରିବା ଓ ଅନୁମୋଦନ କରିବା ;

(xxxvii) ବିଶ୍ୱବିଦ୍ୟାଳୟ ସହିତ ସହବଦ୍ଧ ମହାବିଦ୍ୟାଳୟ, ଅନୁଷ୍ଠାନ ଗୁଡିକର ସଠିକ ସଂଚାଳନ, କାର୍ଯ୍ୟ ଓ ଆର୍ଥିକ ବିଷୟଗୁଡିକ ସଂପର୍କରେ ତଦନ୍ତ କରାଇବା ;

(xxxviii) ତାହାର କାନୁନ୍ ଓ ଅଧ୍ୟାଦେଶ ପ୍ରଣୟନ କ୍ଷମତା ଭିନ୍ନ ଅନ୍ୟ କୌଣସି କ୍ଷମତା କୁଳପତି ବା ଏହା ଉପଯୁକ୍ତ ବିବେଚନା କରିବା ମତେ ବିଶ୍ୱବିଦ୍ୟାଳୟର ସେପରି ଅଧିକାରୀ ବା ପ୍ରାଧିକାରୀ ବା ତାହାଦ୍ୱାରା ନିଯୁକ୍ତ ଏକ କମିଟିକୁ ପ୍ରତିନିହିତ କରିବା ;

(xxxix) ଏହି ଅଧିନିୟମ ବା କାନୁନ୍ ଦ୍ୱାରା ତାହା ଉପରେ ଅର୍ପଣ ବା ନ୍ୟସ୍ତ କରାଯିବା ମତେ ସେପରି ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବା ଓ ସେପରି ଅନ୍ୟାନ୍ୟ କର୍ତ୍ତବ୍ୟ ସଂପାଦନ କରିବା ;

ବିଦ୍ୟାପରିଷଦ 19. (1)ବିଦ୍ୟା ପରିଷଦ ଶିକ୍ଷାଦାନ ଓ ଗବେଷଣା ତଥା ସହଯୋଗ କାର୍ଯ୍ୟକ୍ରମ ଗୁଡିକର ମାନ ବଜାୟ ରଖିବା ଓ ଉନ୍ନତି କରିବା ସମ୍ପର୍କରେ ଶିକ୍ଷାନୀତି ପ୍ରସ୍ତୁତ କରିବା ପାଇଁ ଦାୟୀ ରହିବ ।

(2)ନିମ୍ନ ଲିଖିତ ସଦସ୍ୟମାନଙ୍କୁ ନେଇ ବିଦ୍ୟା ପରିଷଦ ଗଠିତ ହେବ, ଯଥା:-

**ପଦ ପ୍ରଯୁକ୍ତ ସଦସ୍ୟ:**

(i) କୁଳପତି ଅଧକ୍ଷ ;

(ii) ପାଠ୍ୟସୂଚୀ ନିର୍ଦ୍ଦେଶକ ;

(iii) ପାଠ୍ୟ ମଣ୍ଡଳୀ ଗୁଡିକର ଅଧ୍ୟକ୍ଷମାନେ ;

(iv) ନିର୍ଦ୍ଦେଶକ, ଡାକ୍ତରୀ ଶିକ୍ଷା ଓ ତାଲିମ ;

(v) ନିର୍ଦ୍ଦେଶକ ଆୟୁଷ ;

**ଅନ୍ୟାନ୍ୟ ସଦସ୍ୟ ଗଣ**

(vi) ପାଞ୍ଚଜଣ ପ୍ରଫେସରଙ୍କ ମଧ୍ୟରୁ ତିନି ଜଣ ସରକାରୀ ଚିକିତ୍ସା ମହାବିଦ୍ୟାଳୟରୁ ଓ ଦୁଇଜଣ ସହବଦ୍ଧ ଘରୋଇ ମହାବିଦ୍ୟାଳୟଗୁଡିକରୁ କୁଳପତିଙ୍କ ଦ୍ୱାରା ମନୋନୀତ ହେବେ ;

(vii) ଦୁଇଜଣ ପ୍ରଫେସରଙ୍କ ମଧ୍ୟରୁ ଜଣେ ଲେଖାଏଁ ସରକାରୀ ଓ ଘରୋଇଦନ୍ତଚିକିତ୍ସା ମହାବିଦ୍ୟାଳୟ ଗୁଡିକରୁ କୁଳପତିଙ୍କ ଦ୍ୱାରା ମନୋନୀତ ହେବେ ;

(viii) ଦୁଇଜଣ ପ୍ରଫେସରଙ୍କ ମଧ୍ୟରୁ ଜଣେ ଲେଖାଏଁ ସରକାରୀ ଓ ଘରୋଇଆୟୁର୍ବେଦ ମହାବିଦ୍ୟାଳୟ ଗୁଡିକରୁ କୁଳପତିଙ୍କ ଦ୍ୱାରା ମନୋନୀତ ହେବେ;

(ix) ଦୁଇଜଣ ପ୍ରଫେସରଙ୍କ ମଧ୍ୟରୁ ଜଣେ ଲେଖାଏଁ ସରକାରୀ ଓ ଘରୋଇହୋମିଓପ୍ୟାଥି ମହାବିଦ୍ୟାଳୟ ଗୁଡିକରୁ କୁଳପତିଙ୍କ ଦ୍ୱାରା ମନୋନୀତହେବେ;

(x) ପ୍ରତ୍ୟେକ ସରକାରୀ ଓ ଘରୋଇ ନର୍ସିଂ ମହାବିଦ୍ୟାଳୟ ଗୁଡିକରୁ ଜଣେ ଲେଖାଏଁ ପ୍ରଫେସର ବା ବରିଷ୍ଠ ଶିକ୍ଷକ, ଯେଉଁମାନେ କି କୁଳପତିଙ୍କ ଦ୍ୱାରା ମନୋନୀତହେବେ;

(xi) ଦୁଇଜଣ ପ୍ରଫେସର ବା ବରିଷ୍ଠ ଶିକ୍ଷକ ଯେଉଁମାନେ କି ସରକାରୀ ଫାର୍ମାସୀ ମହାବିଦ୍ୟାଳୟ ମାନଙ୍କରୁ କୁଳପତିଙ୍କ ଦ୍ୱାରା ମନୋନୀତ ହେବେ ;

(xii) ଡାକ୍ତରି ଲାବୋରାଟୋରି ପ୍ରଯୁକ୍ତି ବିଦ୍ୟାରୁ ଜଣେ ଶିକ୍ଷକ ଯେକି, କୁଳପତିଙ୍କଦ୍ୱାରା ମନୋନୀତ ହେବେ ;

(xiii) ସରକାରୀ ଓ ଘରୋଇ ମହାବିଦ୍ୟାଳୟ ଗୁଡିକରୁ ଜଣେ ଶିକ୍ଷକ, ଯେକିକୁଳପତିଙ୍କ ଦ୍ୱାରା ମନୋନୀତ ହେବେ ;

(xiv) ମହାବିଦ୍ୟାଳୟଗୁଡିକର ଅଧ୍ୟକ୍ଷ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଗୁଡିକର ମୁଖ୍ୟଙ୍କ ଭିନ୍ନ ଅନ୍ୟୂନ ଦଶ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥାଇ ପ୍ରତ୍ୟେକ ବିଭାଗକୁ ପ୍ରତିନିଧିତ୍ୱ କରୁଥିବା ଜଣେ ଲେଖାଏଁ ଶିକ୍ଷକ, ଯେଉଁମାନେ କି ବିଦ୍ୟା ପରିଷଦ ଦ୍ୱାରା ସହବରଣହେବେ ଏବଂ ସେମାନଙ୍କ ମଧ୍ୟରୁ ଅନ୍ତତଃ ଜଣେ ଅନୁସଚିତ ଜନଜାତି ବା ଅନୁସଚିତ ଜାତିର ହୋଇଥିବେ ;

(xv) ସ୍ୱାସ୍ଥ୍ୟ ଓ ତତ୍‌ସମ୍ବନ୍ଧୀୟ ବିଜ୍ଞାନ କ୍ଷେତ୍ରରେ ଖ୍ୟାତିଲାଭ କରିଥିବା ଦୁଇଜଣ ପ୍ରବୀଣ ବ୍ୟକ୍ତି ଯେଉଁମାନେ କି କୁଳାଧିପତିଙ୍କ ଦ୍ୱାରା ମନୋନୀତ ହେବେ ;

(xvi) ସହବଦ୍ଧ ସରକାରୀ ମହାବିଦ୍ୟାଳୟଗୁଡିକର ଶିକ୍ଷକମାନଙ୍କ ମଧ୍ୟରୁ କୁଳପତିଙ୍କ ଦ୍ୱାରା ମନୋନୀତ ହେବା ତିନି ଜଣ ମହିଳା ଶିକ୍ଷକ ;

(3) କୁଳସଚିବ ବିଦ୍ୟାପରିଷଦର ସଚିବ ରୂପେ କାର୍ଯ୍ୟ କରିବେ, କିନ୍ତୁ ତାଙ୍କର ଭୋଟ ଦେବା ଅଧିକାର ରହିବ ନାହିଁ ।

(4) ବିଦ୍ୟାପରିଷଦର ବୈଠକରେ କୋରମ ପାଇଁ ବିଦ୍ୟାପରିଷଦର ସମସ୍ତ ସଦସ୍ୟ ସଂଖ୍ୟାର ଏକ ପଞ୍ଚମାଂଶ ସଦସ୍ୟଙ୍କ ଉପସ୍ଥିତି ଆବଶ୍ୟକ ;

(5) ବିଦ୍ୟା ପରିଷଦର ବୈଠକ ବର୍ଷକୁ ଅନ୍ୟୁନ ତିନିଥର ବସିବ ।

(6) ବିଦ୍ୟା ପରିଷଦର ପଦପ୍ରଯୁକ୍ତ ସଦସ୍ୟମାନଙ୍କ ଭିନ୍ନ ଅନ୍ୟ ସଦସ୍ୟମାନଙ୍କ ପଦର କାର୍ଯ୍ୟକାଳ ପାଞ୍ଚବର୍ଷ ହେବ ।

ବିଦ୍ୟା ପରିଷଦର କ୍ଷମତା ଓ ଦୃତ୍ୟ ।

20. ବିଦ୍ୟା ପରିଷଦ ନିମ୍ନଲିଖିତ କ୍ଷମତାମାନ ପ୍ରୟୋଗ କରିବ ଓ କୃତ୍ୟମାନ ସଂପାଦନକରିବ, ଯଥା:-

(i) ସମସ୍ତ ଶିକ୍ଷା ସଂପର୍କିତ ବିଷୟରେ ବୋର୍ଡକୁ ପରାମର୍ଶ ଦେବା ;

(ii) ଶିକ୍ଷା ସଂପର୍କିତ ବିଷୟରେ ବିନିୟମ ପ୍ରଣୟନ କରିବ ;

(iii) ଗବେଷଣା ଏବଂ ଜ୍ଞାନର ବିକାଶ ଓ ପ୍ରସାର ନିମନ୍ତେ ପ୍ରସ୍ତାବ କରିବା;

(iv) ବିଶ୍ୱବିଦ୍ୟାଳୟ ସହିତ ସହବଦ୍ଧ ଅନୁଷ୍ଠାନ ଗୁଡିକ ପାଇଁ ପାଠ୍ୟକ୍ରମ ବିହିତ କରିବା ;

(v) ସହବଦ୍ଧ ଅନୁଷ୍ଠାନ ଗୁଡିକର ଶିକ୍ଷକମାନଙ୍କ ପାଇଁ ଯୋଗ୍ୟତା ବିହିତ କରିବା ;

(vi) ବିଭିନ୍ନ ପାଠ୍ୟକ୍ରମ ଓ ପରୀକ୍ଷା ପାଇଁ ନାମ ଲେଖାଇବା ସକାଶେ ବିଦ୍ୟାର୍ଥୀ ମାନଙ୍କଯୋଗ୍ୟତା ବିହିତ କରିବା ;

(vii) ମେଧା ଭିତ୍ତିରେ ବିଭିନ୍ନ ପାଠ୍ୟକ୍ରମରେ ବିଦ୍ୟାର୍ଥୀମାନଙ୍କ ନାମ ଲେଖାଇବା ପାଇଁ ଓ ଶିକ୍ଷାର ମାନ ବଜାୟ ରଖିବା ସକାଶେ ବ୍ୟବସ୍ଥା କରିବା ;

(viii) ସହବଦ୍ଧ ଅନୁଷ୍ଠାନଗୁଡିକରେ ଶିକ୍ଷାଦାନ ଓ ଆହରଣ ପ୍ରକ୍ରିୟା ମଧ୍ୟରେ ସମନ୍ୱୟ ରକ୍ଷା କରିବା ;

(ix) ଡିଗ୍ରୀ, ଡିପ୍ଲୋମା, ପ୍ରମାଣପତ୍ର ଓ ଅନ୍ୟ ଶିକ୍ଷାଗତ ଡିଷ୍ଟିଂସନ ସ୍ଥାପନ ସଂପର୍କରେ ବୋର୍ଡକୁ ପ୍ରସ୍ତାବମାନ ସୁପାରିଶ କରିବା ;

(x) ଫେଲୋସିପ୍, ଗସ୍ତଫେଲୋସିପ୍ ବୃତ୍ତି, ଛାତ୍ରବୃତ୍ତି, ପଦକ ଓ ପୁରସ୍କାର ପାଇଁ ବ୍ୟବସ୍ଥା କରିବା ସକାଶେ ବୋର୍ଡକୁ ପ୍ରସ୍ତାବ ଦେବା ଓ ସେଗୁଡିକ ପ୍ରଦାନ ନିମନ୍ତେ ବିନିୟମ ପ୍ରଣୟନ କରିବା ;

(xi) ପ୍ରଶ୍ନପତ୍ର ପ୍ରସ୍ତୁତକର୍ତ୍ତା, ପରୀକ୍ଷକ, ନିୟାମକ ଓ ପରୀକ୍ଷା ସଞ୍ଚାଳନ ସହିତ ସଂପୃକ୍ତ ଅନ୍ୟମାନଙ୍କ ପାଇଁ ଯୋଗ୍ୟତା ଓ ମାନଦଣ୍ଡ ବିହିତ କରିବା ,

(xii) ପ୍ରଚଳିତ ପାଠ୍ୟକ୍ରମର ଉପଯୋଗିତା ଓ ପ୍ରାୟୋଗିକତା ସଂପର୍କରେ ଏବଂ ନୂତନ ଜ୍ଞାନ ବା ସାମାଜିକ ପରିସ୍ଥିତିର ମୁକାବିଲା ପରିପ୍ରେକ୍ଷୀରେ ଏବଂ ସେ ସଂକ୍ରାନ୍ତରେ ବିନିୟାମକ ନିକାୟର ଯଦିକିଛି ବିନିୟମ, ଆଦେଶ ବା ଅନୁଦେଶ ଥାଏ, ତେବେ ତାହା ସହିତ ସଂଗତି ରକ୍ଷାକରି, ସେଗୁଡିକ ସମୀକ୍ଷା ବା ପରିବର୍ତ୍ତନ କରିବାର ବାଞ୍ଛନୀୟତା ବା ଆବଶ୍ୟକତା ସମ୍ପର୍କରେ ସାମୟିକ ଭାବେ ସମୀକ୍ଷା କରିବା ପାଇଁ କମିଟିମାନ ନିଯୁକ୍ତ କରିବା ;

(xiii) ଅନ୍ୟ ବିଶ୍ୱବିଦ୍ୟାଳୟ ଗୁଡିକର କେଉଁ ପରୀକ୍ଷାଗୁଡିକ ବିଶ୍ୱବିଦ୍ୟାଳୟର ସମତୁଲ୍ୟ ରୂପେ ଗ୍ରହଣ କରାଯାଇପାରିବ ତାହା ନିଷ୍ପତ୍ତି କରିବା ଏବଂ ବିଶ୍ୱବିଦ୍ୟାଳୟର ପରୀକ୍ଷାଗୁଡିକୁ ସ୍ୱୀକୃତି ଦେବା ପାଇଁ ଅନ୍ୟ ବିଶ୍ୱବିଦ୍ୟାଳୟ ଗୁଡିକ ସହିତ ଆଲୋଚନା କରିବା ;

(xiv) ସହବନ୍ଧ ଅନୁଷ୍ଠାନ ଗୁଡିକରେ ସାଧାନା କେନ୍ଦ୍ର, କର୍ମଶାଳା, ସଉକ କେନ୍ଦ୍ର , ସଂଗ୍ରହାଳୟ ଆଦି ପରି ଆଭ୍ୟନ୍ତରୀଣ ଅଧ୍ୟୟନ ସକାଶେ, ସାଧାରଣ ସୁବିଧା ଯୋଗାଇ ଦେବା ପାଇଁ ପ୍ରସ୍ତାବ କରିବା;

(xv) କୌଣସି ସହବନ୍ଧ ଅନୁଷ୍ଠାନ ବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର କୌଣସି କର୍ମଚାରୀଙ୍କୁ ଶିକ୍ଷକ ରୂପେ ସ୍ୱୀକୃତି ଦେବା ନିମନ୍ତେ ମାନାଦର୍ଶ ବିହିତ କରିବା ;

(xvi) ଉଚ୍ଚତର ଶିକ୍ଷା ଏବଂ ବିଶେଷ ଅଧ୍ୟୟନର ଗବେଷଣା ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନ ଗୁଡିକୁ ସହବନ୍ଧନ ମଞ୍ଜୁର କରିବା, ସ୍ୱୀକୃତି ଚାଲୁ ରଖିବା , ସ୍ୱୀକୃତି ସଂପ୍ରାସାରଣ କରିବା ନିମନ୍ତେ ମାନଦର୍ଶ ବିହିତ କରିବା ;

(xvii) କାନୁନ୍ ଅଧ୍ୟାଦେଶ ଓ ବିନିୟମାବଳୀର ବ୍ୟବସ୍ଥା ଅନୁସାରେ ମହାବିଦ୍ୟାଳୟ ବା ଅନୁଷ୍ଠାନ ଗୁଡିକୁ ସହବନ୍ଧନ ମଞ୍ଜୁର କରିବା ;

(xviii) ପରିଷଦ ଦ୍ୱାରା ନିଯୁକ୍ତ କମିଟିର ସୁପାରିଶ କ୍ରମେ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକୁ ସ୍ୱୀକୃତି ଦେବା ;

(xix) ଅଧିନିୟମ ଗୁଡିକର ବ୍ୟବସ୍ଥା ଓ ରାଜ୍ୟସରକାରଙ୍କର ନୀତି ନିୟମ ଅନୁସାରେ ତଥା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ମାର୍ଗଦର୍ଶନକୁ ଧ୍ୟାନରେ ରଖି ସହବନ୍ଧ ଅନୁଷ୍ଠାନ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଗୁଡିକୁ ସ୍ୱୟଂଶାସନ ମର୍ଯ୍ୟାଦା ଅର୍ପଣ କରିବା ପାଇଁ ବୋର୍ଡକୁ ସୁପାରିଶ କରିବା ;

(xx) ଫିସ୍ ଓ ଅନ୍ୟାନ୍ୟ ଦେୟ ବିହିତ କରିବାକୁ ବୋର୍ଡକୁ ପ୍ରସ୍ତାବ ଦେବା ;

(xxi) ସାଧାରଣ ଭାବେ ସମସ୍ତ ଶିକ୍ଷାସଂମ୍ବଧୀୟ ବିଷୟରେ ବିଶ୍ୱବିଦ୍ୟାଳୟକୁ ପରାମର୍ଶ ଦେବା ଏବଂ ବୋର୍ଡର ପୂର୍ବ ବାର୍ଷିକ ବୈଠକରେ ତାହାଦ୍ୱାରା ସୁପାରିଶ କରାଯାଇଥିବା ଶିକ୍ଷାସଂମ୍ବଧୀୟ କାର୍ଯ୍ୟକ୍ରମ ଗୁଡିକ ଉପରେ ସମ୍ଭାବ୍ୟ କାର୍ଯ୍ୟକାରିତା ରିପୋର୍ଟ ବୋର୍ଡ ନିକଟରେ ଉପସ୍ଥାପନ କରିବା ;

(xxii) ପରୀକ୍ଷା ସଂଚାଳନ କରିବା ଏବଂ ପରୀକ୍ଷାର ଆୟୋଜନ କରିବା, ପରୀକ୍ଷା ପଦ୍ଧତିରେ ଉନ୍ନତି ଆଣିବା, ପ୍ରଶ୍ନପତ୍ର ପ୍ରସ୍ତୁତକର୍ତ୍ତା ଓ ପରୀକ୍ଷକ ମାନଙ୍କୁ ନିଯୁକ୍ତି ଦେବା ସମ୍ପର୍କରେ ଏବଂ ପରୀକ୍ଷା କରିବା ଓ ଫଳାଫଳ ଘୋଷଣା ପାଇଁ ତାରିଖର କାର୍ଯ୍ୟସୂଚୀ ପ୍ରସ୍ତୁତି ନିମନ୍ତେ ବୋର୍ଡର ନିୟନ୍ତ୍ରଣ ଓ ସମୀକ୍ଷା ପ୍ରତି ସାପେକ୍ଷ ହୋଇ ନୀତି ନିର୍ଦ୍ଧାରଣକରିବା ;

(xxiii) ଏହି ଅଧିନିୟମ, କାନୁନ୍, ଅଧ୍ୟାଦେଶ ଓ ବିନିୟମାବଳୀ ଦ୍ୱାରା ବା ଅନୁଯାୟୀ ଏହା ଉପରେ ଅନ୍ୟ ଯେଉଁ କ୍ଷମତା ଓ ଦାୟିତ୍ୱ ଅର୍ପଣ କରାଯାଇପାରେ ତାହା ପ୍ରୟୋଗ କରିବା ଓ ସଂପାଦନ କରିବା ;

ପାଠ୍ୟ ମଣ୍ଡଳୀ 21. (1) କାନୁନ୍‌ରେବିହିତ ହେବା ମତେ ପ୍ରତ୍ୟେକ ବିଷୟ ବା ବିଷୟସମୂହ ପାଇଁ ଗୋଟିଏ ଲେଖାଏଁ ପାଠ୍ୟ ମଣ୍ଡଳୀ ରହିବ ।

(2)ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ପାଠ୍ୟ ମଣ୍ଡଳୀ ଗଠିତ ହେବ,

(କ) ସହବଦ୍ଧ ଅନୁଷ୍ଠାନ ଗୁଡିକର ଅଧ୍ୟକ୍ଷଙ୍କ ଭିନ୍ନ ଅନ୍ୟୁନ ଦଶ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବା ବିଭାଗୀୟ ମୁଖ୍ୟମାନଙ୍କ ମଧ୍ୟରୁ ଦୁଇ ଜଣ ବ୍ୟକ୍ତି, ଯେଉଁମାନେକି କୁଳପତିଙ୍କ ଦ୍ୱାରା ମନୋନୀତ ହେବେ ;

(ଖ) ସରକାରୀ ମହାବିଦ୍ୟାଳୟଗୁଡିକର ଶିକ୍ଷକମାନଙ୍କ ମଧ୍ୟରୁ ଅନ୍ୟୁନ ଦଶ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବା ଦୁଇ ଜଣ ସ୍ନାତକୋତ୍ତର ଶିକ୍ଷକଙ୍କ ମଧ୍ୟରୁ ଜଣେ ମହିଳା, ଯେଉଁମାନେ କି କୁଳପତିଙ୍କ ଦ୍ୱାରା ମନୋନୀତ ହେବେ ;

(ଗ) କୁଳପତିଙ୍କ ଦ୍ୱାରା ମନୋନୀତ ହେବା ମତେ ଦୁଇଜଣ ଖ୍ୟାତିସଂପନ୍ନ ବ୍ୟକ୍ତି , ଯେଉଁମାନେ କି ;-

(i) ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କରେ ପ୍ରଫେସର ବା ସହଯୋଗୀ ପ୍ରଫେସର ହୋଇଥିବେ ; ବା

(ii) ଜାତୀୟ ଲାବୋରାଟୋରି ବା ଗବେଷଣା ଅନୁଷ୍ଠାନ ବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନମାନଙ୍କରେ ସଂପୃକ୍ତ ବିଷୟରେ ଅନ୍ୟୁନ ଦଶବର୍ଷର ଅଭିଜ୍ଞତା ଥିବା ବ୍ୟକ୍ତି ହୋଇଥିବେ ; ବା

(iii) ସଂପୃକ୍ତ ବିଷୟରେ ପ୍ରବୀଣ ହୋଇଥିବେ, ଯାହାଙ୍କର –

(କ) ପ୍ରାସଙ୍ଗିକ ବିଷୟରେ ଅନ୍ତତଃ ଗୋଟିଏ ପୁସ୍ତକ ପ୍ରକାଶିତ ହୋଇଥିବ ; ବା

(ଖ) ସୂଚୀବଦ୍ଧ ହୋଇଥିବା ଜାତୀୟ ବା ଆନ୍ତର୍ଜାତୀୟ ପତ୍ରିକାରେ ଚାରି ଗୋଟି ଗବେଷଣା ନିବନ୍ଧ ପ୍ରକାଶିତ ହୋଇଥିବ ;

(3) ପାଠ୍ୟମଣ୍ଡଳୀର ସଦସ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଧକ୍ଷ ରୂପେ ମନୋନୀତ କରିବେ ।

(4) ପାଠ୍ୟମଣ୍ଡଳୀର ସଦସ୍ୟମାନଙ୍କ କାର୍ଯ୍ୟକାଳ, ସେମାନେ ମନୋନୀତ ହେବା ତାରିଖ ଠାରୁ ତିନିବର୍ଷ ହେବ ।

ପାଠ୍ୟ ମଣ୍ଡଳୀର କ୍ଷମତା ଓ କୃତ୍ୟ । (1) ପାଠ୍ୟ ମଣ୍ଡଳୀ ନିମ୍ନଲିଖିତ କ୍ଷମତାମାନ ପ୍ରୟୋଗ କରିବ ଓ କୃତ୍ୟମାନସଂପାଦନ କରିବ, ଯଥା:-

(i) ବୋର୍ଡ ବା ବିଦ୍ୟାପରିଷଦର ଅନୁରୋଧ କ୍ରମେ ପାଠ୍ୟକ୍ରମ, ତାହାର ପରିସର ମଧ୍ୟରେ ଆସୁଥିବା ବିଷୟ ବା ବିଷୟ ସମୂହ ସୁପାରିଶ କରିବା ;

(ii) ଉକ୍ତ ପାଠ୍ୟକ୍ରମ ପାଇଁ ପୁସ୍ତକ ତଥା ପାଠ୍ୟ ପୁସ୍ତ.ଅନୁପୂରକ ପଠନ ପୁସ୍ତକ ଓ ସୂଚନା ପୁସ୍ତକ ତଥା ଅନ୍ୟ ପଠନ ସାମଗ୍ରୀ ସୁପାରିଶ କରିବା ;

(iii) ଉକ୍ତ ବିଷୟରେ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ କର୍ତ୍ତାଓ ପରୀକ୍ଷକମାନଙ୍କୁ ନିଯୁକ୍ତି ଦେବା ;

(iv) ଥେସିସ୍ ଓ ନିବନ୍ଧ ଗୁଡିକର ମୂଲ୍ୟାୟନ ପାଇଁ ଏବଂ ସ୍ନାତକୋତ୍ତର, ଡକଟରେଟ ଓ ଉଚ୍ଚତର ଡିଗ୍ରୀ ପ୍ରଦାନ ନିମନ୍ତେ ଯେଉଁଠାରେ ବିହିତ ହୋଇଥିବ, ମୌଖିକ ପରୀକ୍ଷା କରିବା ପାଇଁ ମୂଲ୍ୟାୟନକାରୀ ନିଯୁକ୍ତ କରିବା ; ଏବଂ

(v) ଉକ୍ତ ବିଷୟରେ ଅଭିମୁଖୀକରଣ ଓ ସତେଜକ ପାଠ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତାବ କରିବା।

ଅର୍ଥ କମିଟି । 23. (1)ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ଅର୍ଥ କମିଟି ଗଠିତ ହେବ, ଯଥା

(i) କୁଳପତି ଅଧ୍ୟକ୍ଷ ହେବେ ;

(ii) କୁଳ ସଚିବ ;

(iii) ଅର୍ଥ ହିସାବ ନିୟନ୍ତ୍ରକ ସଦସ୍ୟ-ସଚିବ ହେବେ ;

(iv) ବୋର୍ଡର ସଦସ୍ୟମାନଙ୍କ ମଧ୍ୟରୁ, ସେମାନଙ୍କ ଦ୍ୱାରା ମନୋନୀତ ଦୁଇଜଣ ସଦସ୍ୟ ;

(v) କୁଳପତିଙ୍କ ଦ୍ୱାରା ମନୋନୀତ ବିଦ୍ୟାପରିଷଦର ଜଣେ ସଦସ୍ୟ ;

(vi) ଅତିରିକ୍ତ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ;

(vii) ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ ।

(2) ଅର୍ଥକମିଟି, ବିଶ୍ୱବିଦ୍ୟାଳୟର ଅର୍ଥ ସଂପର୍କିତ ଯେ କୌଣସି ବିଷୟରେ ବିଶ୍ୱବିଦ୍ୟାଳୟର ପ୍ରାଧିକାରୀ ଗୁଡିକୁ ପରାମର୍ଶ ଦେବ ।

(3) ଅର୍ଥକମିଟି ନିମ୍ନଲିଖିତ କ୍ଷମତାମାନ ପ୍ରୟୋଗ କରିବ ଓ କୃତ୍ୟମାନ ସଂପାଦାନ କରିବ, ଯଥା :-

(i) ବିଶ୍ୱବିଦ୍ୟାଳୟର ବଜେଟ ଆକଳନ ପ୍ରସ୍ତୁତ କରିବ ଏବଂ ବ୍ୟୟର ହିସାବ ସମୀକ୍ଷା କରିବା ଓ ବୋର୍ଡକୁ ସୁପାରିଶ କରିବା ;

(ii) ବୃହତ୍ କାର୍ଯ୍ୟ ଓ ବିଭିନ୍ନ ଦ୍ରବ୍ୟମାନ ଖରିଦ ସଂକ୍ରାନ୍ତରେ ନୂତନ ବ୍ୟୟ ପାଇଁ ;ପ୍ରସ୍ତାବ ଉପରେ ବିଚାର କରିବା ଓ ବୋର୍ଡକୁ ସୁପାରିଶ କରିବା ;

(iii) ପୁନର୍ବିନିଯୋଗ ବିବରଣୀ ଓ ସମୀକ୍ଷା ଟିପ୍ପଣୀ ଗୁଡିକ ପରୀକ୍ଷା କରିବା ଓ ବୋର୍ଡକୁ ସୁପାରିଶ କରିବା ;

(iv) ବିଶ୍ୱବିଦ୍ୟାଳୟର ଅର୍ଥ ସଂକ୍ରାନ୍ତ ବିଷୟ ସମୀକ୍ଷା କରିବା ଏବଂ ଆବଶ୍ୟକ ସ୍ଥଳେ ସମବର୍ତ୍ତୀ ଅଡିଟ୍ କରିବା ପାଇଁ ପ୍ରସ୍ତାବ ଦେବା ;

(v) ବିଶ୍ୱବିଦ୍ୟାଳୟ ବ୍ୟାପାରକୁ ପ୍ରଭାବିତ କରୁଥିବା ଅନ୍ୟ କୌଣସି ଆର୍ଥିକ ପ୍ରଶ୍ନ ଉପରେ ବୋର୍ଡକୁ ପରାମର୍ଶ ଦେବା ଓ ସୁପାରିଶ କରିବା ।

(4) ଅର୍ଥ କମିଟିର ବୈଠକ ବର୍ଷରେ ଦୁଇଥର ବସିବ ।

(5) ଅର୍ଥ କମିଟିର ସଦସ୍ୟମାନଙ୍କ ପଦର କାର୍ଯ୍ୟକାଳ କାନୁନ୍‌ରେ ବିହିତ ହେବା ମତେ ହେବ ।

ଲିଶ୍ୱବିଦ୍ୟାଳୟର ଗୁଣ ନିଷ୍ଠାୟକ ପରିଷଦ ।

24. (1) ସହବଦ୍ଧ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟର ଶିକ୍ଷାର ମାନ, ଗଣତାନ୍ତ୍ରିକ ପଦ୍ଧତିରେ କୃତ୍ୟ ସଂପାଦନ ଓ ସାମାଜିକ ପ୍ରତିଶ୍ରୁତିବଦ୍ଧତା ସଂପର୍କରେ ସାମୟିକ ପରୀକ୍ଷା କରିବା ନିମନ୍ତେ ବିଶ୍ୱବିଦ୍ୟାଳୟରେ ଏକ ଗୁଣ ନିଷ୍ଠାୟକପରିଷଦ ରହିବ ।

(2) ଏହି ଅଧିନିୟମର ବ୍ୟବସ୍ଥା ଗୁଡିକ ପ୍ରତି ସାପେକ୍ଷ ହୋଇ ଗୁଣ ନିଷ୍ଠାୟକ ପରିଷଦର ଗଠନ, କ୍ଷମତା ଓ କୃତ୍ୟମାନ କାନୁନ୍ ଦ୍ୱାରା ବିହିତ ହେବ ;

ବିଶ୍ୱବିଦ୍ୟାଳୟର ପ୍ରାଧିକାରୀଗୁଡିକ ସଂକ୍ରାନ୍ତରେ ସାଧାରଣ ବ୍ୟବସ୍ଥା ।

25. (1) ଏହି ଅଧିନିୟମର କୌଣସି ବ୍ୟବସ୍ଥାରେ ଉଲ୍ଲିଖିତ ହୋଇ ନଥିବା ଅନ୍ୟପ୍ରାଧିକାରୀ ଗୁଡିକରଗଠନ , କ୍ଷମତା, କୃତ୍ୟ ଓ କର୍ତ୍ତବ୍ୟମାନ କାନୁନ୍ ରେବିହିତ ହେବା ମତେ ହେବ ।

(2)ଏହି ଅଧିନିୟମ ବା କାନୁନ୍‌ରେ ଯାହାକିଛି ଥିବା ସତ୍ତ୍ୱେ , ଯେଉଁ ସ୍ଥଳେ ବିଶ୍ୱବିଦ୍ୟାଳୟର ଜଣେ ଅଧିକାରୀ ରୂପେ ବା ବିଶ୍ୱବିଦ୍ୟାଳୟର କୌଣସି ପ୍ରାଧିକାରୀ ବା କମିଟିର ସଦସ୍ୟ ରୂପେ ମନୋନୀତ, ନିଯୁକ୍ତ ବା ସହବରଣ ହୋଇଥିବା କୌଣସି ବ୍ୟକ୍ତି, ଏହି ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥା ଗୁଡିକ ଦ୍ୱାରା ବା ଅନୁଯାୟୀ ବିନିର୍ଦ୍ଦିଷ୍ଟ ହୋଇଥିବା କୌଣସି ବର୍ଗର ଅଧିକାରୀ ବା ସଦସ୍ୟ ହୋଇଥିବାରୁ ଉକ୍ତ ପଦ ବା ପ୍ରାଧିକାରୀକୁ ସେପରି ମନୋନୀତ, ନିଯୁକ୍ତ ବା ସହକରଣ ହେବା ପାଇଁ ଯୋଗ୍ୟ ହୋଇଥାନ୍ତି, ସେହିସ୍ଥଳେ ଉକ୍ତ ବ୍ୟକ୍ତି ସେପରି ବର୍ଗର ଅଧିକାରୀ ବା ସଦସ୍ୟ ପଦ ହରାଇବା ସଙ୍ଗେ ସଙ୍ଗେ ବିଶ୍ୱବିଦ୍ୟାଳୟର ସେପରି ଜଣେ ଅଧିକାରୀ ବା ସେପରି ପ୍ରାଧିକାରୀର ଜଣେ ସଦସ୍ୟ ରୂପେ ଆଉ ରହିବେ ନାହିଁ ଏବଂ ସେ ଉକ୍ତ ଅଧିକାରୀ ବା ସଦସ୍ୟ ରୂପେ ପଦ ତ୍ୟାଗ କରିଛନ୍ତି ବୋଲି ବିବେଚିତ ହେବ ।

(3) କୌଣସି ବ୍ୟକ୍ତି, ଯଥାସ୍ଥିତି, ମନୋନୀତ ବା ନିଯୁକ୍ତ ବା ସହବରଣ ସଦସ୍ୟ ରୂପେ କ୍ରମାଗତ ଦୁଇରୁ ଅଧିକ କାର୍ଯ୍ୟକାଳ ନିମନ୍ତେ ବିଶ୍ୱବିଦ୍ୟାଳୟ ର କୌଣସି ପ୍ରାଧିକାରୀର ସଦସ୍ୟ ହେବେ ନାହିଁ ।

(4) ଏହି ଅଧିନିୟମ ଦ୍ୱାରା ବା ଅନୁଯାୟୀ ବ୍ୟବସ୍ଥା ହୋଇଥିବା ବ୍ୟତିରେକେ, ଏହି ଅଧିନିୟମର ବ୍ୟବସ୍ଥା ଦ୍ୱାରା ବା ଅନୁଯାୟୀ ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ପ୍ରାଧିକାରୀ କାର୍ଯ୍ୟ କରିବା ସମୟରେ ଏବଂ ତାଙ୍କୁ ନ୍ୟସ୍ତ କରାଯାଇଥିବା କ୍ଷମତା ପ୍ରୟୋଗ କରିବା ସମୟରେ ଏବଂ କୃତ୍ୟ ବା କର୍ତ୍ତବ୍ୟ ସଂପାଦନ କରିବା ସମୟରେ, ଏହି ଅଧିନିୟମ ଓ କାନୁନ୍‌ର ବ୍ୟବସ୍ଥା ଦ୍ୱାରା ବା ଅନୁଯାୟୀ ତାହାଙ୍କୁ ନ୍ୟସ୍ତ କରାଯାଇଥିବା ବିଷୟ ଗୁଡିକ ବିଚାର କରିବା ଓ ନିଷ୍ପତ୍ତି ନେବାରେ ଏବଂ କୃତ୍ୟ ଓ କର୍ତ୍ତବ୍ୟ ସଂପାଦନ କରିବା ପାଇଁ ତାଙ୍କର ଅନନ୍ୟ ଅଧିକାର ରହିବ ।

(5) ବିଶ୍ୱବିଦ୍ୟାଳୟର ଯେକୌଣସି ପ୍ରାଧିକାରୀର ପଦ-ପ୍ରଯୁକ୍ତ ସଦସ୍ୟଙ୍କ ଭିନ୍ନ ଅନ୍ୟ କୌଣସି ସଦସ୍ୟ ତଥା ମନୋନୀତ ସଦସ୍ୟ ଲିଖିତଭାବେ ନିଜେ ସାକ୍ଷର କରି ଇସ୍ତଫା ଦେଇ ପାରିବେ :

ପରନ୍ତୁ କୁଳାଧିପତିଙ୍କ ଦ୍ୱାରା ମନୋନୀତ ଜଣେ ସଦସ୍ୟ କୁଳାଧିପତିଙ୍କୁ ସମ୍ବୋଧନ କରି ଓ କୁଳପତିଙ୍କ ଦ୍ୱାରା ମନୋନୀତ ଜଣେ ସଦସ୍ୟଙ୍କ ସମେତ ଅନ୍ୟ ଯେ କୌଣସି ସଦସ୍ୟ କୁଳପତିଙ୍କୁ ସମ୍ବୋଧନ କରି ଇସ୍ତଫା ଦେଇ ପାରିବେ ।

(6) ଯଥାସ୍ଥିତି, କୁଳାଧିପତି ବା କୁଳପତିଙ୍କ ଦ୍ୱାରା ଇସ୍ତଫା ଗୃହୀତ ହେଲେ, ଉକ୍ତ ବ୍ୟକ୍ତି ସେପରି ପ୍ରାଧିକାରୀର ଆଉ ସଦସ୍ୟ ହୋଇ ରହିବେ ନାହିଁ ।

(7) ଯଦି ଏକ ପ୍ରାଧିକାରୀ ବା କମିଟିକୁ ମନୋନୀତ, ନିଯୁକ୍ତ ବା ସହବରଣ ହୋଇଥିବା ଜଣେ ବ୍ୟକ୍ତି ପ୍ରାଧିକାରୀ ବା କମିଟି ଠାରୁ ପୂର୍ବରୁ ଅନୁମତି ନ ନେଇ କ୍ରମାଗତ ତିନି ଗୋଟି ବୈଠକରେ ଅନୁପସ୍ଥିତ ରୁହନ୍ତି, ତେବେ ସେ ତାଙ୍କର ସଦସ୍ୟତା ହରାଇଛନ୍ତି ବୋଲି ବିବେଚିତ ହେବ ଏବଂ ସେ ଅନୁପସ୍ଥିତ ରହିଥିବା ସେପରି ତୃତୀୟ ବୈଠକ ତାରିଖ ଠାରୁ ଆଉ ସଦସ୍ୟ ହୋଇ ରହିବେ ନାହିଁ ।

(8) ଏହି ଅଧିନିୟମରେ ଅନ୍ୟଥା ବ୍ୟବସ୍ଥା କରାଯାଇଥିବା ବ୍ୟତିରେକେ, ପ୍ରାଧିକାରୀ ଅଥବା ବିଶ୍ୱବିଦ୍ୟାଳୟ ବା କୌଣସି ପ୍ରାଧିକାରୀ ଦ୍ୱାରା ଯଦି କୌଣସି କମିଟି ଗଠନକରାଯାଇଥାଏ, ତେବେତାହାର ବୈଠକ ସଂଚାଳନ ସଂକ୍ରାନ୍ତ ସମସ୍ତ ବିଷୟ କାନୁନ୍‌ରେ ବିହିତ ହୋଇଥିବା ମତେ ହେବ ।

# ଅଧ୍ୟାୟ V

## କାନୁନ୍, ଅଧ୍ୟାଦେଶ, ବିନିୟମ ଓ ଉପ-ବିଧି

କାନୁନ୍ । 26. (1)ଏହି ଅଧିନିୟମର ବ୍ୟବସ୍ଥା ଗୁଡିକ ପ୍ରତି ସାପେକ୍ଷ ହୋଇ, ବୋର୍ଡ ଉପରେ ନ୍ୟସ୍ତ ଅନ୍ୟ ସମସ୍ତ କ୍ଷମତା ସହିତ ବିଶ୍ୱବିଦ୍ୟାଳୟ ବ୍ୟାପାରର ପ୍ରଶାସନ ଓ ପରିଚାଳନା ନିମନ୍ତେ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କ ଅନୁମୋଦନ ନେଇ ତାହାର କାନୁନ୍ ପ୍ରଣୟନ କ୍ଷମତା ରହିବ ।

(2)କାନୁନ୍‌ରେ ନିମ୍ନଲିଖିତ ସମସ୍ତ ବା ଯେ କୌଣସି ବିଷୟରେ ବ୍ୟବସ୍ଥା କରାଯାଇ ପାରିବ, ଯଥା:-

(i) ବିଶ୍ୱବିଦ୍ୟାଳୟର ଅଧିକାରୀମାନଙ୍କ କ୍ଷମତା ଓ କର୍ତ୍ତବ୍ୟ ;

(ii) ଅଧିନିୟମରେ ଯେଉଁ ପ୍ରାଧିକାରୀ ଗୁଡିକ ପାଇଁ ବିନିର୍ଦ୍ଦିଷ୍ଟଭାବେ ବ୍ୟବସ୍ଥା ହୋଇନଥିବ ସେ ଗୁଡିକର ଗଠନ, କ୍ଷମତା ଓ କର୍ତ୍ତବ୍ୟ ;

(iii) ବୋର୍ଡ, ବିଦ୍ୟା ପରିଷଦ ଓ ବିଶ୍ୱବିଦ୍ୟାଳୟର ଅନ୍ୟ ପ୍ରାଧିକାରୀ ଓ ନିକାୟ ଗୁଡିକର ସଦସ୍ୟମାନଙ୍କ ମନୋନୟନ ପାଇଁ ପ୍ରକ୍ରିୟା ଏବଂ ଉକ୍ତ ପ୍ରାଧିକାରୀ ବା କମିଟିଗୁଡିକ ସଂକ୍ରାନ୍ତରେ ବ୍ୟବସ୍ଥା କରିବାକୁ ଆବଶ୍ୟକ ବା ବାଞ୍ଛନୀୟ ହେବା ମତେ ସେପରି ଅନ୍ୟ ସମସ୍ତ ବିଷୟ ;

(iv) ସମ୍ମାନସୂଚକ ଡିଗ୍ରୀ ଅର୍ପଣ ଓ ସମାବର୍ତ୍ତନ ଉତ୍ସବ କରିବା;

(v) ସହବଦ୍ଧ ମହାବିଦ୍ୟାଳୟ ବା ଅନୁଷ୍ଠାନ, ବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକର ପର୍ଯ୍ୟବେକ୍ଷଣ ;

(vi) ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ବରିଷ୍ଠତା ଓ ସେବା ସର୍ତ୍ତାବଳୀକୁ ପରିଚାଳିତ କରୁଥିବା ନୀତିନିୟମ ;

(vii) ବିଶ୍ୱବିଦ୍ୟାଳୟର ପ୍ରାଧିକାରୀ ଓ କମିଟି ଗୁଡିକର ସଦସ୍ୟମାନଙ୍କୁ ଅଯୋଗ୍ୟ ଘୋଷିତ କରିବା ନିମନ୍ତେ ବ୍ୟବସ୍ଥା ;

(viii) ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହେବା ମତେ, ରାଜ୍ୟ ବା କେନ୍ଦ୍ର ସରକାର ବା ଏକ ସ୍ଥାନୀୟ ପ୍ରାଧିକାରୀ ଦ୍ୱାରା ପରିଚାଳିତ ମହାବିଦ୍ୟାଳୟ ବା ଅନୁଷ୍ଠାନଗୁଡିକ ଭିନ୍ନ , ବିଶ୍ୱବିଦ୍ୟାଳୟ ଓସହବଦ୍ଧ ଅନୁଷ୍ଠାନ ଗୁଡିକର ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ଯୋଗ୍ୟତା, ନିଯୁକ୍ତି ସଂଗ୍ରହ, କାର୍ଯ୍ୟଭାର, ଆଚାର ସଂହିତା, ପଦର ନିର୍ବନ୍ଧନ, ସେବାର କର୍ତ୍ତବ୍ୟ ଓ ସର୍ତ୍ତାବଳୀ ତଥା ସାମୟିକ ମୂଲ୍ୟାୟନ, ପେନ୍‌ସନ୍ ଗ୍ରାଚ୍ୟୁଟି, ଓ ଭବିଷ୍ୟନିଧି ବ୍ୟବସ୍ଥା, ପ୍ରଯୁଜ୍ୟ ହେବା ମତେ ସେମାନଙ୍କ ସେବାର ପରିସମାପ୍ତିର ରୀତି ;

(ix) ବିଶ୍ୱବିଦ୍ୟାଳୟର ଲକ୍ଷ୍ୟଗୁଡିକ ହାସଲ କରିବା ନିମନ୍ତେ ବିଶ୍ୱବିଦ୍ୟାଳୟ ପାଣ୍ଠିର ବିନିଯୋଗ ;

(x) ମହାବିଦ୍ୟାଳୟ ବା ଅନୁଷ୍ଠାନଗୁଡିକର ସହବନ୍ଧନ ନିମନ୍ତେ ଅଥବା ମହାବିଦ୍ୟାଳୟ ବା ଅନୁଷ୍ଠାନଗୁଡିକର ସହବନ୍ଧନ ପ୍ରତ୍ୟାହାର ନିମନ୍ତେ ସର୍ତ୍ତାବଳୀ ଓ ପ୍ରକ୍ରିୟା ;

(xi) ସହବଦ୍ଧ ଅନୁଷ୍ଠାନ ବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ବା ଅନୁମୋଦିତ ଅନୁଷ୍ଠାନ ଗୁଡିକ ସ୍ୱୟଂଶାସନ ମାନ୍ୟତା ମଞ୍ଜୁରି ନିମନ୍ତେ ମାନାଦ ବ୍ୟକ୍ତି ବିଶେଷ ଓ ବିଭିନ୍ନ ସଂଗଠନ ଠାରୁ ପ୍ରାପ୍ତ ;

(xii)ବ୍ୟକ୍ତି ବିଶେଷ ଓ ବିଭିନ୍ନ ସଂଗଠନ ଠାରୁ ପ୍ରାପ୍ତ ନ୍ୟାସ, ଉଇଲଦାନ, ଦାନ, ବୃତ୍ତିଦାନ ଓ ଅନୁଦାନର ଗ୍ରହଣ ଓ ପରିଚାଳନା ,

(xiii) କାର୍ଯ୍ୟ ଦିବସ ସଂଖ୍ୟା, ଶିକ୍ଷାଦାନ ଦିବସ ସଂଖ୍ୟା, ରବିବାରଗୁଡିକୁ ଛାଡି ଛୁଟି ଦିବସ, ଅବକାଶ ଛୁଟି ଓ ଶିକ୍ଷା ବର୍ଷରେ ଶିକ୍ଷାଦାନର ମିଆଦ ଧାର୍ଯ୍ୟ କରିବା ;

(xiv) ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଅନ୍ୟ କର୍ମଚାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ରାଜ୍ୟ ସରକାର ବା କେନ୍ଦ୍ରସରକାର ଓ ସ୍ଥାନୀୟ ପ୍ରାଧିକାରୀ ଦ୍ୱାରା ପରିଚାଳିତ ଅନୁଷ୍ଠାନଗୁଡିକ ଭିନ୍ନ ଅନ୍ୟ ସହବଦ୍ଧ ଅନୁଷ୍ଠାନ ବା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଓ ଅନୁମୋଦିତ ଅନୁଷ୍ଠାନ ଗୁଡିକର ଶିକ୍ଷକ, ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ;

(xv)ବିଶ୍ୱବିଦ୍ୟାଳୟ ଦ୍ୱାରା ଡିଗ୍ରୀ, ଡିପ୍ଲୋମା, ପ୍ରମାଣପତ୍ର ଓ ଅନ୍ୟଶିକ୍ଷାଗତ ଡିଷ୍ଟିଂସନ ଅର୍ପଣ ;

(xvi) ବିଶ୍ୱବିଦ୍ୟାଳୟ ଦ୍ୱାରା ମଞ୍ଜୁର କରାଯାଇଥିବା ଡିଗ୍ରୀ, ଡିପ୍ଲୋମା, ପ୍ରମାଣପତ୍ର ଓ ଅନ୍ୟଶିକ୍ଷାଗତ ଡିଷ୍ଟିଂସନ ଗୁଡିକୁ ପ୍ରତ୍ୟାହାର ବା ବାତିଲ କରିବା ;

(xvii) ରେଜିଷ୍ଟ୍ରିକୃତ ସ୍ନାତକ ମାନଙ୍କ ରେଜିଷ୍ଟର ରକ୍ଷଣାବେକ୍ଷଣ ;

(xviii) ବିଶ୍ୱବିଦ୍ୟାଳୟର ହିସାବ ରଖିବା ଏବଂ ବାର୍ଷିକ ବଜେଟ ପ୍ରସ୍ତୁତ କରିବା ଓ ପାରିତ କରିବା ; ଏବଂ

(xix) ଏହି ଅଧିନିୟମର ବ୍ୟବସ୍ଥା ଗୁଡିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକ ହେବା ମତେ ଅନ୍ୟାନ୍ୟ ବିଷୟ ।

କାନୁନ୍ ପ୍ରଣୟନ କରିବା ନିମନ୍ତେ ପ୍ରକ୍ରିୟା ।

27. (1) ଏହି ଅଧିନିୟମରେ ଯାହାକିଛି ଥିବା ସତ୍ତ୍ୱେ, ରାଜ୍ୟ ସରକାରବିଶ୍ୱବିଦ୍ୟାଳୟର ପ୍ରଥମ କାନୁନ୍ ପ୍ରଣୟନ କରିବେ ଏବଂ ତାହା ଏହି ଧାରାର ବ୍ୟବସ୍ଥା ଅନୁସାରେ ବୋର୍ଡ ଦ୍ୱାରା

ପ୍ରଣୀତ କାନୁନ୍ ଦ୍ୱାରା ସଂଶୋଧନ ବା ଅଧିକ୍ରମଣ ହେବା ପର୍ଯ୍ୟନ୍ତ ବଳବତ୍ତର ହୋଇ ରହିବ ।

(2)ବୋର୍ଡ ସମୟକୁ ସମୟ ରାଜ୍ୟ ସରକାରଙ୍କ ଠାରୁ ପୂର୍ବରୁ ଅନୁମୋଦନ ନେଇ ନୂତନ ବା ଅତିରିକ୍ତ କାନୁନ୍ ପ୍ରଣୟନ କରିପାରିବ ଅଥବା କାନୁନ୍ ଗୁଡିକ ସଂଶୋଧନ ବା ନିରସନ କରିପାରିବ ।

(3)ଯଦି ବିଶ୍ୱବିଦ୍ୟାଳୟର କୌଣସି ପ୍ରାଧିକାରୀର କ୍ଷମତା ଓ କର୍ତ୍ତବ୍ୟକୁ ପ୍ରଭାବିତ କରୁଥିବା କୌଣସି କାନୁନ୍ ର ଚିଠା, କୁଳପତି ସଂପୃକ୍ତ ପ୍ରାଧିକାରୀକୁ ସେ ବିନିର୍ଦ୍ଦିଷ୍ଟ କରିଥିବା ବା ମଞ୍ଜୁର କରିଥିବା ଅବଧି ମଧ୍ୟରେ ତାହା ଉପରେମତ ଦେବା ପାଇଁ ପ୍ରେରଣ କରିନଥାନ୍ତି ଓ ସେପରି ମତକୁ ଯଥାବିଧି ବିଚାର କରାଯାଇନଥାଏ, ତେବେ କୌଣସି ପ୍ରାଧିକାରୀର କ୍ଷମତା ଓ କର୍ତ୍ତବ୍ୟକୁ ପ୍ରଭାବିତ କରୁଥିବା କୌଣସି କାନୁନ୍ ପ୍ରଣୟନ କରାଯିବ ନାହିଁ :

ପରନ୍ତୁ ଯଦି ସେପରି କୌଣସି ଚିଠା କାନୁନ୍, ଶିକ୍ଷା ସଂମ୍ବନ୍ଧୀୟ ହୋଇଥାଏ, ତେବେ ବୋର୍ଡ ତାହା ବିଚାର କରିବା ପୂର୍ବରୁ ବିଦ୍ୟା ପରିଷଦର ମତ ନେବ ।

(4)ବୋର୍ଡ ଦ୍ୱାରା ପାରିତ କାନୁନ୍‌ଗୁଡିକ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ, ଯେ କି, ତାହା ଅନୁମୋଦନ କରିପାରିବେ ବା ସ୍ଥଗିତ ରଖିପାରିବେ ଅଥବା ସେ ଉପଯୁକ୍ତ ବିବେଚନା କରିବା ମତେ ସେପରି ମନ୍ତବ୍ୟ ସହିତ ପୁନର୍ବିଚାର ନିମନ୍ତେ ବୋର୍ଡ ନିକଟକୁ ଫେରାଇଦେଇ ପାରିବେ ।

(5)ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ନ ହେବା ପର୍ଯ୍ୟନ୍ତ ବୋର୍ଡ ଦ୍ୱାରା ପାରିତ କୌଣସି କାନୁନ୍ ବୈଧ ହେବ ନାହିଁ ଏବଂ ଓଡିଶା ଗେଜଟରେ ତାହା ପ୍ରକାଶିତ ହେବା ତାରିଖ ଠାରୁ ବା ରାଜ୍ୟ ସରକାର ଧାର୍ଯ୍ୟ କରିବା ମତେ ସେପରି ଅନ୍ୟ କୌଣସି ତାରିଖ ଠାରୁ ବଳବତ୍ତର ହେବ ।

ଅଧ୍ୟାଦେଶ । 28. ଏହି ଅଧିନିୟମ ଦ୍ୱାରା ବା ଅନୁଯାୟୀ ବିହିତ ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ, ବୋର୍ଡ ନିମ୍ନଲିଖିତ ସମସ୍ତ ବା ଯେ କୌଣସି ବିଷୟରେ ବ୍ୟବସ୍ଥା କରିବା ପାଇଁ ଅଧ୍ୟାଦେଶ ପ୍ରଣୟନ କରିପାରିବ, ଯଥା;-

(କ) କେଉଁ ସର୍ତ୍ତାବଳୀରେ ବିଦ୍ୟାର୍ଥୀମାନେ ଡିଗ୍ରୀ, ଡିପ୍ଲୋମା, ପ୍ରମାଣପତ୍ର ପାଠ୍ୟକ୍ରମ ଓ ଅନ୍ୟ ଶୈକ୍ଷିକ ଡିଷ୍ଟିଂସନ ପାଇଁ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ ;

(ଖ) ଡିଗ୍ରୀ, ଡିପ୍ଲୋମା, ପ୍ରମାଣପତ୍ର ପାଠ୍ୟକ୍ରମ ଓ ଅନ୍ୟ ଶୈକ୍ଷିକ ଡିଷ୍ଟିଂସନ ପାଇଁ ପରୀକ୍ଷାରେ ନାମ ଲେଖାଇବା ଓ ବିଦ୍ୟାର୍ଥୀମାନଙ୍କ ରେଜିଷ୍ଟ୍ରେସନ ସକାଶେ ଦେୟ ଫିସ୍ ଓ ଅନ୍ୟାନ୍ୟ ଦେୟ ଫିସ୍;

(ଗ) ସହବଦ୍ଧ ଅନୁଷ୍ଠାନଗୁଡିକର ବିଦ୍ୟାର୍ଥୀମାନଙ୍କ ରହିବା ବ୍ୟବସ୍ଥା, ଆଚରଣ ଓ ଶୃଙ୍ଖଳାରକ୍ଷା ଏବଂ ଯଦି ସେମାନେ ଶୃଙ୍ଖଳା ଭଙ୍ଗ ବା ଅସଦାଚରଣ କରନ୍ତି ତଥା;-

(i) ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରନ୍ତି ବା ସେଥିପାଇଁ କୁପ୍ରରୋଚନା ଦିଅନ୍ତି ;

(ii) ପରୀକ୍ଷା ଦାୟିତ୍ୱରେ ଥିବା ଜଣେ ଅଧିକାରୀଙ୍କ ଦ୍ୱାରା ବା ବିଶ୍ୱବିଦ୍ୟାଳୟର କୌଣସି ଅଧିକାରୀ ବା ପ୍ରାଧିକାରୀଙ୍କ ଦ୍ୱାରା ହେଉଥିବା କୌଣସି ପ୍ରାଧିକୃତ ତଦନ୍ତରେ ହାଜର ହେବାକୁ ବା ସାକ୍ଷ୍ୟ ଦେବାକୁ ମନାକରନ୍ତି , ବା

(iii) ବିଶ୍ୱବିଦ୍ୟାଳୟ ଭିତରେ ବା ବାହାରେ ବିଶୃଙ୍ଖଳ ବା ଅନ୍ୟ ଆପତ୍ତିଜନକ ଆଚରଣ କରନ୍ତି ।

ତେବେ ସେମାନଙ୍କ ବିରୁଦ୍ଧରେ ନିଆଯିବାକୁ ଥିବା କାର୍ଯ୍ୟାନୁଷ୍ଠାନ ।

(ଘ) ପରୀକ୍ଷକ ମାନଙ୍କ ନିଯୁକ୍ତି ଓ କର୍ତ୍ତବ୍ୟ ପାଇଁ ସର୍ତ୍ତାବଳୀ ;

(ଙ) ପରୀକ୍ଷା ସଂଚାଳନ ଏବଂ କେଉଁ ରୀତିରେ ପରୀକ୍ଷକମାନେ ପ୍ରାର୍ଥୀମାନଙ୍କୁମୂଲ୍ୟାୟନ ବା ପରୀକ୍ଷା କରିବେ ;

(ଚ) ସହବନ୍ଧ ଅନୁଷ୍ଠାନ ଗୁଡିକରେ ଶିକ୍ଷକମାନଙ୍କ ଶ୍ରେଣୀ ବିଭାଗ, କର୍ମଚାରୀ ସଂଖ୍ୟା ଏବଂ ଶିକ୍ଷକ ଓ ଅନ୍ୟକର୍ମଚାରୀମାନଙ୍କ କାର୍ଯ୍ୟଭାର ;

(ଛ) ସହବନ୍ଧ ଅନୁଷ୍ଠାନ, ସୀକୃତିପ୍ରାପ୍ତ ଅନୁଷ୍ଠାନ, ଅନୁମୋଦିତ ଅନୁଷ୍ଠାନ ଓ ହଷ୍ଟେଲଗୁଡିକର ନିରୀକ୍ଷଣ ;

(ଜ) ବିଶ୍ୱବିଦ୍ୟାଳୟ ଦ୍ୱାରା ବା ବିଶ୍ୱବିଦ୍ୟାଳୟ ତରଫରୁ ଚୁକ୍ତି ଓ ରାଜିନାମା ନିଷ୍ପାଦନ କରିବାର ଢଙ୍ଗ ;

(ଝ) ଆବଶ୍ୟକ ସ୍ଥଳେ ବିଦ୍ୟାର୍ଥୀମାନଙ୍କ ବଦଳି ସଂପର୍କରେ ସହବନ୍ଧ ଅନୁଷ୍ଠାନ ଓ ସୀକୃତିପ୍ରାପ୍ତ ଅନୁଷ୍ଠାନ ଗୁଡିକ ଦ୍ୱାରା ପାଳନ ଓ ପ୍ରବର୍ତ୍ତନ ହେବାକୁ ଥିବା ନିୟମାବଳୀ ;

(ଞ) ଏହି ଅଧିନିୟମ ବା କାନୁନ୍ ଦ୍ୱାରା ବା ଅନୁଯାୟୀ ଅନ୍ୟ ଯେଉଁ ବିଷୟ ଗୁଡିକ ଅଧ୍ୟାଦେଶ ଦ୍ୱାରା ବ୍ୟବସ୍ଥା କରାଯିବା ଆବଶ୍ୟକ, ସେସବୁ ବିଷୟ ;

(ଟ) ଏହି ଅଧିନିୟମ ବା କାନୁନ୍ ଦ୍ୱାରା ବା ଅନୁଯାୟୀ ବିଶ୍ୱବିଦ୍ୟାଳୟର କୌଣସି ପ୍ରାଧିକାରୀ ଉପରେ ଅର୍ପଣ କରାଯାଇଥିବା କ୍ଷମତାର ପ୍ରୟୋଗ ବା ନ୍ୟସ୍ତ କରାଯାଇଥିବା କର୍ତ୍ତବ୍ୟର ସଂପାଦନ ନିମନ୍ତେ ଅନ୍ୟ କୌଣସି ବିଷୟ ଆବଶ୍ୟକ ବୋଲି ବୋର୍ଡ ଯଦି ମତ ଦିଅନ୍ତି ତେବେ ସେପରି ଅନ୍ୟ ସମସ୍ତ ବା ଯେ କୌଣସି ବିଷୟ ।

ଅଧ୍ୟାଦେଶ ପ୍ରଣୟନ କରିବା ପ୍ରକ୍ରିୟା ।

29. (1) ଏହି ଧାରାରେ ଏହାପରେ ବ୍ୟବସ୍ଥା ହୋଇଥିବା ରୀତିରେ ବୋର୍ଡ ଅଧ୍ୟାଦେଶ ଗୁଡିକ ପ୍ରଣୟନ, ସଂଶୋଧନ ଓ ନିରସନ କରିପାରିବ;-

(2) ଧାରା 28 ର ଖଣ୍ଡ (କ) ଠାରୁ (ଙ) ପର୍ଯ୍ୟନ୍ତ ବିଷୟ ଗୁଡିକ ସଂକ୍ରାନ୍ତରେ ବିଦ୍ୟା ପରିଷଦ ଚିଠା ପ୍ରସ୍ତାବ ଦେଇନଥିଲେ ବୋର୍ଡ କୌଣସି ଅଧ୍ୟାଦେଶ ପ୍ରଣୟନ କରିବ ନାହିଁ ।

(3) ଉପଧାରା (2) ଅନୁଯାୟୀ ବିଦ୍ୟାପରିଷଦ ଦ୍ୱାରା ଦିଆଯାଇଥିବା କୌଣସି ଚିଠା ପ୍ରସ୍ତାବରେ ସଂଶୋଧନ କରିବା ପାଇଁ ବୋର୍ଡର କ୍ଷମତା ରହିବ ନାହିଁ ; କିନ୍ତୁ ବୋର୍ଡ ତାହା ଖାରଜ କରିପାରିବ ବା ସଂଶୋଧନ ପ୍ରସ୍ତାବ ଦେଇ ପୁନର୍ବିଚାର ନିମନ୍ତେ ବିଦ୍ୟା ପରିଷଦକୁ ଫେରାଇ ଦେଇପାରିବ ।

(4) ବୋର୍ଡ ଦ୍ୱାରା ପାରିତ ପ୍ରତ୍ୟେକ ଅଧ୍ୟାଦେଶ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ, ଯେ କି, ଏହାକୁ ଅନୁମୋଦନ କରିପାରିବେ ଅଥବା ଉପଯୁକ୍ତ ବିବେଚନା କରିବା ମତେ ସେପରି ମନ୍ତବ୍ୟ ଦେଇ ପୁନର୍ବିଚାର ନିମନ୍ତେ ବୋର୍ଡକୁ ଫେରାଇ ଦେଇପାରିବେ ।

(5)ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ନ ହେବା ପର୍ଯ୍ୟନ୍ତ ବୋର୍ଡ ଦ୍ୱାରା ପାରିତ କୌଣସି ଅଧ୍ୟାଦେଶ ବୈଧ ହେବ ନାହିଁ ଏବଂ ବୋର୍ଡର ନିର୍ଦ୍ଦେଶମତେ ଏହା ବଳବତ୍ତର ହେବ ।

ବିନିୟମ । 30. (1) ଏହି ଅଧିନିୟମ, କାନୁନ୍ ଓ ଅଧ୍ୟାଦେଶର ବ୍ୟବସ୍ଥା ଗୁଡିକ ପ୍ରତି ସାପେକ୍ଷ ହୋଇ, କାନୁନ୍ ଦ୍ୱାରା ବିହିତ ହେବା ରୀତିରେ ନିମ୍ନଲିଖିତ ସମସ୍ତ ବା ଯେ କୌଣସି ବିଷୟ ପାଇଁ ବ୍ୟବସ୍ଥା କରି ବିଦ୍ୟା ପରିଷଦ ବିନିୟମ ପ୍ରଣୟନ କରିପାରିବ, ଯଥା:-

(i) ପାଠ୍ୟକ୍ରମ ଓ ପରୀକ୍ଷା ସଂଚାଳନ ;

(ii) ବିଭିନ୍ନ ପାଠ୍ୟକ୍ରମ ଓ ପରୀକ୍ଷା ପାଇଁ ବିଦ୍ୟାର୍ଥୀ ମାନଙ୍କ ନାମଲେଖା ;

(iii) ଶିକ୍ଷକ ମାନଙ୍କ ଯୋଗ୍ୟତା ;

(iv) ପରୀକ୍ଷକ ମାନଙ୍କ ନିଯୁକ୍ତି ଓ ସେମାନଙ୍କ କର୍ତ୍ତବ୍ୟ ;

(v) ଅନ୍ୟ ବିଶ୍ୱବିଦ୍ୟାଳୟ ଗୁଡିକର ପରୀକ୍ଷା, ଡିଗ୍ରୀ ଓ ଡିପ୍ଲୋମାକୁ ବିଶ୍ୱବିଦ୍ୟାଳୟର ପରୀକ୍ଷା ଡିଗ୍ରୀ ଓ ଡିପ୍ଲୋମାର ସମତୁଲ୍ୟ ରୂପେ ସ୍ୱୀକୃତି ; ଓ

(vi) ଏହି ଅଧିନିୟମ,କାନୁନ୍ ଓ ଅଧ୍ୟାଦେଶ ଗୁଡିକର ବ୍ୟବସ୍ଥା ଅନୁଯାୟୀ ଅନ୍ୟ ଯେଉଁସବୁ ବିଷୟଗୁଡିକ ବିନିୟମ ଦ୍ୱାରା ବିହିତ ହେବା ଆବଶ୍ୟକ ହୋଇପାରେ ସେହିସବୁ ବିଷୟ ।

(2)ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ସମସ୍ତ ବିନିୟମ ବିଦ୍ୟାପରିଷଦ ନିର୍ଦ୍ଦେଶ ଦେବା ମତେ ସେପରି ତାରିଖଠାରୁ ପ୍ରଭାବୀ ହେବ କିନ୍ତୁ ସେପରି ପ୍ରଣୀତ ସମସ୍ତ ବିନିୟମ ବୋର୍ଡର ପରବର୍ତ୍ତୀ ବୈଠକରେ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ ।

ଉପ-ବିଧି ଓ ଆଦେଶ । 31. (1)ଏହି ଅଧିନିୟମ, କାନୁନ୍, ଅଧ୍ୟାଦେଶ ଓ ବିନିୟମଗୁଡିକର ବ୍ୟବସ୍ଥା ଅନୁଯାୟୀ ଗଠିତ ବୋର୍ଡ ଓ କମିଟି ଗୁଡିକର ମାର୍ଗଦର୍ଶନ ଓ କାର୍ଯ୍ୟ ପ୍ରଣାଳୀ ନିମନ୍ତେ ଏବଂ ବିଶ୍ୱବିଦ୍ୟାଳୟର କୌଣସି ପ୍ରାଧିକାରୀର ବୈଠକରେ ପ୍ରକ୍ରିୟା ବିନିୟମ ଓ କାର୍ଯ୍ୟ ସଂଚାଳନ ପାଇଁ ତଥା କେବଳ ସେପରି

ପ୍ରାଧିକାରୀ ବା କମିଟି ସଂକ୍ରାନ୍ତରେ ସମସ୍ତ ବିଷୟରେ ବ୍ୟବସ୍ଥା କରିବା ସକାଶେ ବୋର୍ଡଠାରୁ ପୂର୍ବରୁ ଅନୁମୋଦନ ନେଇ ଏହି ଅଧିନିୟମ, କାନୁନ୍ ଅଧ୍ୟାଦେଶ ଓ ବିନିୟମ ଗୁଡିକର ବ୍ୟବସ୍ଥା ସହିତ ଅସଂଗତ ହେଉନଥିବା ଉପ-ବିଧି ବା ଅଧ୍ୟାଦେଶ ପ୍ରଣୟନ କରିବା ପାଇଁ ଯେକୌଣସି ପ୍ରାଧିକାରୀର କ୍ଷମତା ରହିବ।

(2)ସେପରି ଉପ-ବିଧି ଓ ଆଦେଶଗୁଡିକ ବୋର୍ଡ ନିକଟରେ ଉପସ୍ଥାପନ କରାଯିବ, ଯେ କି ତାହା ପ୍ରଣୟନ କରିଥିବା ପ୍ରାଧିକାରୀ ବା କମିଟିର ମତାମତ ନେଇ ଓ ତାହା ବିଚାର କରି ସେ ଉପଯୁକ୍ତ ବିଚାର କରିବା ମତେ ସେପରି ରୀତିରେ ତାହାକୁ ସଂଶୋଧନ ଓ ନାକଚ କରିପାରିବେ ।

## ଅଧ୍ୟାୟ VI
## ନାମଲେଖା ଓ ବିଦ୍ୟାର୍ଥୀମାନଙ୍କ ସଂପର୍କିତ ଅନ୍ୟାନ୍ୟ ବିଷୟ

ନାମଲେଖା ଓ ପରୀକ୍ଷା ।

32. (1) ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡିକର ଅଧିକାରର ସାପେକ୍ଷତାରେ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ସାମାଜିକ ଓ ଅର୍ଥନୈତିକ ପଛୁଆଶ୍ରେଣୀର ନାଗରିକ, ମହିଳା ଓ ଅନ୍ୟାନ୍ୟ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଥିବା ରାଜ୍ୟ ସରକାରଙ୍କ ସଂରକ୍ଷଣ ନୀତି ଅନୁସାରେ ସହବନ୍ଧିତ ଶିକ୍ଷାନୁଷ୍ଠାନ ଗୁଡିକର ସମସ୍ତ ପାଠ୍ୟକ୍ରମରେ ନାମଲେଖା ହେବ ;

ପରନ୍ତୁ ରାଜ୍ୟ ସରକାରଙ୍କ ଦ୍ୱାରା ନିୟମାବଳୀ ପ୍ରଣୟନ ହୋଇଥିବା ସ୍ଥଳେ, ସମଗ୍ର ରାଜ୍ୟର ବିଦ୍ୟାର୍ଥୀମାନଙ୍କ ହିତ ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ ତାହା ଗ୍ରହଣ କରିନେବେ :

ଅଧିକନ୍ତୁ ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ, ସଂପୃକ୍ତ ପ୍ରାଧିକାରୀ ବୋର୍ଡର ଅନୁମୋଦନ କ୍ରମେ କୌଣସି ବିଦ୍ୟାର୍ଥୀଙ୍କୁ ନାମ ଲେଖାଇବାକୁ ମନା କରିଦେଇପାରିବେ ।

(2) ପ୍ରତ୍ୟେକ ଶିକ୍ଷାବର୍ଷର ପ୍ରାରମ୍ଭରେ, ପରୀକ୍ଷା ଗୁଡିକର ଏକ ଅନୁସୂଚୀ ସମେତ ଶିକ୍ଷା କାର୍ଯ୍ୟକ୍ରମର ଏକ ଶିକ୍ଷା ପଞ୍ଜି ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ ଓ ପ୍ରକାଶିତ କରିବେ :

ପରନ୍ତୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ନିର୍ଘଣ୍ଟ ଅନୁସରଣ ଯଦି କରି ନ ଥିବେ ତେବେ କେବଳ ସେହି କାରଣରୁ କୌଣସି ପରୀକ୍ଷା ବା କୌଣସି ପରିକ୍ଷାର ଫଳ ଅବୈଧ ହେବ ନାହିଁ ।

କ୍ରୀଡା, ସଂସ୍କୃତି ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ପାଇଁ ବିଦ୍ୟାର୍ଥୀମାନଙ୍କୁ ବଛାଯିବ ।

33. କ୍ରୀଡା ସଂସ୍କୃତି ଓ ଅନ୍ୟାନ୍ୟ କାର୍ଯ୍ୟକଳାପରେ ବିଦ୍ୟାର୍ଥୀମାନେ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ପ୍ରଦର୍ଶିତ କରିଥିବା କେବଳ ଯୋଗ୍ୟତା ଭିତି ହିଁ ଯେପରି ଯଥାସ୍ଥିତି ସେମାନଙ୍କ ଶ୍ରେଣୀ ବା ମହାବିଦ୍ୟାଳୟକୁ ପ୍ରତିନିଧିତ୍ୱ କରି ମନୋନୀତ ହେବେ ତାହା ସୁନିଶ୍ଚିତ କରିବାକୁ ବିଶ୍ୱବିଦ୍ୟାଳୟ କାନୁନ୍ ରେ ବ୍ୟବସ୍ଥା କରିବେ ।

# ଅଧ୍ୟାୟ VII

## ମହାବିଦ୍ୟାଳୟ ଓ ଅନୁଷ୍ଠାନ ଗୁଡିକ ପାଇଁ ଅନୁମତି, ସହବନ୍ଧନ ଓ ସ୍ୱୀକୃତି

ବିଦ୍ୟମାନ ଅନୁଷ୍ଠାନ ଗୁଡିକର ସହବନ୍ଧନର ଅନ୍ତରଣ ।

34. (1) ତଦ୍‌ସମୟେ ପ୍ରବୃତ୍ତ ଅନ୍ୟ କୌଣସି ବିଧିରେ ଯାହା କିଛିଥିବା ସତ୍ତେ କିନ୍ତୁ ଏହିଅଧିନିୟମର ସାପେକ୍ଷତାରେ ନିୟତ ତାରିଖର ଠିକ୍ ପୂର୍ବରୁ ରାଜ୍ୟରେ ଥିବା ଓ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟ ସହିତ ସହବଦ୍ଧ ସ୍ୱାସ୍ଥ୍ୟ ବିଜ୍ଞାନ ଓ ସମବର୍ଗୀୟ ବିଷୟ ଗୁଡିକରେ ଶିକ୍ଷାଦାନ କରୁଥିବା ସମସ୍ତ ମହାବିଦ୍ୟାଳୟ ବା ଅନୁଷ୍ଠାନଗୁଡିକ ନିଜ ନିଜ ବିଶ୍ୱବିଦ୍ୟାଳୟ ଗୁଡିକରୁ ସହବନ୍ଧନଚ୍ୟୁତ ହେଲେ ବୋଲି ବିବେଚିତ ହେବେ ଓ ସେପରି ନିୟତ ତାରିଖଠାରୁ ବିଶ୍ୱବିଦ୍ୟାଳୟ ସହିତ ସେପରି କାଳାବଧି ପାଇଁ ଓ ସେପରି ନିର୍ବନ୍ଧନ ଓ ସର୍ତ୍ତାବଳୀରେ ସହବଦ୍ଧ ହେବେ ଯାହାକି ବିଶ୍ୱବିଦ୍ୟାଳୟ ଗୁଡିକର ସହବନ୍ଧନ ଆଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବ ।

ପରନ୍ତୁ ବିଶ୍ୱବିଦ୍ୟାଳୟ ଉଚିତ୍ ମନେ କରିବା ମତେ ନିର୍ବନ୍ଧନଓ ସର୍ତ୍ତାବଳୀକୁ ଅଧିକ ବ୍ୟାପ୍ତ କରିବା ସକାଶେ ସେପରି ଅନ୍ୟାନ୍ୟ ନିର୍ବନ୍ଧନ ଓ ସର୍ତ୍ତାବଳୀମାନ ଆରୋପ କରିପାରିବେ ଯାହାକି ଏହି ଅଧିନିୟମ ବା ସଂସଦ ଦ୍ୱାରା ପ୍ରଣୀତ ଅନ୍ୟ କୌଣସି ବିଧିର ବ୍ୟବସ୍ଥାଗୁଡିକ ସହିତ ଅସଙ୍ଗତ ହେଉନଥିବ ଓ ସେଭାବେ ସହବଦ୍ଧ ମହାବିଦ୍ୟାଳୟ ବା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ଦ୍ଦେଶିତ ହେବା ମତେ ସେପରି ଯୁକ୍ତିଯୁକ୍ତ ସମୟ ମଧ୍ୟରେ ସେହି ନିର୍ବନ୍ଧନ ଓ ସର୍ତ୍ତାବଳୀମାନ ଅନୁପାଳନ କରିବେ ।

ଅଧିକନ୍ତୁ ସେଭାବେ ଆରୋପିତ ନିର୍ବନ୍ଧନ ଓ ସର୍ତ୍ତାବଳୀ ଯଦି କୌଣସି ମହାବିଦ୍ୟାଳୟ ବା ଅନୁଷ୍ଠାନ ଅନୁପାଳନ ନ କରନ୍ତି ତେବେ ଏହି ଉପଧାରା ଅନୁଯାୟୀ ମଞ୍ଜୁର ହୋଇଛି ବିବେଚିତ ହେଉଥିବା ସହବନ୍ଧନ ପରିବର୍ତ୍ତନ ବା ପ୍ରତ୍ୟାହାର କରିବା କ୍ଷମତା ବିଶ୍ୱବିଦ୍ୟାଳୟର ରହିବ ।

(2) ଉପଧାରା(1) ରେ ବ୍ୟବସ୍ଥିତ ବିବେଚିତ ହେଉଥିବା ସହବନ୍ଧନ ଉଦ୍ଦେଶ୍ୟରେ, ବିଶ୍ୱବିଦ୍ୟାଳୟ ଆଦେଶରେ ଧାର୍ଯ୍ୟ ହୋଇଥିବା ମତେ ସେପରି କାଳାବଧି ମଧ୍ୟରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ନିକଟକୁ ସଂପୃକ୍ତ ଅନ୍ୟ ବିଶ୍ୱବିଦ୍ୟାଳୟ ମଞ୍ଜୁର କରିଥିବା ବୈଧ ସହବନ୍ଧନ ପତ୍ରର ଏକ ନକଲ ମହାବିଦ୍ୟାଳୟ ବା ଅନୁଷ୍ଠାନ ପଠାଇବେ ଓ ବିଶ୍ୱବିଦ୍ୟାଳୟ ଦ୍ୱାରା ସେପରି ନକଲର ପ୍ରାପ୍ତି ସ୍ୱୀକୃତି ସେପରି ବିବେଚିତ ହେଉଥିବା ସହବନ୍ଧନ ଉଦ୍ଦେଶ୍ୟରେ ଏକ ବୈଧ ସାକ୍ଷ୍ୟ ହେବେ ।

(3)ଉପଧାରା (1) ରେ ସୂଚିତ ମହାବିଦ୍ୟାଳୟ ବା ଅନୁଷ୍ଠାନଗୁଡିକର ସହବନ୍ଧନ ଏହି ସର୍ତ୍ତର ସାପେକ୍ଷତାରେ ଦିଆଯିବ କି ସ୍ୱାସ୍ଥ୍ୟ ବିଜ୍ଞାନ ଓ ସମବର୍ଗୀୟ ବିଷୟଗୁଡିକର ପାଠ୍ୟକ୍ରମରେ

ନାମଲେଖାଇଥିବା ବିଦ୍ୟାର୍ଥୀମାନେ ସେମାନଙ୍କ ପାଠ୍ୟକ୍ରମ ସଂପୂର୍ଣ୍ଣ କରି ଯେଉଁ ବିଶ୍ୱବିଦ୍ୟାଳୟ ଅଧିନରେ ସେମାନେ ମୂଳରୁ ପାଠ ପଢୁଥିବେ ସେହି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ପରୀକ୍ଷା ଦେବେ ଓ ସେହି ବିଶ୍ୱବିଦ୍ୟାଳୟର ଡିଗ୍ରୀ, ଡିପ୍ଲୋମା ବା ଅନ୍ୟାନ୍ୟ ସମ୍ମାନ ପାଇବେ ଓ ନିୟତ ତାରିଖର **ପୂର୍ବବର୍ତ୍ତୀ** ଶିକ୍ଷାବର୍ଷ ପାଇଁ ସେହି ମହାବିଦ୍ୟାଳୟ ଗୁଡିକରେ ନାମଲେଖା ସେହି ମହାବିଦ୍ୟାଳୟ ଅଧିନରେ ରହିବ ।

(4) ନିୟତ ତାରିଖରୁ **ପରବର୍ତ୍ତୀ** ଶିକ୍ଷାବର୍ଷ ଠାରୁ ଓ ଆଗାମୀଦିନକୁ ଉକ୍ତ ମହାବିଦ୍ୟାଳୟ ଓ ଅନୁଷ୍ଠାନଗୁଡିକରେ ଉକ୍ତ ଶିକ୍ଷାବର୍ଷ ପାଇଁ ବିଭିନ୍ନ ପାଠ୍ୟକ୍ରମ ଗୁଡିକ ସକାଶେ ନାମଲେଖା ଓ ନୂତନ ଭାବେ ନାମ ଲେଖାଇଥିବା ବା ଲେଖାଇବାକୁ ପ୍ରତୀକ୍ଷାରେ ଥିବା ବିଦ୍ୟାର୍ଥୀମାନଙ୍କ ପରୀକ୍ଷା ଉକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବ ଓ ଉକ୍ତ ବିଶ୍ୱବିଦ୍ୟାଳୟ ଡିଗ୍ରୀ ବା ଡିପ୍ଲୋମା ପ୍ରଦାନ କରିବେ ।

ସହବନ୍ଧନ ଓ ସ୍ୱୀକୃତି ।

35. ସହବନ୍ଧନ ଓ ସ୍ୱୀକୃତିପାଇଁ ଆବେଦନ କରୁଥିବା ଶିକ୍ଷାବିଷୟକ ଏଜେନ୍ସି ଓ ଯେଉଁ ମହାବିଦ୍ୟାଳୟ ବା ଅନୁଷ୍ଠାନ ସହବନ୍ଧନ ବା ସ୍ୱୀକୃତି ପାଇଛନ୍ତି ସେମାନେ ଏହି ମର୍ମରେ ଏକ ଅଙ୍ଗୀକାର ପତ୍ର ଦେବେ ଓ ଅନୁପାଳନ କରିବେ ଯେ –

(i) ଏହି ଅଧିନିୟମ ବା ରାଜ୍ୟରେ ଚିକିତ୍ସା ଶିକ୍ଷା ବା ଉଚ୍ଚଶିକ୍ଷା ସମ୍ବନ୍ଧରେ ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ପାରିତ ଅନ୍ୟ କୌଣସି ଅଧିନିୟମ, ତଦଧୀନ ପ୍ରଣୀତ ନିୟମାବଳୀ ଓ କାନୁନ୍, ଅଧ୍ୟାଦେଶ, ବିନିୟମନ ଓ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶାବଳୀ ଗୁଡିକ ପାଳନ କରିବେ ;

(ii) ସଂପୃକ୍ତ ବିଭାଗରେ ବିଶ୍ୱବିଦ୍ୟାଳୟ, କେନ୍ଦ୍ର ବା ରାଜ୍ୟ ସରକାର ବା ନିୟନ୍ତ୍ରକ ନିକାୟ ସମୟକୁ ସମୟଧାର୍ଯ୍ୟ କରିଥିବା ସୀମା ବାହାରେ କୌଣସି ପାଠ୍ୟକ୍ରମରେ ଛାତ୍ରମାନଙ୍କ ନାମଲେଖା ହେବ ନାହିଁ ;

(iii) କାନୁନ୍, ଅଧ୍ୟାଦେଶ ବା ବିନିୟମନ ଦ୍ୱାରା ବିହିତ ହେବା ମତେ ଗୃହ, ପ୍ରୟୋଗଶାଳା , ଗ୍ରନ୍ଥାଗାର, ଶିକ୍ଷା ଓ ଗବେଷଣା ପାଇଁ ଆବଶ୍ୟକ ଉପକରଣ ଓ ଅନ୍ୟାନ୍ୟ ମୌଳିକ ସୁବିଧାମାନ ଉପଯୁକ୍ତ ଓ ପର୍ଯ୍ୟାପ୍ତରୂପେ ଉପଲବ୍ଧ ହେବ ;

(iv) ମହାବିଦ୍ୟାଳୟ ଓ ଅନୁଷ୍ଠାନର ଆର୍ଥିକ ଉତ୍ସ ଏପରି ଥିବ ଯେପରିକି ତାହାର ରକ୍ଷଣାବେକ୍ଷଣ ଓ କାର୍ଯ୍ୟଦକ୍ଷତା ପାଇଁ ଅବଶ୍ୟକ ଅର୍ଥ ବ୍ୟବସ୍ଥା ପାଇଁ ଯଥେଷ୍ଟ ହେଉଥିବ ;

(v) ବିଶ୍ୱବିଦ୍ୟାଳୟ ଦ୍ୱାରା ବିହିତ ହେବା ମତେ, ସହବଦ୍ଧ ଅନୁଷ୍ଠାନଗୁଡିକରେ ଶିକ୍ଷାଦାନ କରୁଥିବା ଓ ଶିକ୍ଷାଦାନ ଭିନ୍ନ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସଂଖ୍ୟା ଓ ଯୋଗ୍ୟତା ଓ ସହବଦ୍ଧ ଅନୁଷ୍ଠାନଗୁଡିକର କର୍ମଚାରୀ ମାନଙ୍କ ବେତନ ଓ ନିର୍ବନ୍ଧନ ଓ

ସର୍ତ୍ତାବଳୀରହିଛି ଓ ଦକ୍ଷତାର ସହିତ ପାଠ୍ୟକ୍ରମ, ଶିକ୍ଷାଦାନ ବା ତାଲିମ ବା ଗବେଷଣା କର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ପାଇଁ ପର୍ଯ୍ୟାପ୍ତ ଅଟେ ;

(vi) ସହବଦ୍ଧ ହେବାକୁ ଥିବା ମହାବିଦ୍ୟାଳୟ ବା ଅନୁଷ୍ଠାନଗୁଡିକର ଶିକ୍ଷାଦାନ କରୁଥିବା ଓ ଶିକ୍ଷାଦାନ ଭିନ୍ନ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ମାନଙ୍କ ସେବା ଓ ସୁବିଧା ବିଶ୍ୱବିଦ୍ୟାଳୟର ପରୀକ୍ଷା ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟକଳାପର ଅଭିବୃଦ୍ଧି ସକାଶେ ଉପଲବ୍ଧ କରାଇବେ ;

(vii) ଏହି ଅଧିନିୟମ, କାନୁନ୍, ଅଧାଦେଶ ଓ ବିନିୟମ ବା ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ପାରିତ ଅନ୍ୟ କୌଣସି ଅଧିନିୟମର ବ୍ୟବସ୍ଥା ଗୁଡିକ ଅନୁଯାୟୀ ତାଙ୍କ ଉପରେ ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ବିଶ୍ୱବିଦ୍ୟାଳୟର କୁଳାଧିପତି, କୁଳପତି ବା ଅନ୍ୟାନ୍ୟ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶମାନ ଓ ଆଦେଶମାନ ପାଳନ ହେବ ;

(viii) ବିଶ୍ୱବିଦ୍ୟାଳୟର ପୂର୍ବ ମଞ୍ଜୁରି ବିନା ମହାବିଦ୍ୟାଳୟ ପରିଚାଳନା ବା ମାଲିକାନାର କୌଣସି ଅନ୍ତରଣ ହେବ ନାହିଁ ;

(ix) ବିଶ୍ୱବିଦ୍ୟାଳୟର ପୂର୍ବ ମଞ୍ଜୁରି ବିନା ମହାବିଦ୍ୟାଳୟ ବା ଅନୁଷ୍ଠାନ ବନ୍ଦ ହେବ ନାହିଁ ;

(x) ଯଦି ମହାବିଦ୍ୟାଳୟ ବା ଅନୁଷ୍ଠାନର ସହବନ୍ଧନ ରଦ୍ଦ ହୁଏ ବା ସ୍ୱୀକୃତି ପ୍ରତ୍ୟାହାର ହୋଇଯାଏ ତେବେ ଆସବାବପତ୍ର ସମେତ ମହାବିଦ୍ୟାଳୟ ବା ଅନୁଷ୍ଠାନର ସମସ୍ତ ସମ୍ପତ୍ତି ଯାହାକି ରାଜ୍ୟ ସରକାର ବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ପରିମାଣରୁ ନିର୍ମାଣ ବା ସୃଷ୍ଟି ହୋଇଥିବ ତାହା ରାଜ୍ୟ ସରକାରଙ୍କ ଠାରେ ନିହିତ ହେବ ।

ଅନୁମତି ପାଇଁ ପ୍ରକ୍ରିୟା

36. (1) ବିଶ୍ୱବିଦ୍ୟାଳୟର ଅଧିକାରିତା ମଧ୍ୟରେ ଯେଉଁ ସବୁ ଅଂଚଳରେ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଉଚ୍ଚଶିକ୍ଷା ପହଂଚି ପାରିନାହିଁ ବା ଅନୁନ୍ନତ ଅବସ୍ଥାରେ ରହିଛି ସେହି ଅଂଚଳକୁ ବିଶେଷ ଭାବରେ ଚିହ୍ନଟ କରି ସେହି ଅଂଚଳରେ ଯେପରି ତାହା ଉପଲବ୍ଧ ହେବ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଗୁଡିକର ସୁସମ ବଂଟନହୋଇ ଶିକ୍ଷାର ବିକାଶ ହୋଇପାରିବ ସେଥିପାଇଁ ବିଶ୍ୱବିଦ୍ୟାଳୟ ଏକ ଆଗୁଆ ଯୋଜନା ପ୍ରସ୍ତୁତ କରିବ ଓ ଶିକ୍ଷା ପରିଷଦ ତାହା ପ୍ରସ୍ତୁତ କରିବ ଓ ବୋର୍ଡଙ୍କ ଅନୁମୋଦନ ମତେ ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟ ବା ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ଅନୁମତି ଦେବା ସକାଶେ ଉକ୍ତ ଯୋଜନା କାର୍ଯ୍ୟକାରି ହେବ ଓ ପ୍ରତି ପାଂଚ ବର୍ଷରେ ଥରେ ସେପରି ପ୍ରତ୍ୟେକ ଯୋଜନା ଅଦ୍ୟତନ କରାଯିବ ।

(2) ପର୍ଯ୍ୟାପ୍ତ କାରଣ ଯୋଗୁଁ ରାଜ୍ୟ ସରକାର ଅନ୍ୟଥା ନିର୍ଦ୍ଦେଶ ନ ଦେଲେ ଉଚ୍ଚଶିକ୍ଷା ପାଇଁ ଏକ ନୂତନ ମହାବିଦ୍ୟାଳୟ ବା ଅନୁଷ୍ଠାନ ଖୋଲିବାକୁ ମିଳିଥିବା କୌଣସି ଦରଖାସ୍ତ ଯଦି ସେପରି

ଯୋଜନାର ଅନୁରୂପ ହୋଇନଥିବ, ତେବେ ବିଶ୍ୱବିଦ୍ୟାଳୟ ତାହାକୁ ବିଚାର ପରିସରକୁ ନେବ ନାହିଁ ।

(3) ମହାବିଦ୍ୟାଳୟ ବା ଅନୁଷ୍ଠାନ ଯଦି ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ସହବନ୍ଧନ ହୋଇ ନଥିବେ ତେବେ ମହାବିଦ୍ୟାଳୟ ବା ଅନୁଷ୍ଠାନ କୌଣସି ବିଦ୍ୟାର୍ଥୀଙ୍କ ନାମ ଲେଖାଇବେ ନାହିଁ ।

(4)ବିଶ୍ୱବିଦ୍ୟାଳୟରେ ଏକ ଅନୁଷ୍ଠାନର ସହବନ୍ଧନ ପାଇଁ ନିୟମାବଳୀ ଓ ପ୍ରକ୍ରିୟା କାନୁନ୍‌ରେ ବିହିତ ହେବା ମତେ ହେବ ।

ସହବନ୍ଧନ ଚାଲୁରହିବ ।

37. (1)ସହବଦ୍ଧ ଅନୁଷ୍ଠାନ ବା ସୀକୃତିପ୍ରାପ୍ତ ଅନୁଷ୍ଠାନକୁ ଯେଉଁ ପାଠ୍ୟକ୍ରମ ପାଇଁ ସହବନ୍ଧନ ବା ସୀକୃତି ପ୍ରଦାନ କରାଯାଇଥିବ ତାହାର ସହବନ୍ଧନ ବା ସୀକୃତି ଚାଲୁରଖିବା ପାଇଁ ସେହି ସହବନ୍ଧନ ବା ସୀକୃତିର ଅବସାନ ତାରିଖର ଅନ୍ତତଃ ଛଅମାସ ପୂର୍ବରୁ ଦରଖାସ୍ତ କରିବେ ଓ ସହବନ୍ଧନ ଚାଲୁରଖିବା ପାଇଁ ବିଶ୍ୱବିଦ୍ୟାଳୟ ଯେତେଦୂର ପ୍ରଯୁଜ୍ୟ ହୋଇପାରେ, କାନୁନ୍‌ରେ ବିହିତ ପ୍ରକ୍ରିୟା ଅନୁସରଣ କରିବେ ।

(2) ସହବଦ୍ଧ ଅନୁଷ୍ଠାନ ବା ସୀକୃତିପ୍ରାପ୍ତ ଅନୁଷ୍ଠାନ,ଅତିରିକ୍ତ ପାଠ୍ୟକ୍ରମର ସହବନ୍ଧନ ବା ସୀକୃତି ପାଇଁ ଦରଖାସ୍ତ କରିପାରିବେ ଓ କାନୁନ୍‌ରେ ଏ ସଂବନ୍ଧରେ ବିହିତ ପ୍ରକ୍ରିୟା ଓ ନିୟମାବଳୀ ଅନୁସରଣ କରି ବିଶ୍ୱବିଦ୍ୟାଳୟରେ ତାହା ବିଚାର କରିବେ ।

(3) ଏକ ସହବଦ୍ଧ ଅନୁଷ୍ଠାନ ଭାବେ ଅନ୍ତତଃ ତିନି ବର୍ଷର ସ୍ଥିତି ଥିବା ଏକ ସହବଦ୍ଧ ଅନୁଷ୍ଠାନ କାନୁନରେ ବିହିତ ହେବା ମତେ ରୀତିରେ ସ୍ଥାୟୀ ସହବନ୍ଧନ ପାଇଁ ଦରଖାସ୍ତ କରିପାରିବେ ଓ ବିଶ୍ୱବିଦ୍ୟାଳୟ , କାନୁନ୍‌ରେ ବିହିତ ହେବ ମତେ ରୀତିରେ ସେପରି ଦରଖାସ୍ତ ଗୁଡିକୁ ବିଚାର କରିବେ ।

ରିପୋର୍ଟ ଦାଖଲ ଓ ନିରୀକ୍ଷଣ ।

38. (1)ପ୍ରତ୍ୟେକ ସହବଦ୍ଧ ଅନୁଷ୍ଠାନ ବା ସୀକୃତିପ୍ରାପ୍ତ ଅନୁଷ୍ଠାନ ବା ସେପରି ଅନୁଷ୍ଠାନ ସହିତ ସଂପୃକ୍ତ ଶିକ୍ଷା ଏଜେନ୍ସି, ସହବଦ୍ଧ ଅନୁଷ୍ଠାନ ବା ସୀକୃତପ୍ରାପ୍ତ ଅନୁଷ୍ଠାନର ଶିକ୍ଷାରମାନ ଓ ଶିକ୍ଷାପ୍ରଶାସନର ମାନ ବିଚାର କରିବାକୁ ବିଶ୍ୱବିଦ୍ୟାଳୟ ଯେଉଁ ରିପୋର୍ଟ, ରିଟର୍ଣ୍ଣ ଓ ଅନ୍ୟାନ୍ୟ ସବିଶେଷ ବିବରଣୀ ଆବଶ୍ୟକ କରିବେ, ତାହା ଦେବେ ।

(2)କୁଳପତି ଅନ୍ତତଃ ପ୍ରତି ତିନି ବର୍ଷରେ ଥରେ ପ୍ରତ୍ୟେକ ସହବଦ୍ଧ ଅନୁଷ୍ଠାନ ବା ସୀକୃତିପ୍ରାପ୍ତ ଅନୁଷ୍ଠାନର ନିରୀକ୍ଷଣ, ସେହି ଉଦ୍ଦେଶ୍ୟରେ ତାଙ୍କ ଦ୍ୱାରା ନିଯୁକ୍ତ ଏକ ବା ଏକାଧିକ କମିଟି ଦ୍ୱାରା କରାଇବେ, ଯହିଁରେ ନିମ୍ନଲିଖିତ ସଦସ୍ୟମାନେ ରହିବେ, ସେମାନେ ହେଲେ :-

(କ) କୁଳପତିଙ୍କ ଦ୍ୱାରା ମନୋନୀତ କମିଟିର ଅଧ୍ୟକ୍ଷ ;

(ଖ) କୁଳପତିଙ୍କ ଦ୍ୱାରା ମନୋନୀତ ଜଣେ ଚିକିତ୍ସାଶିକ୍ଷା ବିଶାରଦ ଯେ କି ବିଶ୍ୱବିଦ୍ୟାଳୟ ସହିତ ସଶ୍ଳିଷ୍ଟ ନ ଥିବେ ।

(ଗ) ବୋର୍ଡଦ୍ୱାରା ମନୋନୀତ ଜଣେ ବିଶାରଦ :

ପରନ୍ତୁ ସେହି କମିଟିର କୋଣସି ସଦସ୍ୟ ସଂପୃକ୍ତ ମହାବିଦ୍ୟାଳୟ ବା ଅନୁଷ୍ଠାନର ପରିଚାଳନାରେ ସଂଶ୍ଳିଷ୍ଟ ନଥିବେ ।

(3)କମିଟି ତାହାଙ୍କ ରେପୋର୍ଟ ବିଚାର ଓ ଆବଶ୍ୟକ ହେବା ମତେ ସପରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ କୁଳପତିଙ୍କ ନିକଟରେ ପେଶ୍ କରିବେ ।

ସହବନ୍ଧନ ଓ ସୀକୃତିର ପ୍ରତ୍ୟାହାର ।

39. (1)ଯଦି କୌଣସି ସହବଦ୍ଧ ଅନୁଷ୍ଠାନ ବା ସୀକୃତିପ୍ରାପ୍ତ ଅନୁଷ୍ଠାନ ଏହି ଅଧିନିୟମ ବା କାନୁନ୍‌ରେ ବ୍ୟବସ୍ଥାଥିବା ସହବନ୍ଧନ ବା ସୀକୃତୀର ସର୍ତ୍ତାବଳୀ ଅନୁପାଳନ ନକରନ୍ତି ବା ବିଶ୍ୱବିଦ୍ୟାଳୟ ବା ରାଜ୍ୟ ସରକାର ଦେଇଥିବା କୌଣସି ନିର୍ଦ୍ଦେଶାବଳୀର ଅନୁପାଳନ ନକରନ୍ତି ବା ଏପରି କୌଣସି ରୀତିରେ କାର୍ଯ୍ୟ କରନ୍ତି, ଯାହାକି ବିଶ୍ୱବିଦ୍ୟାଳୟର ହିତ ଦୃଷ୍ଟିରୁ ଅନୁକୂଳ ନୁହେଁ ବା ଅଧ୍ୟାଦେଶ ବା କାନୁନ୍‌ରେ ଲିପିବଦ୍ଧ ମାନର ରକ୍ଷା ହେଉନଥିବ, ତେବେ ମହାବିଦ୍ୟାଳୟ ବା ଅନୁଷ୍ଠାନର ଅଧ୍ୟକ୍ଷ ବା ସଂପୃକ୍ତ ଶିକ୍ଷା ଏଜନ୍ସିଙ୍କୁ ସହବନ୍ଧନ ବା ସୀକୃିତର ପ୍ରତ୍ୟାହାର ପାଇଁ କାରଣ ଦର୍ଶାଇ ଏକ ନୋଟିସ୍ ଦେଇ ଓ ମହାବିଦ୍ୟାଳୟ ବା ଅନୁଷ୍ଠାନର ଅଧ୍ୟକ୍ଷ ବା ଶିକ୍ଷା ଏଜେନ୍ସିଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତରକୁ ବିଚାରକରି ମହାବିଦ୍ୟାଳୟଅନୁଷ୍ଠାନର ଯଥାସ୍ଥିତି, ସହବନ୍ଧନ ବା ସୀକୃତି ପ୍ରତ୍ୟାହାର ପାଇଁ ବିଶ୍ୱବିଦ୍ୟାଳୟ ଏହି ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବ ।

(2)ସହବନ୍ଧନ ବା ସୀକୃତିର ପ୍ରତ୍ୟାହାର ପାଇଁ ନିୟମାବଳୀ ବା ପ୍ରକ୍ରିୟା କାନୁନରେ ବିତହିତ ହେବା ମତେ ହେବ ।

40. (1) ବିଶ୍ୱବିଦ୍ୟାଳୟ ଓ ରାଜ୍ୟସରକାରଙ୍କ ପୂର୍ବ ଅନୁମତି ବିନା ଏକ ସହବଦ୍ଧ ଅନୁଷ୍ଠାନ ବା ସୀକୃତିପ୍ରାପ୍ତ ଅନୁଷ୍ଠାନର ପରିଚାଳନା ମଣ୍ଡଳୀ ସହବଦ୍ଧ ଅନୁଷ୍ଠାନ ବା ସୀକୃତୀପ୍ରାପ୍ତ ଅନୁଷ୍ଠାନକୁ ବନ୍ଦ କରିପାରିବେ ନାହିଁ ।

(2) କେଉଁ ପ୍ରକ୍ରିୟାରେ ଏକ ସହବଦ୍ଧ ଅନୁଷ୍ଠାନ ଓ ସୀକୃତିପ୍ରାପ୍ତ ଅନୁଷ୍ଠାନ ବନ୍ଦ କରାଯାଇପାରିବ ତାହା କାନୁନ୍‌ରେ ବିହିତ ହେବା ମତେ ହେବ ।

# ଅଧ୍ୟାୟ VIII

## ନାମଲେଖା, ଡିଗ୍ରୀ ଓ ସମାବର୍ତ୍ତନ ଉତ୍ସବ

ଶିକ୍ଷାଦାନ ତାଲିମ ଓ ଗବେଷଣା

41. କାନୁନ୍‌ରେ ବିହିତ ହେବା ରୀତିରେ ସାଧାରଣତଃ ସହବଦ୍ଧ ଅନୁଷ୍ଠାନ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକରେ ସମସ୍ତ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷା, ତାଲିମ ଓ ଗବେଷଣା କାର୍ଯ୍ୟକ୍ରମ ହେବ ।

ରେଜିଷ୍ଟ୍ରୀଭୁକ୍ତ ସ୍ନାତକ ।

42. (1) ଉପଧାରା (2) ର ବ୍ୟବସ୍ଥାଗୁଡିକର ସାପେକ୍ଷତାରେ ଯେଉଁ ବ୍ୟକ୍ତିମାନେ ବିଶ୍ୱବିଦ୍ୟାଳୟର ସ୍ନାତକ ହୋଇଥିବ, ସେମାନେ ବିଶ୍ୱବିଦ୍ୟାଳୟ ଦ୍ୱାରା ରଖାଯାଇ ଥିବା ରେଜିଷ୍ଟ୍ରୀଭୁକ୍ତ ସ୍ନାତକ ବା ବିବେଚିତ ରେଜିଷ୍ଟ୍ରୀଭୁକ୍ତ ସ୍ନାତକ ରେଜିଷ୍ଟାରରେ ସେମାନଙ୍କର ନିଜ ନିଜ ନାମ ଚଢାଇବାକୁ ହକଦାର ହେବେ ।

(2)ଏକ ରେଜିଷ୍ଟ୍ରୀଭୁକ୍ତ ସ୍ନାତକ ହେବାକୁ ଚାହୁଁଥିବା ପ୍ରତ୍ୟେକ ବ୍ୟକ୍ତି, କାନୁନରେ ବିହିତ ହେବା ମତେ ସେପରି ଫାରମରେ, ସେପରି ଫିସ୍ ପ୍ରଦାନ କରି ରେଜିଷ୍ଟ୍ରାରଙ୍କୁ ଏକ ଦରଖାସ୍ତ ଦେବେ ଓ ରେଜିଷ୍ଟ୍ରାର ଉଚିତ ମନେ କରିବା ମତେ ସେପରି ତଦନ୍ତ କରିବା ପରେ ଉକ୍ତ ବ୍ୟକ୍ତି ଜଣେ ରେଜିଷ୍ଟ୍ରୀକୃତ ସ୍ନାତକ ହେବାକୁ ହକ୍‌ଦାର କି ନୁହେଁ ତାହାର ନିଷ୍ପତ୍ତି ନେବେ ।

(3) ଜଣେ ବ୍ୟକ୍ତି ତାହାଙ୍କ ନାମକୁ ସ୍ନାତକମାନଙ୍କ ରେଜିଷ୍ଟରରେ ଚଢାଇବାକୁ ହକ୍‌ଦାର କି ନୁହଁନ୍ତି ସେ ନେଇ ଯଦି କୌଣସି ବିବାଦ ଉପୁଜେ ତେବେ କୁଳପତି ଉଚିତ୍ ମନେ କରିବା ମତେ ସେପରି ତଦନ୍ତ କରି ବା କରାଇ ସେବିଷୟରେ ନିଷ୍ପତ୍ତି ନେବେ ଓ ତାହାଙ୍କ ନିଷ୍ପତ୍ତି ଚୁଡାନ୍ତ ହେବ ।

(4) ବୋର୍ଡର ମୋଟ ସଦସ୍ୟଙ୍କ ମଧ୍ୟରୁ କୌଣସି ଏକ ବୈଠକରେ ଅନ୍ୟୁନ ଅର୍ଦ୍ଧେକ ସଦସ୍ୟ ଉପସ୍ଥିତ ଥାଇ ତହିଁରୁ ଅନ୍ୟୁନ ଦୁଇତୃତୀୟPଶ ସଦସ୍ୟଙ୍କ ବହୁମତରେ ବୋର୍ଡଙ୍କ ସୁପାରିଶ କ୍ରମେ କୁଳାଧିପତି ଉଚିତ୍ ମନେ କରିବା ମତେସେପରି ଏକ କାଳାବଧି ପାଇଁ କୌଣସି ଜଣେ ବ୍ୟକ୍ତିଙ୍କ ନାମକୁ ସ୍ନାତକମାନଙ୍କ ରେଜିଷ୍ଟରରୁ ବାଦ୍ ଦେଇପାରିବେ, ଯଦି ସେହି ବ୍ୟକ୍ତି କୌଣସି ଅପରାଧରେ ଏକ ନ୍ୟାଳୟଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିବେ, ଯାହାକି ବୋର୍ଡ ମତରେ ନୈତିକ ଭ୍ରଷ୍ଟାଚାର ଜନିତ ଏକ ଗୁରୁତର ଅପରାଧ ହୋଇଥାଏ।

(5) ଉକ୍ତ ବ୍ୟକ୍ତିଙ୍କୁ ଶୁଣାଣିର ଏକ ଯୁକ୍ତିଯୁକ୍ତ ସୁଯୋଗ ନଦେଇ ଉପଧାରା(4) ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ।

# ଅଧ୍ୟାୟ IX
## ଅର୍ଥ

ବିଶ୍ୱବିଦ୍ୟାଳୟ ପାଣ୍ଠି ।

43. (1)"ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପାଣ୍ଠି" ନାମକ ଏକ ସଂଚିତ ପାଣ୍ଠି ରହିବ ଯହିଁରେ ରାଜ୍ୟ ସରକାର, କେନ୍ଦ୍ର ସରକାର, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ଅନ୍ୟାନ୍ୟ ଉତ୍ସରୁ ମିଳିଥିବା ସମସ୍ତ ଅନୁଦାନ ଓ ଋଣ, ବିଶ୍ୱବିଦ୍ୟାଳୟର ସମସ୍ତ ରାଜସ୍ୱ, ମିଳିଥିବା ସମସ୍ତ ଫିସ୍, ବିଶ୍ୱବିଦ୍ୟାଳୟରେ ନିହିତ ସମ୍ପତ୍ତି ଓ ପାଣ୍ଠିରୁ ଲବ୍ଧ ଭଡା ଓ ଲାଭରୁ ଉପଲବ୍ଧ ସମସ୍ତ ଆୟ, ଅନ୍ୟ କୌଣସି ଉତ୍ସରୁ ମିଳିଥିବା ସମସ୍ତ ବୃତିଦାନ (ଏଣ୍ଡୋମେଣ୍ଟ) ଓ ଦାନ ବିଶ୍ୱବିଦ୍ୟାଳୟର ସମସ୍ତ ବିବିଧ ପ୍ରାପ୍ତି ଓ ଜମା ପାଣ୍ଠିକୁ ପ୍ରେରିତ ଅର୍ଥ ଓ ସେବାରୁ ମିଳିଥିବା ଅର୍ଥ ଜମା ରହିବ ଓ ତାହା ଏହି ଅଧିନିୟମ ଓ କାନୁନରେ ଉଲ୍ଲିଖିତ ଉଦ୍ଦେଶ୍ୟରେ ଓ ରୀତିରେ ବିନିଯୋଗ ହେବ :

(2) ଓଡିଶାପରନ୍ତୁ କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପୃଥକ ହିସାବ ରଖାଯାଇପାରିବ ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟ ପାଣ୍ଠିରେ ଥିବା ସମସ୍ତ ଅର୍ଥ ଏକ ଅନୁସୂଚୀତ ଜାତୀୟକରଣ ବ୍ୟାଙ୍କରେ ରଖାଯିବ ।

(3)ବୋର୍ଡର ପୂର୍ବଅନୁମତି ନେଇ, ବିଶ୍ୱବିଦ୍ୟାଳୟ, ଉଚିତ୍ ମନେ କରିବାମତେ, ସେହିପରିମାଣର ଅର୍ଥ ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପାଣ୍ଠିରୁ ସରକାରଙ୍କ ପ୍ରତିଭୂତିରେ ବା ଭାରତସରକାରଙ୍କ ଦ୍ୱାରା ଗ୍ୟାରେଣ୍ଟିରେ ଥିବା ପ୍ରତିଭୂତିରେ ବିନିଯୋଗ କରିପାରିବ ।

(4) ଓଡିଶା ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟପାଣ୍ଠିର ଜିମା, ତହିଁରୁ ଅର୍ଥ ପ୍ରଦା,ଅର୍ଥ ପ୍ରତ୍ୟାହାର ଓ ଅନ୍ୟ ସମସ୍ତ ଅନୁସଙ୍ଗିକ ବିଷୟ କାନୁନଦ୍ୱାରା ବିନିୟମିତ ହେବା ମତେ ହେବ ।

(5) ବିଶ୍ୱବିଦ୍ୟାଳୟ ନିମ୍ନଲିଖିତ ହିସାବମାନ ରଖିବେ, ଯଥା:-

(i) ସାଧାରଣ ପାଣ୍ଠି ;

(ii) ବେତନ ପାଣ୍ଠି ;

(iii) ନ୍ୟାସ ପାଣ୍ଠି ;

(iv) ଉନ୍ନୟନ ଓ କାର୍ଯ୍ୟକ୍ରମ ପାଣ୍ଠି ;

(v) ଗବେଷଣା ପାଣ୍ଠି ;

(vi) ଅନିୟମିତ ବ୍ୟୟ ପାଣ୍ଠି ;

(vii) ବିଶ୍ୱବିଦ୍ୟାଳୟ ମତରେ ଅନ୍ୟାନ୍ୟ ଯେଉଁ ପାଣ୍ଠି ଆବଶ୍ୟକ ସେହିପାଣ୍ଠି ।

(6) ନିମ୍ନଲିଖିତ ଉତ୍ସରୁ ପ୍ରାପ୍ତ ଅର୍ଥ ସାଧାରଣ ପାଣ୍ଠିର ଏକଅଂଶବିଶେଷ ହେବ ବା ତହିଁରେ ଜମା ହେବ ଯଥା:-

(i) ଅଣ-ବେତନ ଚାନ୍ଦା ବା ରାଜ୍ୟସରକାର ବା କେନ୍ଦ୍ରସରକାର ବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗରୁ ମିଳିଥିବା ଅନୁଦାନ ;

(ii) ଫିସ୍ ଓ ପ୍ରଭାର ସମେତ ଅନ୍ୟାନ୍ୟ କୌଣସି ଉତ୍ସରୁ ମିଳିଥିବା ବିଶ୍ୱବିଦ୍ୟାଳୟର ସମସ୍ତ ଆୟ ;

(iii) ରାଜ୍ୟସରକାରଙ୍କ ଅନୁମତି କ୍ରମେ ବ୍ୟାଙ୍କ ବା ଅନ୍ୟ ଏଜେନ୍ସିରୁ ଧାର ସୂତ୍ରରେ ମିଳିଥିବା ସମସ୍ତ ଅର୍ଥ ପରିମାଣ ;

(iv) ଅନ୍ୟ କୌଣସି ଉତ୍ସ ବା ଏଜେନ୍ସି ରୁ ମିଳିଥିବା ଧନରାଶି ।

(7) ସମ୍ପୂର୍ଣ୍ଣ ବା ଆଂଶିକ ବେତନ ବା ଭତ୍ତା ପ୍ରଦାନ ବାବଦରେ ରାଜ୍ୟ ସରକାର, କେନ୍ଦ୍ରସରକାର ବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗରୁ ମିଳିଥିବା ସମସ୍ତ ଅର୍ଥ ପରିମାଣ ବେତନ ପାଣ୍ଠିରେ ରହିବ ଓ ବେତନ ଓ ଭତ୍ତା ପ୍ରଦାନ ଭିନ୍ନ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଏହି ପାଣ୍ଠିରୁ କୌଣସି ଅର୍ଥ ବିନିଯୋଗ ହେବ ନାହିଁ ।

(8)ନ୍ୟାସ, ଉଇଲ ଦାନ, ଚାନ୍ଦା, ବୃତ୍ତିପ୍ରଦାନ, ସରକାରୀ ଅର୍ଥ ସାହାଯ୍ୟ ଓ ସେପ୍ରକାର ଅନୁଦାନ ଜନିତ ସମସ୍ତ ଆୟ ଓ ଅର୍ଥ ନ୍ୟାସ ପାଣ୍ଠିରେ ଜମାହେବ ।

(9) ବିଶ୍ୱବିଦ୍ୟାଳୟର ଉନ୍ନୟନ ଓ କାର୍ଯ୍ୟକ୍ରମ ପାଣ୍ଠିରେ, ରାଜ୍ୟ ସରକାରଙ୍କ ଠାରୁ ମିଳିଥିବା ଭିତ୍ତିଭୂମି ଉନ୍ନୟନ ଅନୁଦାନ, ଉନ୍ନୟନ ଓ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦେଇଥିବା ସମସ୍ତ ଚାନ୍ଦା , କେନ୍ଦ୍ରସରକାର, ଜାତିସଂଘ ଓ ତାହାର ସହଯୋଗୀ, ଅନ୍ୟାନ୍ୟ ଆନ୍ତର୍ଜାତୀୟ ଏଜେନ୍ସି, ଶିଳ୍ପ, ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କ ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ଏଜେନ୍ସି ରୁ ମିଳିଥିବା ଅନୁଦାନ ରଖାଯିବ ଓ ଏହି ପାଣ୍ଠିରୁ କୌଣସି ଅର୍ଥ ବିଶ୍ୱବିଦ୍ୟାଳୟର ଅନ୍ୟ କୌଣସି ପାଣ୍ଠିରେ ବିନିଯୋଗ କରାଯିବ ନାହିଁ ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ଖର୍ଚ୍ଚ ହେବ ନାହିଁ ।

(10) କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସହିତ ସଂଗତ ହେଉଥିବା ରୀତିରେ ଉନ୍ନୟନ ଓ କାର୍ଯ୍ୟକ୍ରମ ପାଣ୍ଠି ବ୍ୟବହୃତ ହେବ, ଯେଉଁଥିପାଇଁକି ବୋର୍ଡଦ୍ୱାରା ମଞ୍ଜୁର ଓ ଅନୁମୋଦନ ହୋଇଥିବା ବ୍ୟୟ ଓ ସମୀକ୍ଷା ଉପରେ ଅର୍ଥ ଲଗାଣ ଏଜେନ୍ସିର ମାର୍ଗଦର୍ଶିକା ସାମିଲ କହିବାକୁ ଏକ ଉପଯୁକ୍ତ ସଂହିତା ପ୍ରସ୍ତୁତ ଓ ଅନୁସୃତ ହେବ ।

(11) ଗବେଷଣା ପାଣ୍ଠି କେବଳ ଗବେଷଣା କାର୍ଯ୍ୟ ରେ ହିଁ ବ୍ୟବହୃତହେବ, ଯହିଁରେ ଗବେଷଣା କାର୍ଯ୍ୟ ହାତକୁ ନେବା ଉଦ୍ଦେଶ୍ୟରେ ଭାରତସରକାର, ଓଡିଶା ସରକାର, କୌଣସି ସ୍ୱୟଂଶାସିତ

ଅନୁଷ୍ଠାନ , ଆନ୍ତର୍ଜାତିକ ଗବେଷଣା ଏଜେନ୍ସି ବା ଅନ୍ୟ କୌଣସି ଏଜେନ୍ସି, ନିକାୟ ବା ପ୍ରାଧିକାରୀଙ୍କ ଠାରୁ ମିଳିଥିବା ଧନରାଶି ରଖାଯିବ ।

(12) ବିଶ୍ୱବିଦ୍ୟାଳୟର ଏକ ପୃଥକ ହିସାବ ଶୀର୍ଷରେ ବିଶ୍ୱବିଦ୍ୟାଳୟର ଏକ ଅନିୟତ ବ୍ୟୟ ପାଣ୍ଠି ରହିବ ଯାହାକି କେବଳ ଆକସ୍ମିକ ବ୍ୟୟଭାର ତୁଲାଇବା ଉଦ୍ଦେଶ୍ୟରେ ବ୍ୟବହୃତ ହେବ ।

(13) ଉକ୍ତ ପାଣ୍ଠିଗୁଡିକରେ ଥିବା ବଳକା ଅର୍ଥ, ଯାହାକି, ଉପରୋକ୍ତ ଉଦ୍ଦେଶ୍ୟରେ ତୁରନ୍ତ ବା ନିକଟ ଭବିଷ୍ୟତରେ ଖର୍ଚ୍ଚ କରାଯିବାର ସମ୍ଭାବନା ନ ଥିବ ତାହା ସମୟ କୁ ସମୟ ବ୍ୟାଙ୍କରେ ଜମା କରାଯିବ ।

ରାଜ୍ୟ ସରକାରଙ୍କ ଠାରୁ ଅନୁଦାନ ।

44. (1) ରାଜ୍ୟସରକାର ସମୟକୁ ସମୟ ଧାର୍ଯ୍ୟ କରିବା ମତେ ସେପରି **ସର୍ତାବଳୀର**ସାପେକ୍ଷତାରେ ରାଜ୍ୟ ବାର୍ଷିକ ବଜେଟରେ ରାଜ୍ୟସରକାରଙ୍କ ଦ୍ୱାରା ବ୍ୟବସ୍ଥିତ ସେପରି ଅର୍ଥ ପରିମାଣ ରକ୍ଷଣାବେକ୍ଷଣ ବାବଦରେ ବିଶ୍ୱବିଦ୍ୟାଳୟ ସହାୟକ ଅନୁଦାନ ପାଇବ.

(2) କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଉପଯୁକ୍ତ ମନେକରିବା ମତେସେପରି **ସର୍ତାବଳୀର** ସାପେକ୍ଷତାରେ ବିଶ୍ୱବିଦ୍ୟାଳୟକୁ ସେପରି ଅନ୍ୟାନ୍ୟ ଅନୁଦାନ ପ୍ରଦାନ କରିପାରିବେ.

ବଜେଟ ।

45. (1) କାନୁନରେ ବିଦିତ ହେବା ମତେ ସେପରି ତାରିଖ ପୂର୍ବରୁ ଅର୍ଥ ନିୟନ୍ତ୍ରକ ଆଗାମୀ ଆର୍ଥିକ ବର୍ଷ ପାଇଁ ବିଶ୍ୱବିଦ୍ୟାଳୟର ବାର୍ଷିକ ବଜେଟ ଅଟକଳ ଓ ଆର୍ଥିକ ବିବରଣ ପ୍ରସ୍ତୁତ କରିବେ ଓ ଅନୁମୋଦନ ପାଇଁ କୁଳପତିଙ୍କ ନିର୍ଦ୍ଦେଶରେ ଅର୍ଥ କମିଟିଙ୍କ ସମକ୍ଷରେ ଉପସ୍ଥାପିତ କରିବେ ।

(2) ଅର୍ଥ କମିଟିଙ୍କ ଦ୍ୱାରା ଅନୁମୋଦିତ ହେବା ବାର୍ଷିକ ବଜେଟ ଅଟକଳ ଓ ଆର୍ଥିକ ବିବରଣ ବିଚାର ପାଇଁ ବୋର୍ଡଙ୍କ ସମକ୍ଷରେ ଉପସ୍ଥାପିତ ହେବ ।

(3) ବଜେଟ ଅନୁମୋଦନ କରିବାକୁ ପ୍ରତ୍ୟାଖ୍ୟାନ କରିବା କ୍ଷମତା ବୋର୍ଡଙ୍କ ରହିବ ନାହିଁ , କିନ୍ତୁ ବଜେଟ ଉପରେ ତାଙ୍କର ପ୍ରସ୍ତାବ ଓ ସଂଶୋଧନ ଦେଇ ବିଚାର ପାଇଁ ଅର୍ଥ କମିଟି ନିକଟକୁ ତାହା ଫେରାଇ ଦେଇପାରିବେ ।

(4) ଅର୍ଥ କମିଟି ବୋର୍ଡଙ୍କ ସୁପାରିଶ ଗ୍ରହଣ କରିପାରିବେ ବା ଯଥାର୍ଥତା ଦର୍ଶାଇ ଗ୍ରହଣ କରିବାକୁ ମନା କରିଦେଇପାରିବେ ।

(5) ଅନୁମୋଦିତ ହୋଇଥିବା ଆର୍ଥିକ ଅଟକଳ ଓ ବିବରଣୀର ନକଲମାନ ଅର୍ଥ କମିଟି, କୁଳାଧିପତି ଓ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ.

ଆଭ୍ୟନ୍ତରୀଣ ସମୀକ୍ଷା । 46. (1) ବର୍ଷକୁ ଅନ୍ତତଃ ଥରେ ପ୍ରତି ଆର୍ଥିକ ବର୍ଷର ପରିସମାପ୍ତିର ଛଅମାସ ମଧ୍ୟରେ ବିଶ୍ୱବିଦ୍ୟାଳୟର ହିସାବର ସମୀକ୍ଷା ବିଶ୍ୱବିଦ୍ୟାଳୟର **କର୍ତୃପକ୍ଷ** ଓ ବ୍ୟାପାରରେ କୌଣସି ସ୍ୱାର୍ଥ ନ ଥିବା ଚାର୍ଟାର୍ଡ **ଆକାଉଣ୍ଟାଟ**ଫାର୍ମ ମାନଙ୍କ ମଧ୍ୟରୁ ବୋର୍ଡ ଦ୍ୱାରା ନିଯୁକ୍ତ ସମୀକ୍ଷକମାନଙ୍କ ଦ୍ୱାରା କରାଯିବ ।

(2) ସମୀକ୍ଷିତ ହିସାବ ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରକାଶିତ କରାଯିବ ଓ ସମୀକ୍ଷକଙ୍କ ରିପୋର୍ଟର ନକଲ ସହିତ ତାହାର ଏକ ନକଲ ବୋର୍ଡଙ୍କ ସମକ୍ଷରେ ଉପସ୍ଥାପିତ ହେବ ଓ କୁଳାଧିପତି ଓ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ.

ସମୀକ୍ଷା 47. (1) ନିୟମିତ ବ୍ୟବଧାନରେ ବିଶ୍ୱବିଦ୍ୟାଳୟର ଓ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଅନୁଷ୍ଠାନଗୁଡିକର ହିସାବର ସମୀକ୍ଷା କରିବାକୁ ରାଜ୍ୟ ସରକାର ସମୀକ୍ଷକମାନଙ୍କୁ ନିଯୁକ୍ତ କରିବେ ।

(2) ସମୀକ୍ଷକମାନେ ବିଶ୍ୱବିଦ୍ୟାଳୟର ହିସାବର ଧାରାବାହିକ ସମୀକ୍ଷା କରିବେ ଓ ସୂଚନା ଦେଇ , ବିଶ୍ୱବିଦ୍ୟାଳୟର ସହବଦ୍ଧ କୌଣସି ଅନୁଷ୍ଠାନର ସ୍ଥାନୀୟ ସମୀକ୍ଷା ମଧ୍ୟ କରିପାରିବେ ।

(3) ରାଜ୍ୟସରକାର ଧାର୍ଯ୍ୟ କରିବାମତେ ସମୀକ୍ଷା ଖର୍ଚ୍ଚ ବିଶ୍ୱବିଦ୍ୟାଳୟ ବହନ କରିବେ

(4) ଗୋଟିଏ ବର୍ଷ ବା ତହିଁରୁକମ ସମୟ ପାଇଁ ବା କୌଣସି ଏକ କାରବାର ବା ଅନେକଗୁଡିଏ କାରବାର ପାଇଁ ସମୀକ୍ଷା କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ ସମୀକ୍ଷକ ଏକ ରିପୋର୍ଟ ବିଶ୍ୱବିଦ୍ୟାଳୟ ନିକଟକୁ ଓ ତାହାର ଏକ ଦୋହରାନକଲ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ ।

(5) ଉପଧାରା (4) ଅନୁଯାୟୀ ରିପୋର୍ଟରେ ସମୀକ୍ଷକ ସମସ୍ତ ଅନିୟମିତ ବେଆଇନ ଓ ଅନୁଚିତ୍ ବ୍ୟୟ ବା ବିଶ୍ୱବିଦ୍ୟାଳୟର ଅଧିକାରୀ ବା ପ୍ରାଧିକାରୀମାନଙ୍କ ଅବହେଳା ବା ଅସଦାଚରଣ ଯୋଗୁଁ ବିଶ୍ୱବିଦ୍ୟାଳୟକୁ ଦେୟ ହେଉଥିବା ଅର୍ଥ ବା ଅନ୍ୟାନ୍ୟ ସମ୍ପତି ଅସୁଲିରେ ବିଫଳତା ବା ଅର୍ଥ ବା ଅନ୍ୟାନ୍ୟ ସଂପତିର କ୍ଷତି ବା ଅପଚୟ ବିଷୟ ଦର୍ଶାଇବେ ।

(6) ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିବା ମତେ ବିଶ୍ୱବିଦ୍ୟାଳୟର ହିସାବ ସଂପର୍କିତ ଅନ୍ୟ କୌଣସି ବିଷୟରେ ମଧ୍ୟ ସମୀକ୍ଷକମାନେ ରିପୋର୍ଟ କରିପାରିବେ ।

(7) ସମୀକ୍ଷକମାନେ ଦର୍ଶାଇଥିବା ତ୍ରୁଟି ଓ ଅନିୟମିତତାକୁ ବିଶ୍ୱବିଦ୍ୟାଳୟ ତୁରନ୍ତ ଠିକ୍ କରିବେ, ଓ କାନୁନରେ ବିହିତ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନର ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେବେ ।

ବାର୍ଷିକ ରିପୋର୍ଟ

48. (1) ପ୍ରତି ଆର୍ଥିକ ବର୍ଷ ସକାଶେ ରାଜ୍ୟ ସରକାରଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ହେବା ମତେ ସେପରି ସବିଶେଷ ବିବରଣ ସଂବଳିତବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ ଶିକ୍ଷା ପରିଷଦ ପ୍ରସ୍ତୁତ କରିବେ ଓ ତାହାର ଚୂଡାନ୍ତ ଅନୁମୋଦନ ପୂର୍ବରୁ କାନୁନ୍‌ରେ ବିହିତ ହେବା ମତେ ସେପରି ତାରିଖ ସୁଦ୍ଧା ତାହାର ପୁନରୀକ୍ଷଣ ପାଇଁ ବୋର୍ଡଙ୍କ ସମକ୍ଷରେ ଉପସ୍ଥାପିତ ହେବ ।

(2) ବାର୍ଷିକ ରିପୋର୍ଟ ଓ ବାର୍ଷିକ ହିସାବର ନକଲ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ଓ ରାଜ୍ୟ ସରକାର ତାହା ଓଡିଶା ବିଧାନସଭାରେ ଉପସ୍ଥାପିତ କରିବେ ।

## ଅଧ୍ୟାୟ X
## ବିବିଧ

ଅଭିଯୋଗ କମିଟି ।

49. (1) ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ **ଆପତି** ଓ ଅଭିଯୋଗ ଗୁଡିକର ବିଚାର କରିବା ସକାଶେ ସେମାନଙ୍କୁ ଶୁଣିବା ଓ ଅନଧିକ ଛଅମାସର ଏକ ଯୁକ୍ତିଯୁକ୍ତ ସମୟ କାଳାବଧି ମଧ୍ୟରେ ଯେତେଦୂର ହୋଇପାରେ, ସେମାନଙ୍କ **ଆପତି** ଅଭିଯୋଗର ସମାଧାନ କରିବାକୁ ବିଶ୍ୱବିଦ୍ୟାଳୟରେ ଏକ ଅଭିଯୋଗ କମିଟି ରହିବ ଓ ଉକ୍ତ କମିଟି ବୋର୍ଡଙ୍କୁ ଏକ ରିପୋର୍ଟ ଦେବେ ।

(2) **ଆପତି** ଓ ଅଭିଯୋଗଗୁଡିକୁ ବିଚାର କରି ଉଚିତ୍ ମନେ କରିବା ମତେ କାର୍ଯ୍ୟାନୁଷ୍ଠାନ ପାଇଁ ସେବିଷୟରେ ବୋର୍ଡଙ୍କୁ ରିପୋର୍ଟ ଦେବା ଅଭିଯୋଗ କମିଟିଙ୍କ ଆଇନସମ୍ମତ କାର୍ଯ୍ୟହେବ ଓ ସେପରି ରିପୋର୍ଟ ଉପରେ ବୋର୍ଡଙ୍କ **ନିଷ୍ପତି** ଚୂଡାନ୍ତ ହେବ.

(3) ଅଭିଯୋଗ କମିଟିରେ ନିମ୍ନଲିଖିତ ସଦସ୍ୟମାନେ ରହିବେ ; ସେମାନେ ହେଲେ:-

(କ) କୁଳପତି –ସଭାଧ୍ୟକ୍ଷ ;

(ଖ)ବୋର୍ଡର ସଦସ୍ୟମାନଙ୍କ ଦ୍ୱାରା ମନୋନୀତ ଶିକ୍ଷା ପରିଷଦର ତିନିଜଣ ସଦସ୍ୟ ;

(ଗ)ରେଜିଷ୍ଟ୍ରାର- ସଦସ୍ୟ ସଚିବ ।

(4) କେଉଁ ପ୍ରକିୟାରେ ଅଭିଯୋଗ ଗ୍ରହଣ କରାଯିବ ଓ ତାହାର ସମାଧାନ କରାଯିବ ତାହା କାନୁନରେ ବିହିତ ହେବା ମତେ ହେବ

ଅନ୍ୟାନ୍ୟ ବିଶ୍ୱବିଦ୍ୟାୟ ଓ ଅନ୍ୟାନ୍ୟ ନିକାୟର ଅଧିକାରୀରା ବାଦ୍ ଦେବା

50. (1) ଅନ୍ୟ କୌଣସି ବିଧିରେ ଯାହା କିଛିଥିବା **ସତ୍ତ୍ୱେ**, ବିଧି ବା ସଂସଦ ଦ୍ୱାରା ପ୍ରତିଷ୍ଠିତ , ରାଜ୍ୟରେ ଥିବା ବିବେଚିତ ବିଶ୍ୱବିଦ୍ୟାଳୟ ଓ ବୀର ସୁରେନ୍ଦ୍ରସାଏ ଚିକିତ୍ସା ବିଜ୍ଞାନ ଓ ଗବେଷଣା ଅନୁଷ୍ଠାନଅଧିନିୟମ,2014 ବ୍ୟତୀତ ଏହି ଅଧିନିୟମ ଅନୁଯାୟୀ ପ୍ରତିଷ୍ଠିତ କୌଣସି

ବିଶ୍ୱବିଦ୍ୟାଳୟ ଭିନ୍ନ ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟ ଏହି ଅଧିନିୟମର ପ୍ରାରମ୍ଭପରେସ୍ୱାସ୍ଥ୍ୟ ବିଜ୍ଞାନ ଓ ଅନ୍ୟାନ୍ୟ ସମବର୍ଗୀୟ ବିଷୟରେ ପାଠ୍ୟକ୍ରମରେ ଶିକ୍ଷା ଓ ତାଲିମ ପ୍ରଦାନ କରୁଥିବା କୌଣସି ମହାବିଦ୍ୟାଳୟ ବା ଅନୁଷ୍ଠାନକୁ ସହବନ୍ଧନ ମଞ୍ଜୁର କରିବେ ନାହିଁ :

ପରନ୍ତୁ,ଏହି ଅଧିନିୟମରେ ଅନ୍ୟଥା ବ୍ୟବସ୍ଥିତ ହୋଇଥିବା ବ୍ୟତିରେକେ, ଏହି ଧାରାର କୌଣସି ବିଷୟ , ବିଧି ଦ୍ୱାରା ପ୍ରତିଷ୍ଠିତ କୌଣସି ଅନୁଷ୍ଠାନ ବା ବିଶ୍ୱବିଦ୍ୟାଳୟ ପ୍ରତି ବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମ,1956 ର ଅର୍ଥ ମଧ୍ୟରେ ଏକ ବିବେଚିତ ବିଶ୍ୱବିଦ୍ୟାଳୟ ପ୍ରତି ଲାଗୁ ହେବ ନାହିଁ, ଯାହା ସେପରି ବିଶ୍ୱବିଦ୍ୟାଳୟ ବା ବିବେଚିତ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରତ୍ୟକ୍ଷଭାବେ ପରିଚାଳିତ ,ନିୟନ୍ତ୍ରିତ ଓ ଅର୍ଥ ପ୍ରାପ୍ତ ହେଉଥିବ ।

(2) ଉପଧାରା (1) ରେ ଥିବା ବ୍ୟବସ୍ଥା ବ୍ୟତିରେକେ ଓ ତତ୍ସମୟେ **ପ୍ରବୃତ୍ତ** ଅନ୍ୟ ,କୌଣସି ବିଧିରେ ଯାହାକିଛିଥିବା **ସତ୍ତ୍ୱେ** ଏହି ଅଧିନିୟମ ଅନୁଯାୟୀ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଭିନ୍ନ ଅନ୍ୟ ଯେକୌଣସି ନାମରେ ଅଭିହିତ କୌଣସି ପ୍ରାଧିକାରୀ ବା ବୋର୍ଡ , ଏହି ଅଧିନିୟମର ପ୍ରାରମ୍ଭ ପରେ ସ୍ୱାସ୍ଥ୍ୟ ଶିକ୍ଷା ଓ ଅନ୍ୟାନ୍ୟ ସମବର୍ଗୀୟ ବିଷୟରେ କୌଣସି ଡିଗ୍ରୀ ,ଡିପ୍ଲୋମା,ପ୍ରମାଣପତ୍ର ବା ଲାଇସେନ୍ସ ଦେଇ ପାରିବେ ନାହିଁ ।

ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ

51. (1) ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ବିନା ବିଶ୍ୱବିଦ୍ୟାଳୟ ନିମ୍ନଲିଖିତ କାର୍ଯ୍ୟ କରିବେ ନାହିଁ ; ସେଗୁଡିକ ହେଲା :-

(କ) ନୂତନ କୌଣସି ଅଧିକାରୀ ବା ଅନ୍ୟାନ୍ୟ କର୍ମଚାରୀ ପଦ ସୃଷ୍ଟି କରିବା ;

(ଖ) ତାହାର ଅଧିକାରୀ ଓ କର୍ମଚାରୀମାନଙ୍କ ବେତନ,**ଭତ୍ତା** ଅବସର **ପରବର୍ତ୍ତୀ** ସୁବିଧା ଓ ଅନ୍ୟାନ୍ୟ ସୁବିଧାରେ କୌଣସି ସଂଶୋଧନ କରିବା;

(ଗ)ତାହାର ଅଧିକାରୀ ବା ଅନ୍ୟାନ୍ୟ କର୍ମଚାରୀମାନଙ୍କୁ କୌଣସି ସ୍ୱତନ୍ତ୍ର ବେତନ,**ଭତ୍ତା** ବା ଅତିରିକ୍ତ ପାରିଶ୍ରମିକ ତଥା ଅନୁଗ୍ରହପୂର୍ବକ ଅର୍ଥପ୍ରଦାନ ବା ଆର୍ଥିକ ବୋଝ ପଡୁଥିବା ଅନ୍ୟ କୌଣସି ସୁବିଧା ପ୍ରଦାନ କରିବା ;

(ଘ) ଯେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଅର୍ଥ ମିଳିଥିବ, ସେହି ଉଦ୍ଦେଶ୍ୟ ଭିନ୍ନ ଅନ୍ୟ କୋଣସି ଉଦ୍ଦେଶ୍ୟରେ ସେହି ଅର୍ଥ ଖର୍ଚ୍ଚ କରିବା;

(ଙ) ରାଜ୍ୟ ସରକାର ବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା କୌଣସି ବ୍ୟକ୍ତିବିଶେଷ ବା ନିକାୟଙ୍କଠାରୁ ଯେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ଲାଗି ଅର୍ଥ ମିଳିଥିବ ସେହି ଉଦ୍ଦେଶ୍ୟ ଭିନ୍ନ୍ୟ ଅନ୍ୟ କୌଣସି ଉନ୍ନୟନ କାର୍ଯ୍ୟରେଉକ୍ତ ପାଣ୍ଠିରୁ ଖର୍ଚ୍ଚ କରିବା ;

(ଚ)ସହବଦ୍ଧ ମହାବିଦ୍ୟାଳୟଗୁଡିକ ବିଷୟରେ ଏପରି କୌଣସି **ନିଷ୍ପତି** ନେବା ଯଦ୍ଧାରା ରାଜ୍ୟସରକାରଙ୍କ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଅତିରିକ୍ତ ଆର୍ଥିକ ବୋଝ ପଡିବ ;

(ଛ)କାନୁନରେ ବିହିତ ଅନ୍ୟ କୌଣସି କୌଣସି ବିଷୟ ।

(2) ରାଜ୍ୟ ସରକାରଙ୍କ ପୂର୍ବ ଅନୁମତି ବିନା ନିମ୍ନଲିଖିତ ଉତ୍ସରୁ ମିଳୁଥିବା ପାଣ୍ଠିରୁ ବିଶ୍ୱବିଦ୍ୟାଳୟ ଖର୍ଚ୍ଚ କରିପାରିବେ ;ସେଗୁଡିକ ହେଲା :-

(କ)ରାଜ୍ୟ ସରକାର ବା କେନ୍ଦ୍ର ସରକାରଙ୍କ ଠାରୁ ପ୍ରାପ୍ତ କୌଣସି ଅଂଶ ଧନ ବା ଚାନ୍ଦା ଭିନ୍ନ ବିଭିନ୍ନ ଅର୍ଥପ୍ରଦାନକାରୀ ଏଜେନ୍ସି ରୁ ମଞ୍ଜୁରଥିବା ପାଣ୍ଠି ;

(ଖ) ସ୍ୱଅର୍ଥ ସମର୍ଥିତ **ଭିତିରେ** ଆରମ୍ଭ କରାଯାଇଥିବା ଶିକ୍ଷାଦାନ କାର୍ଯ୍ୟକ୍ରମରୁ ପ୍ରାପ୍ତ ଫିସ୍ ;

(ଗ) ବିଶ୍ୱବିଦ୍ୟାଳୟର ଉଦ୍ଦେଶ୍ୟଗୁଡିକୁ ଆଗେଇନେବା ଉଦ୍ଦେଶ୍ୟରେ ବ୍ୟକ୍ତିବିଶେଷ,ଶିଳ୍ପାନୁଷ୍ଠାନ , ଅନୁଷ୍ଠାନ ସଂଗଠନ ବା ଅନ୍ୟ ଯେକୌଣସି ବ୍ୟକ୍ତିଙ୍କ ଠାରୁ ମିଳିଥିବା ଚାନ୍ଦା ;

(ଘ)ବିଶ୍ୱବିଦ୍ୟାଳୟ ଶିକ୍ଷା ବା ଅନ୍ୟ କୌଣସି ସେବା ଯୋଗାଇଦେଉଥିବା ଯୋଗୁଁ ପାଉଥିବା ଚାନ୍ଦା ବା ଫିସ୍ ;

(ଙ) ନିମ୍ନଲିଖିତ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ ଯଦି ପ୍ରତିଷ୍ଠା କରିଥାଏ ତେବେ ଉନ୍ନୟନ ପାଣ୍ଠି , –

(1) ସ୍ୱଅର୍ଥ ସମର୍ଥିତ **ଭିତିରେ**ଆରମ୍ଭ ହୋଇଥିବା ଶିକ୍ଷା କାର୍ଯ୍ୟକ୍ରମ ;

(2) କୌଣସି ଉନ୍ନୟନ କାର୍ଯ୍ୟ ସକାଶେ ହୋଇଥିବା ଖର୍ଚ୍ଚ ;

ପରନ୍ତୁ ସେପରି ଖର୍ଚ୍ଚ ପାଇଁ ରାଜ୍ୟ ସରକାରଙ୍କ ଉପରେ ତୁରନ୍ତ ବା ଭବିଷ୍ୟତରେ ପ୍ରତ୍ୟକ୍ଷଭାବେ ବା ପରୋକ୍ଷଭାବେ କୌଣସି ଆର୍ଥିକ ବୋଝ ଯେପରି ପଡିବ ନାହିଁ :

ଅଧିକନ୍ତୁ ସେପରି ସମସ୍ତ ଖର୍ଚ୍ଚ କାନୁନରେ ବିହିତ ହେବା ମତେ ବିନିୟମନ ଅନୁଯାୟୀ ହେବ ।

(3) ଏହି ଅଧିନିୟମ ଓ ପ୍ରଣୀତ ହେବାକୁ ଥିବା କାନୁନରେ ବିନିର୍ଦ୍ଦିଷ୍ଟ ହେବା ମତେ କ୍ଷମତା ପ୍ରୟୋଗ ବା **କର୍ତବ୍ୟ** ସଂପାଦନ କରିବାରେବିଶ୍ୱବିଦ୍ୟାଳୟଯଦି ବିଫଳ ହୁଅନ୍ତି ବା

ବିଶ୍ୱବିଦ୍ୟାଳୟ ଯଦି ପର୍ଯ୍ୟାପ୍ତ ଭାବେ ତାଙ୍କର ସେପରି କ୍ଷମତା ପ୍ରୟୋଗ ବା କର୍ତ୍ତବ୍ୟ ସଂପାଦନ କରିନଥାନ୍ତି ବା ରାଜ୍ୟ ସରକାର ଦେଇଥିବା କୌଣସି ଆଦେଶ ଅନୁପାଳନ କରିବାରେ ଯଦି ବିଫଳ ହୁଅନ୍ତି ତେବେ ସେକ୍ଷେତ୍ରରେ ରାଜ୍ୟ ସରକାର ଉଚିତ୍ ମନେ କରିବା ମତେ ସେପରି ତଦନ୍ତ କରି ସେପରି କ୍ଷମତା ପ୍ରୟୋଗ କରିବାକୁ ବା ସେପରି **କର୍ତ୍ତବ୍ୟ** ସଂପାଦନ କରିବାକୁ ବା ସେପରି ଆଦେଶ ଅନୁପାଳନ କରିବାକୁ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇପାରିବେ ଓ ସେପରି ନିର୍ଦ୍ଦେଶ ବା ଅନୁପାଳନ କରିବା ବିଶ୍ୱବିଦ୍ୟାଳୟର **କର୍ତ୍ତବ୍ୟ** ହେବ.

52. (1) ବିଶ୍ୱବିଦ୍ୟାଳୟର ହିତ ଯେପରି ଯଥୋଚିତ ଭାବେ ସୁରକ୍ଷିତ ହୋଇ ରୁହେ ତାହା ସୁନିଶ୍ଚିତ କରିବା ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ପ୍ରାଧିକାରୀ ଓ ଅଧିକାରୀଙ୍କ **କର୍ତ୍ତବ୍ୟ** ଅଟେ

(2) ଯଦି ଦେଖାଯାଏ ଯେ ବିଶ୍ୱବିଦ୍ୟାଳୟର କୌଣସି ପ୍ରାଧିକାରୀ ବା ଅଧିକାରୀ ଏପରି କୌଣସି କାର୍ଯ୍ୟ କରୁଛନ୍ତି ଯାହାକି ଏହି ଅଧିନିୟମ , କାନୁନ ବା ଅଧ୍ୟାଦେଶ ବା ବିନିୟମରେଥିବା ବ୍ୟବସ୍ଥା ଅନୁଯାୟୀ ହୋଇନାହିଁ ଯାହାଫଳରେ ବିଶ୍ୱବିଦ୍ୟାଳୟର ଲୋକସାନ ବା କ୍ଷତି ହୋଇଛି ଓ ତାହା ସଦ୍‌ବିଶ୍ୱାସରେ କରାଯାଇନାହିଁ ଅଥଚ ତାହା ଜାଣିଶୁଣି **କର୍ତ୍ତବ୍ୟ**ରେ ଅବହେଳା ବା ତ୍ରୁଟି ଜନିତ ଅଟେ, ତେବେ ସେପରି ଲୋକସାନବା କ୍ଷତି ଯଥାସ୍ଥିତି,ଉକ୍ତ ପ୍ରାଧିକାରୀ ବା ତାହାର ସଂପୃକ୍ତ ସଦସ୍ୟ ବା ଅଧିକାରୀଙ୍କଠାରୁ ମିଳିତଭାବେ ବା ପୃଥକ ଭାବେ କାନୁନ୍‌ରେ ବିହିତ ପ୍ରକ୍ରିୟା ଅନୁସାରେ ଅସୁଲଯୋଗ୍ୟ ହେବ.

ବିବାଦର **ନିଷ୍ପତି** କୁଳାଧିପତି ନେବେ ।

53. ବିଶ୍ୱବିଦ୍ୟାଳୟର କୌଣସି ପ୍ରାଧିକାରୀ ବା କମିଟିର ଜଣେ ସଦସ୍ୟ ଭାବେ ଜଣେ ବ୍ୟକ୍ତି ଯଥୋଚିତଭାବେ ମନୋନୀତ ବା ନିଯୁକ୍ତ ହୋଇଛନ୍ତି କିନାହିଁ ବା ସଦସ୍ୟ ହେବାକୁ ହକ୍‌ଦାର କି ନୁହଁନ୍ତି,ସେନେଇ ଏହି ଅଧିନିୟମ ବା କାନୁନ ,ଅଧ୍ୟାଦେଶ ବା ବିନିମୟର କୌଣସି ବ୍ୟବସ୍ଥାର ବ୍ୟାଖ୍ୟ ନେଇ ଯଦି କୌଣସି ବିବାଦ ଦେଖାଦିଏ ତେବେ ଉକ୍ତ ବିଷୟଟି ପ୍ରତ୍ୟକ୍ଷଭାବେ ପ୍ରଭାବିତ କୌଣସି ବ୍ୟକ୍ତି ବା ନିକାୟକଙ୍କ ଆବେଦନ କ୍ରମେ ବା କୁଳପତି ସ୍ୱତଃ **ପ୍ରବୃତ** ଭାବେ ,କୁଳାଧିପତିଙ୍କ ନିକଟକୁ ପଠାଇବେ, ଯେକି ଆବଶ୍ୟକ ବିବେଚିତ ହେବା ମତେ ସେପରି ପରାମର୍ଶ ଦେଇ ତଥା ରାଜ୍ୟ ସରକାରଙ୍କ ସହିତ ପରାମର୍ଶ କ୍ରମେ ଉକ୍ତ ପ୍ରଶ୍ନଟି ଉପରେ **ନିଷ୍ପତି** ନେବେ ଓ ଉକ୍ତ **ନିଷ୍ପତି** ଚୂଡାନ୍ତ ହେବ :

ପରନ୍ତୁ ବୋର୍ଡର ଅନ୍ୟୂନ ପଚିଶ ଭାଗ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ବରାଦକ୍ରମେହିଁ କୁଳାଧିପତିଙ୍କ ନିକଟକୁ କୁଳପତି ଉକ୍ତ ବିଷୟଟି ପଠାଇବେ ।

ସଦ୍‌ବିଶ୍ୱାସରେ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ସୁରକ୍ଷା ।

54. ଯଦି କୌଣସି କାର୍ଯ୍ୟ ସଦ୍‌ବିଶ୍ୱାସରେ କରାଯାଇଥିବା ବା କରିବାର ଅଭିପ୍ରାୟ ଥିବବା ଏହି ଅଧିନିୟମ ବା କାନୁନ୍, ଅଧ୍ୟାଦେଶ ,ବିନିୟମ ,ଉପବିଧି ଓ ତଦନୁଯାୟୀ ଦିଆଯାଇଥିବା ଆଦେଶର ଅନୁସରଣ କ୍ରମେ ସଦ୍‌ବିଶ୍ୱାସରେ କୌଣସି ଆଦେଶ ଦିଆଯାଇଥିବ, ତେବେ ବିଶ୍ୱବିଦ୍ୟାଳୟ ବା

ତାହାର ଅଧିକାର. ପ୍ରାଧିକାରୀ ବା ନିକାୟଗୁଡିକ ବିରୁଦ୍ଧରେ କୌଣସି ମକଦ୍ଦମା ବା ବିଧିକ କାର୍ଯ୍ୟବିଧି ବା କ୍ଷତି ଭରଣା ପାଇଁ ଦାବି କରାଯିବ ନାହିଁ ।

55. ଜଣେ କୁଳପତିଙ୍କ ନିଯୁକ୍ତିପାଇଁ କୁଳାଧିପତିଙ୍କ ଦ୍ୱାରା ଗଠିତ କମିଟି ସମେତ ବିଶ୍ୱବିଦ୍ୟାଳୟର ବୋର୍ଡ,ବିଦ୍ୟାପରିଷଦ ବା ଅନ୍ୟ କୌଣସି ପ୍ରାଧିକାରୀ ବା ବ୍ୟକ୍ତି ବା କମିଟିଙ୍କ କୌଣସି କାର୍ଯ୍ୟ ବା କାର୍ଯ୍ୟବିଧି କେବଳ ନିମ୍ନଲିଖିତ କାରଣରୁ କୌଣସି ସମୟରେ ଅବୈଧ ବିବେଚିତ ହେବନାହିଁ :-

(କ) ସେପରି ପ୍ରାଧିକାରୀ,ନିକାୟବା କମିଟିର କୌଣସି ସଦସ୍ୟ ଯଥୋଚିତ ଭାବେ ମନୋନୀତ, ନିଯୁକ୍ତ ହୋଇନାହାନ୍ତି ବା ଗଠନବେଳେ ଅନ୍ୟ କୌଣସି କାରଣରୁ ପଦଭାର ଗ୍ରହଣ କରିବାକୁ ଉପସ୍ଥିତ ନ ଥିଲେ ବା ତାହାର ବୈଠକରେ ଯୋଗଦେଇନଥିଲେ ବା ଜଣେ ବ୍ୟକ୍ତି ଏକାଧିକ ସାମର୍ଥ୍ୟରେ ଜଣେ ସଦସ୍ୟ ଅଟନ୍ତି ବା ତାହାର ଗଠନରେ କୌଣସି ତ୍ରୁଟି ରହିଛି ବା ତାହାର ସଦସ୍ୟ ପଦରେ ଏକ ବା ଏକାଧିକ ପଦ ଖାଲି ପଡଛି ; ବା

(ଖ) ସେପରି କୌଣସି ପ୍ରାଧିକାରୀ,ନିକାୟ ବା କମିଟିର ପ୍ରକ୍ରିୟାରେ କୌଣସି ଅନିୟମିତତା ରହିଛି, ଯାହାକି ବିଚାରଧୀନବିଷୟକୁପ୍ରଭାବିତ କରୁନଥିବ ।

ବିଶ୍ୱବିଦ୍ୟାଳୟର ପରୀକ୍ଷା ବେଳେ ଶିକ୍ଷକ, ଅଧିକାର ଓ କର୍ମଚାରୀ ମାନଙ୍କ କର୍ତବ୍ୟ ।

56. (1) ଏକ ସହବଦ୍ଧ ଅନୁଷ୍ଠାନର ଶିକ୍ଷକ ବା ଶିକ୍ଷାଦାନ ଭିନ୍ନ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା କର୍ମଚାରୀ ଓ ବିଶ୍ୱବିଦ୍ୟାଳୟର ଅଧିକାରୀ ବା ଅନ୍ୟାନ୍ୟ କର୍ମଚାରୀ, ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଏକ ପରୀକ୍ଷାରେ ବିଶ୍ୱବିଦ୍ୟାଳୟରସକ୍ଷମ ଅଧିକାରୀ ବା ପ୍ରାଧିକାରୀ ଯେପରି କରିବାକୁ ଆବଶ୍ୟକ କରିବେ ସେପରି କରିବେ ।

(2) ଯଦି ଏକ ସହବଦ୍ଧ ଅନୁଷ୍ଠାନର କୌଣସି ଶିକ୍ଷକ ବା ଅଣଶିକ୍ଷକ କର୍ମଚାରୀ ବା ବିଶ୍ୱବିଦ୍ୟାଳୟର କୌଣସି ଅଧିକାରୀ ବା ଅନ୍ୟାନ୍ୟ କର୍ମଚାରୀଙ୍କୁ ବିଶ୍ୱବିଦ୍ୟାଳୟର କୌଣସି ସକ୍ଷମ ଅଧିକାରୀ ବା ପ୍ରାଧିକାରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ କୌଣସି ପରୀକ୍ଷା ସଂପର୍କିତ କୌଣସି କାର୍ଯ୍ୟ କରିବାକୁ ଅବଶ୍ୟକ କରିବା **ସତ୍ତ୍ୱେ** ସେ ;-

(କ) ଏକ ସହବଦ୍ଧ ଅନୁଷ୍ଠାନର ଶିକ୍ଷକ ବା ଅଣଶିକ୍ଷକ କର୍ମଚାରୀଙ୍କ ସ୍ଥଳେ ଏତଦୁପଲକ୍ଷେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଧିକୃତ ହେବା ମତେ ଡାକ୍ତରୀ ଶୀକ୍ଷା ବା ଆୟୁଷର ନିର୍ଦ୍ଦେଶକ ପାହ୍ୟାର ନ୍ୟାନ ହୋଇନଥିବା ଜଣେ ଅଧିକାରୀଙ୍କ ହୃଦବୋଧ ହେବାଭଳି. ପର୍ଯ୍ୟାପ୍ତ କାରଣ ବିନା ସେପରି କାର୍ଯ୍ୟ କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି ; ଓ

(ଖ) ବିଶ୍ୱବିଦ୍ୟାଳୟର ଜଣେ ଅଧିକାରୀବା ଅନ୍ୟ କର୍ମଚାରୀଙ୍କ ସ୍ଥଳେ, କୁଳପତି ହୃଦ୍‌ବୋଧ ହେବା ଭଳି ପର୍ଯ୍ୟାପ୍ତ କାରଣ ବିନା ସେପରି କାର୍ଯ୍ୟ କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି ।

ତେବେ ତାଙ୍କ ବିରୁଦ୍ଧରେ ଅନ୍ୟ ଯେଉଁ ସବୁ କାର୍ଯ୍ୟାନୁଷ୍ଠାନ ହୋଇପାରେ ସେଥିପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନପକାଇ ତାଙ୍କଠାରୁ ପରୀକ୍ଷା ଆରମ୍ଭ ହେବା ତାରିଖଠାରୁ ଆଦେଶ ଦ୍ୱାରା ଦୁଇ ମାସର ବେତନ ଓ ଭତା ବାଜ୍ୟାପ୍ତ କରାଯିବ ।

ସ୍ପଷ୍ଟୀକରଣ :- ବିଶ୍ୱବିଦ୍ୟାଳୟର ସକ୍ଷମ ଅଧିକାରୀ ବା ପ୍ରାଧିକାରୀଙ୍କ ବରାଦ ଅନୁପାଳନ ନହେଲେ ତାହା ଏହି ଉପଧାରା ଉଦ୍ଦେଶ୍ୟରେ ପ୍ରତ୍ୟାଖାନ ବୋଲି ବିବେଚିତ ହେବ ।

(3) ତଦ୍ୱାରା ପ୍ରଭାବିତ ହେଉଥିବା ବ୍ୟକ୍ତିଙ୍କୁ ଶୁଣାଣୀର ଏକ ସୁଯୋଗ ନଦେଇ ଉପଧାରା (2) ଅନୁଯାୟୀ କୌଣସି ବ୍ୟାଜ୍ୟାପ୍ତିକରଣ ଆଦେଶ ଦିଆଯିବନାହିଁ ।

(4) ଉପଧାରା (2) ରେ ସୂଚୀତ ଏକ ଆଦେଶରେ କ୍ଷୁବ୍ଧ କୌଣସି ବ୍ୟକ୍ତି , ଯେଉଁ ତାରିଖରେ ତାଙ୍କ ଉପରେ ସେପରି ଆଦେଶର ଏକ ନକଲ ଜାରି ହେବ ସେହି ତାରିଖରୁ ଷାଠିଏ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ନିକଟରେ ଅପିଲ କରିପାରିବେ ଓ ରାଜ୍ୟ ସରକାର ପକ୍ଷମାନଙ୍କୁ ଶୁଣାଣୀର ଏକ ସୁଯୋଗ ଦେଇ ଓ ଆବଶ୍ୟକ ହେବା ମତେ ସେପରି ଅଧିକତର ତଦନ୍ତ କରିବା ପରେ ତହିଁରେ ଉଚିତ୍ ମନେ କରିବା ମତେ ଆଦେଶ କରିପାରିବେ ।

ସେବା ସର୍ତ୍ତାବଳୀ

57. (1) ଏହି ଅଧିନିୟମ ଦ୍ୱାରା ବା ଅନୁଯାୟୀ ଅନ୍ୟଥା ବ୍ୟବସ୍ଥା ହୋଇଥିବା ବ୍ୟତିରେକେ , ବିଶ୍ୱବିଦ୍ୟାଳୟର ବେତନ ପାଉଥିବା ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କ ସେବାର ସର୍ତ୍ତାବଳୀ ସେ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ନିୟମାବଳୀ ଦ୍ୱାରା ବିନିୟମତ ହେବ ଓ ସେମାନେ ଏକ ଲିଖିତ ଆଦେଶ ଦ୍ୱାରା ନିଯୁକ୍ତି ପାଇବେ ।

(2) ରେଜିଷ୍ଟରରେ ଲିଖିତ ଆଦେଶ ରଖାଯିବ ଓ ତାହାର ଏକ ନକଲ ସଂପୃକ୍ତଅଧିକାରୀ ବା କର୍ମଚାରୀଙ୍କୁ ଦିଆଯିବ ।

ବିଶ୍ୱବିଦ୍ୟାଳୟକୁ ନିରୀକ୍ଷଣ କରାଇବା ସକାଶେ ରାଜ୍ୟ ସରକାରଙ୍କ କ୍ଷମତା ।

58. (1) ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ମତେ ସେପରି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ତାହାର କୋଠାବାଡି, ଗବେଷଣାଗାର, ଗ୍ରନ୍ଥାଗାର, ଚିକିତ୍ସାଳୟଓ ଉପକରଣ

ଓ ସେହି ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ, ଅନୁମୋଦିତ ବା ସହବନ୍ଧ କୌଣସି ଅନୁଷ୍ଠାନ ବା ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଉଥିବା କୌଣସି କାର୍ଯ୍ୟର ନିରୀକ୍ଷଣ ଓ ବିଶ୍ୱବଦ୍ୟାଳୟ ସଂପର୍କିତ କୌଣସି ବିଷୟର ତଦନ୍ତ କରାଇବାର ଅଧିକାର ରହିବ ।

(2) ଉପଧାରା (1) ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ରାଜ୍ୟ ସରକାର ସେପରି ନିରୀକ୍ଷଣ ବା ତଦନ୍ତ କରାଇବା ସକାଶେ ତାଙ୍କ ଅଭିପ୍ରାୟ ଜଣାଇ ବିଶ୍ୱବିଦ୍ୟାଳୟକୁ ଏକ ନୋଟିସ ଦେବେ ଓ ତା ଉପରେ ଆବେଦନ କରିବାକୁ ବିଶ୍ୱବିଦ୍ୟାଳୟ ହକ୍‌ଦାର ହେବେ ।

(3) ଉପଧାରା(1) ଅନୁଯାୟୀ କରାଯାଇଥିବା ନିରୀକ୍ଷଣ ବା ତଦନ୍ତରୁ ଯାହା ଫଳାଫଳ ଜଣାପଡିବ ତାହା ରାଜ୍ୟ ସରକାର ବୋର୍ଡକୁ ଜଣାଇବେ ଓ ତା ଉପରେ ବୋର୍ଡଙ୍କ ମତାମତ ଜାଣିଲା ପରେ ତାହାଙ୍କ ମତାମତ ବୋର୍ଡଙ୍କୁ ଜଣାଇବେ ।

(4) ଉପଧାରା (1) ଅନୁଯାୟୀ କରାଯାଇଥିବା ନିରୀକ୍ଷଣ ବା ତଦନ୍ତର ଫଳାଫଳ ଉପରେ ବୋର୍ଡଙ୍କ ମତାମତ ବିଚାର କଲାପରେ ରାଜ୍ୟ ସରକାର ଉକ୍ତ ବିଷୟରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ବିଶ୍ୱବିଦ୍ୟାଳୟକୁ ପରାମର୍ଶ ଦେବେ ।

(5) ଉପଧାରା (1) ଅନୁଯାୟୀ କରାଯାଇଥିବା ନିରୀକ୍ଷଣ ବା ତଦନ୍ତର ଫଳାଫଳ ଉପରେ ବୋର୍ଡ ଯଦି କୌଣସି କାର୍ଯ୍ୟନୁଷ୍ଠାନ ନେବା ପାଇଁ ପ୍ରସ୍ତାବ କରିଥାନ୍ତି ବା ନେଇଥାନ୍ତି ତେବେ ତାହା ରାଜ୍ୟ ସରକାରଙ୍କୁ ରିପୋର୍ଟ କରିବେ ।

(6) ରାଜ୍ୟ ସରକାର ଯେପରି ନିର୍ଦ୍ଦେଶ ଦେବେ ସେପରି ସମୟସୀମା ମଧ୍ୟରେ ବୋର୍ଡଙ୍କ ମତାମତ ସହିତ ଉପଧାରା (5) ଅନୁଯାୟୀ ଏକ ରିପୋର୍ଟ ଦିଆଯିବ ।

(7) ରାଜ୍ୟ ସରକାରଙ୍କ ହୃଦ୍‌ବୋଧ ହେବାଭଳିଉପଧାରା (4) ରେ ସୂଚୀତ କାର୍ଯ୍ୟନୁଷ୍ଠାନ ଯଦି ବୋର୍ଡ ଏକ ଯୁକ୍ତିଯୁକ୍ତି ସମୟ ମଧ୍ୟରେ ନ ନିଅନ୍ତି ତେବେ, ଉକ୍ତ ବିଷୟରେ ବୋର୍ଡ ଯଦି କୌଣସି ସ୍ପଷ୍ଟୀକରଣ ଦେଇଥିବ ବା ଆବେଦନ କରିଥିବ ତେବେ ତାହା ବିଚାରକଲାପରେ ରାଜ୍ୟ ସରକାର ଉଚିତ୍ ମନେ କରିବା ମତେ ସେପରି ନିର୍ଦ୍ଦେଶମାନ ଦେଇପାରିବେ ଓ ବୋର୍ଡ ତାହା ଅନୁପାଳନ କରିବେ ।

## ଅଧ୍ୟାୟ XII

## ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା

ମଧ୍ୟବର୍ତ୍ତୀ କାଳୀନ ବ୍ୟବସ୍ଥା

59. (1) ଏହି ଅଧିନିୟମର ପ୍ରାରମ୍ଭଠାରୁ ଛଅମାସ ମଧ୍ୟରେ ବା ରାଜ୍ୟ ସରକାର ଅଧିସୂଚନା ଦ୍ୱାରା ନିର୍ଦ୍ଦେଶ ଦେବା ମତେ ଏକ ବର୍ଷରୁ ଅଧିକ ହେଉନଥିବାସେପରି ଅଧିକ କାଳାବଧି ମଧ୍ୟରେ

ବୋର୍ଡ ବା ବିଶ୍ୱବିଦ୍ୟାଳୟ ର ଅନ୍ୟାନ୍ୟ ପ୍ରାଧିକାରୀ ମାନ ଗଠନ କରିବା ପାଇଁ ବ୍ୟବସ୍ଥା କରିବା, ଏହି ଅଧିନିୟମ ଅନୁଯାୟୀ ନିଯୁକ୍ତ ପ୍ରଥମ କୁଳପତିଙ୍କ **କର୍ତ୍ତବ୍ୟ**ଅଟେ ।

(2) ଏହି ଅଧିନିୟମରେ ଯାହାକିଛି ଥିବା **ସତ୍ତ୍ୱେ** ଓ ଏହି ଅଧିନିୟମ ଅନୁଯାୟୀ ଏକ ପ୍ରାଧିକାରୀ ଯଥୋଚିତ ଭାବେ ଗଠିତ ନହେବା ପର୍ଯ୍ୟନ୍ତ , ଏହି ଅଧିନିୟମ ଅନୁଯାୟୀ ସେପରି ପ୍ରାଧିକାରୀ ଯେଉଁସବୁ କ୍ଷମତା ପ୍ରୟୋଗ କରିବା ବା **କର୍ତ୍ତବ୍ୟ** ସଂପାଦନ କରିବା କଥା ସେହିସବୁ କ୍ଷମତା ପ୍ରୟୋଗ କରିବା ଓ **କର୍ତ୍ତବ୍ୟ** ସଂପାଦନ କରିବା ସକାଶେ ପ୍ରଥମ କୁଳପତି ଅସ୍ଥାୟୀ ଭାବେ କୌଣସି ଅଧିକାରୀଙ୍କୁ ନିଯୁକ୍ତ କରିପାରିବେ ବା କମିଟି ଗଠନ କରିପାରିବେ ।

ବ୍ୟାବୃତି । 60. (1) ଅନ୍ୟ ବିଶ୍ୱବିଦ୍ୟାଳୟଗୁଡିକରୁ ସହବନ୍ଧନ ଛିନ୍ନ କରି ଧାରା 34 ର ବ୍ୟବସ୍ଥାଗୁଡିକ ଅନୁଯାୟୀ ବିଶ୍ୱବିଦ୍ୟାଳୟରେ ସହବଦ୍ଧ ହୋଇଥିବା ମହାବିଦ୍ୟାଳୟ , ଅନୁଷ୍ଠାନଗୁଡିକ ପ୍ରତି ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ 1989 ର ବ୍ୟବସ୍ଥାଗୁଡିକ, ନିୟତ ତାରିଖଠାରୁ ଆଉ ଲାଗୁ ହେବ ନାହିଁ ।

(2). ସେପରି ଲାଗୁ ନ ହେଲେ ମଧ ତାହା ନିମ୍ନଲିଖିତ କ୍ଷେତ୍ରରେ କୌଣସି ପ୍ରଭାବ ପକାଇବନାହିଁ:---

(କ) ଉକ୍ତ ଅଧିନିୟମର ପୂର୍ବ କାର୍ଯ୍ୟକାରିତା, ବା

(ଖ) ସେହି ଅଧିନିୟମ ଅନୁଯାୟୀ ଘଟିଥିବା କୌଣସି ଅପରାଧ ଯୋଗୁଁ ହୋଇଥିବା କୌଣସି ଶାସ୍ତି ,ବାଜ୍ୟାପ୍ତି ବା ଦଣ୍ଡାଦେଶ

(ଗ) ସେପରି କୌଣସି ଶାସ୍ତି ,ବାଜ୍ୟାପ୍ତି ବା ଦଣ୍ଡାଦେଶ ସଂବନ୍ଧରେ କୌଣସି ଅନୁସଂଧାନ,ବିଧିକ କାର୍ଯ୍ୟବିଧି ବା ପ୍ରତିକାର ଦାଏର ବା ଚାଲୁ ବା ହୋଇ ପାରିବ ଓ ସେପରି ଶାସ୍ତି ,ବାଜ୍ୟାପ୍ତି ବା ଦଣ୍ଡାଦେଶ ଆରୋପିତ ହୋଇପାରିବ, ସତେ ଯେପରକି ଏହି ଅଧିନିୟମ ପାରିତ ହୋଇନାହିଁ ।

ସଂନ୍ଦେହ ଓ ଅସୁବିଧା ଗୁଡିକ ଦୂରୀକରଣ । 61. (1) ଏହି ଅଧିନିୟମର ଉକ୍ତ ସଂନ୍ଦେହ ବା ଅସୁବିଧା ଦୂର କରିବା ପାଇଁ ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କଲାବେଳେ ଯଦି କୌଣସି ଅସୁବିଧା ହୁଏ ତେବେ, ରାଜ୍ୟ ସରକାର ଯେପରି ଆବଶ୍ୟକ ବା ସମୀଚିନ ମନେ କରିବେ ଏହି ଅଧିନିୟମର ପ୍ରାରମ୍ଭ ତାରିଖଠାରୁ ଦୁଇବର୍ଷ ମଧରେ ଓଡିଶା ଗେଜେଟରେପ୍ରକାଶିତ ଆଦେଶ ଦ୍ୱାରା ଏହି ଅଧିନିୟମର ଅସଙ୍ଗତ ହେଉନଥିବା ସେପରି ବ୍ୟବସ୍ଥାମାନ କରିପାରିବେ ।

(2) ଏହି ଧାରା ଅନୁଯାୟୀ ଦିଆଯାଇଥିବା ପ୍ରତ୍ୟେକ ଆଦେଶ, ତାହା ଦିଆଯିବା ପରେ ଯଥା ସମ୍ଭବ ଶୀଘ୍ର ରାଜ୍ୟ ବିଧାନମଣ୍ଡଳଙ୍କ ସପକ୍ଷରେ ଉପସ୍ଥାପିତ ହେବ ।